
'କ୍ୱିନ୍ ୨'ରେ କଙ୍ଗନା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-276 ◆SATURDAY ◆04 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭୬ ◆ଶନିବାର ◆୦୪ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଚିନ୍ତାରେ ଟ୍ରମ୍ପ
# ଏଫ୍-୩୫ ଖସାଇଲା ଇରାନ

■ ତେହରାନ, ୩।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ୩୫ ଦିନରେ ପହଞ୍ଚିଥିବା ବେଳେ ଇରାନ ଆଜି ଆମେରିକାକୁ ପୁଣି ବଡ଼ ଧରଣର ଝଟକା ଦେଇଛି। ଇରାନ ପକ୍ଷରୁ ଦାବି କରାଯାଇଛି ଯେ କ୍ଷେପଣାସ୍ତ୍ର ମାଡ଼ କରି ଆମେରିକାର ଅତ୍ୟାଧୁନିକ ଏଫ-୩୫ ଷ୍ଟିଲ୍‌ଥ ଲଢୁଆ ବିମାନକୁ ଖାସାଇଦେଇଛି। ଏହାର ପାଇଲଟ ପାରାଚୁଟ୍ ଜରିଆରେ ଓହ୍ଲାଇଛନ୍ତି। ତାଙ୍କୁ ଧରିବା ଲାଗି ଇରାନରେ ବଡ଼ଧରଣର ଅଭିଯାନ ଆରମ୍ଭ ହୋଇଛି। ଇରାନ ଏହି ଯୁଦ୍ଧ ବିମାନ ଖସାଇଥିବା ନେଇ ଆମେରିକା ସ୍ୱୀକାର କରିବା ସହ ପାଇଲଟ୍ ନିଖୋଜ ଥିବା କହିଛି। ଅନ୍ୟପକ୍ଷରେ ପାଇଲଟ୍‌ଙ୍କୁ ଖୋଜୁଥିବା ଆମେରିକାର 'ବ୍ଲାକ୍ ହକ୍' ହେଲିକପ୍ଟରକୁ ମଧ୍ୟ ଇରାନ ରକେଟ୍ ମାଡ଼କରି ଖସାଇଦେଇଛି।



ଇରାନର ସର୍ବବୃହତ ସେତୁ ଧ୍ୱଂସ କଲା ଆମେରିକା

ଉପସାଗରୀୟ ଦେଶଗୁଡ଼ିକର ୮ ସେତୁ ଉପରେ ଆକ୍ରମଣ ପାଇଁ ଇରାନର ଚେତାବନୀ

୭ଟି ଏୟାରବେସ୍ ଓ ବୈଷୟିକ କେନ୍ଦ୍ର ଉପରେ ଆକ୍ରମଣ

ଇରାନର ଆଇଆରଜିସି ପକ୍ଷରୁ କୁହାଯାଇଛି ଯେ, ମଧ୍ୟ-ଇରାନର ଆକାଶମାର୍ଗରେ ଏକ ନୂତନ ଏବଂ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର କରି ଏହି ବିମାନକୁ ଆକ୍ରମଣ କରାଯାଇଥିଲା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ସେମାନଙ୍କ ଦ୍ୱାରା ଖସାଯାଇଥିବା ଏହା ଦ୍ୱିତୀୟ ଏଫ୍-୩୫ ବିମାନ। ବିମାନଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାରୁ ପାଇଲଟ ବଞ୍ଚିଥିବା ସମ୍ଭାବନା ଅତ୍ୟନ୍ତ କମ୍ ରହିଛି ବୋଲି ଆଇଆରଜିସି ତରଫରୁ କୁହାଯାଇଛି। ଅପରପକ୍ଷରେ ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ବର୍ତ୍ତମାନ ସୁଦ୍ଧା ଏହି ଘଟଣାକୁ ନେଇ କୌଣସି ନିଶ୍ଚିତ ସୂଚନା ଦେଇନାହିଁ। ଗତମାସରେ ଆମେରିକା ସ୍ୱୀକାର କରିଥିଲା ଯେ, ଏକ ଏଫ୍-୩୫ ବିମାନ ଇରାନ ଉପରେ କାର୍ଯ୍ୟାନୁଷ୍ଠାନ ସମୟରେ ଜରୁରୀକାଳୀନ ଅବତରଣ କରିଥିଲା। କିନ୍ତୁ ପାଇଲଟ ସୁରକ୍ଷିତ ଥିଲେ। ଆମେରିକା ଓ ଇସ୍ରାଏଲ ବିମାନ ଆକ୍ରମଣରେ ଇରାନର ରାଜଧାନୀ ତେହରାନ ନିକଟସ୍ଥ କରାଜଠାରେ ଥିବା ବିଶାଳକାୟ ବି୧ ବ୍ରିଜ ତଥା ସେତୁ ଧ୍ୱଂସ ହେବା ପରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଛି। ଏହାର ପ୍ରତିଶୋଧ ନେବା ପାଇଁ ଇରାନ ପକ୍ଷରୁ ଉପସାଗରୀୟ ଦେଶ ତଥ ଅଞ୍ଚଳରେ ଥିବା ୮ଟି ପ୍ରମୁଖ ବ୍ରିଜ୍‌ର ହିଟ୍ ଲିଷ୍ଟ ଜାରି କରିଛି। ଆମେରିକା- ଇସ୍ରାଏଲର ଏକ ସୂକ୍ଷ୍ମ ଆକ୍ରମଣରେ ଇରାନର ଏହି ବୃହତ୍ତମ ବ୍ରିଜ ଦୁଇଭାଗରେ ଭାଙ୍ଗିଯାଇଛି। ଏହା ତେହରାନକୁ ଅନ୍ୟାନ୍ୟ ଅଞ୍ଚଳ ସହ ଯୋଡୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଥିଲା। ଏହି ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୯୫ଜଣ ଆହତ ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ▶ପୃଷ୍ଠା-୭

### ତୈଳ ଜାହାଜ ପାଇଁ ଜମା ହୋଇପାରିଲାନି ଟଙ୍କା
# ଭାରତ ଆସୁଥିଲା; ଚୀନ୍‌କୁ ପଳାଇଲା



■ ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ଭାରତକୁ ଆଶୋଧିତ ତୈଳ ନେଇ ଆସୁଥିବା ଇରାନର ଏକ ବିଶାଳକାୟ ଜାହାଜ 'ପିଙ୍ଗ ଶୁନ' ହଠାତ ନିଜର ଗତିପଥ ବଦଳାଇଛି। ଗୁଜରାଟର ବାଡ଼ିନାର ବନ୍ଦରକୁ ଆସୁଥିବା ଏହି ଜାହାଜଟି ଏବେ ଚୀନ୍‌ର ଦୋଙ୍ଗୟିଙ୍ଗ୍ ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ୨୦୧୯ ପରଠାରୁ ଭାରତ ଇରାନଠାରୁ ତୈଳ ଆମଦାନୀ ବନ୍ଦ କରିଥିଲା। ଆମେରିକା ପକ୍ଷରୁ ନିକଟରେ ମିଳିଥିବା କୋହଳ ନିୟମ ଯୋଗୁଁ ପ୍ରାୟ ୭ ବର୍ଷ ପରେ ପ୍ରଥମଥର ପାଇଁ ଏହି ତୈଳ କାର୍ଗୋ ଭାରତ ଆସିବାର ଥିଲା। 'ପିଙ୍ଗ ଶୁନ' ନାମକ ଏହି ଆଫ୍ରାମ୍ୟାକ୍ସ ଟ୍ୟାଙ୍କରଟି ୨୦୦୨ରେ ନିର୍ମିତ ହୋଇଥିଲା। ଏହା ଉପରେ ୨୦୨୫ରେ ଆମେରିକା ପ୍ରତିବନ୍ଧକ ଲଗାଇଥିଲା। ଏଥିରେ ପ୍ରାୟ ୬ ଲକ୍ଷ ବ୍ୟାରେଲର ଆଶୋଧିତ ତୈଳ ରହିଛି। ସାମୁଦ୍ରିକ ତଥ୍ୟ ବିଶ୍ଳେଷଣକାରୀ ସଂସ୍ଥା 'କେପଲର' ଅନୁଯାୟୀ, ଅର୍ଥ ପୈଠ ଜନିତ ସମସ୍ୟା ଯୋଗୁଁ ଏହି ଜାହାଜ ଦିଗ ପରିବର୍ତ୍ତନ କରିଥାଇପାରେ। ଇରାନୀ ବିକ୍ରେତାମାନେ ଏବେ ପୂର୍ବଭଳି ୩୦-୬୦ ଦିନିଆ ଋଣ ବଦଳରେ ତୁରନ୍ତ ▶ପୃଷ୍ଠା-୭

# ଡବଲ ଇଞ୍ଜିନରେ ଦୋହରା ଦୁଃଖ
## ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ଜୋନ୍ ପୁନର୍ଗଠିତ

■ ଭୁବନେଶ୍ୱର, ୩।୪ (ସମିସ): କେନ୍ଦ୍ର ସରକାରଙ୍କ ଆନ୍ଧ୍ର ପ୍ରୀତି ସର୍ବଦା ଓଡ଼ିଶା ପାଇଁ ଅଭିଶାପ ପାଲଟିଛି। ପୂର୍ବରୁ ପୋଲାଭରମ୍ ପ୍ରକଳ୍ପ କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି ଓ ନିକଟରେ ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ରେଳ ଜୋନ ଗଠନ ଡ଼ବଲ ଇଞ୍ଜିନ୍ ସରକାରରେ ଓଡ଼ିଶାର ଦୁଃଖକୁ ଦୋହରା କରିଛି। ୨୦୨୫ ଜାନୁଆରୀରେ ଦକ୍ଷିଣ ତଟ ରେଳ ଜୋନ୍ ଗଠନ ନିମନ୍ତେ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଲା ଓ ଏହା ସହ ପୂର୍ବତଟ ରେଳବାଇରୁ ୱାଲଟିୟର ଡ଼ିଭିଜନକୁ ଅପସାରଣ କରାଯାଇ ଦକ୍ଷିଣତଟ ରେଳ ଜୋନରେ ସାମଲ ଘୋଷଣା କରାଗଲା। ବର୍ତ୍ତମାନ ସୁଦ୍ଧା ଦକ୍ଷିଣତଟ ରେଳଜୋନ୍ ଗଠନ ନେଇ

**ୱାଲଟିୟର ଡିଭିଜନ ଯାଇଥିଲା, ଏବେ ଗଲା ଦୁଇଟି ସେକ୍ସନ**

**ପଲାସା-ଇଚ୍ଛାପୁରମ୍ ସେକ୍ସନ ପ୍ରତ୍ୟାହାର ପାଇଁ କେନ୍ଦ୍ରର ନିଷ୍ପତ୍ତି**

**ଯେ କୌଣସି ମୁହୂର୍ତ୍ତରେ ପୂର୍ଣ୍ଣାଙ୍ଗ ଦକ୍ଷିଣତଟ ରେଳଜୋନ୍ ବିଜ୍ଞପ୍ତି**

**ରାଜ୍ୟରେ ତୀବ୍ର ବିରୋଧ; ୨୦ ବିଜେପି ସାଂସଦଙ୍କ ତୁଣ୍ଡରେ ତୁଣ୍ଡି**

ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ବିଶାଖାପାଟଣାରେ ଦକ୍ଷିଣତଟ ରେଳ ଜୋନ୍ ମହାପ୍ରବନ୍ଧକ ସଞ୍ଜୟକୁମାର ଶ୍ରୀବାସ୍ତବ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଯେ କୌଣସି ମୁହୂର୍ତ୍ତରେ ପୂର୍ଣ୍ଣାଙ୍ଗ ଜୋନ୍ ଗଠନ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି ଘୋଷଣା କରିଛନ୍ତି। ମାତ୍ର ୱାଲଟିୟର ଡ଼ିଭିଜନକୁ ପ୍ରତ୍ୟାହାର କରି ପୂର୍ବରୁ ଓଡ଼ିଶାକୁ ରାୟଗଡ଼ା ଡ଼ିଭିଜନ ଲଲିପପ୍ ଧରାଇଥିବା ରେଳ ମନ୍ତ୍ରଣାଳୟ ଏବେ ପୂର୍ବତଟ ରେଳବାଇ ଅଧୀନସ୍ଥ ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପ୍ରସ୍ତାବିତ ଦକ୍ଷିଣତଟ ରେଳବାଇରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ବିଡ଼ମ୍ବନା ହେଉଛି ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଅଛନ୍ତି; ବିଜେପିର ୨୦ ସାଂସଦ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି । ମାତ୍ର ଏହି ପ୍ରସଙ୍ଗରେ ଓଡ଼ିଶାର ବିଜେପି ସାଂସଦ, ରାଜ୍ୟ ବିଜେପି ସରକାର ତୁଣ୍ଡ ଖୋଲୁନାହାନ୍ତି।

ସାରା ଦେଶରେ ରେଳବାଇର ୧୭ ଡ଼ିଭିଜନ ମଧ୍ୟରୁ ମାତ୍ର ୧୦ଟି ଡ଼ିଭିଜନ ଲାଭରେ ଚାଲୁଛି ଓ ଏହା ମଧ୍ୟରୁ ସର୍ବାଧିକ ଲାଭ ଦେଉଛି ପୂର୍ବତଟ ରେଳବାଇ। ଅନ୍ୟ ଡ଼ିଭିଜନରେ ୧୦୦ ଟଙ୍କା ଆୟ ନିମନ୍ତେ ରେଳବାଇକୁ ୧୦୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ପୂର୍ବତଟ ରେଳବାଇରେ ୧୦୦ ଟଙ୍କା ଆୟ ପାଇଁ ରେଳବାଇକୁ ମାତ୍ର ୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୧୯୯୮ରେ ଗଠନ ହୋଇଥିବା ପୂର୍ବତଟ ରେଳବାଇ ଇତିମଧ୍ୟରେ ▶ପୃଷ୍ଠା-୭

### ଦେଶର ୧୦ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ୪
# ଝାରସୁଗୁଡ଼ା ସବୁଠୁ ତତଲା

■ ଭୁବନେଶ୍ୱର, ୩।୪ (ସମିସ): ମାର୍ଚ୍ଚ ମାସରେ ତାପମାତ୍ରା ବୃଦ୍ଧିକୁ କାଳବୈଶାଖି ଜନିତ ବର୍ଷା ବାଧା ଦେଇଥିଲା। ଏପ୍ରିଲ ଆରମ୍ଭରୁ ତାଉ ଦେଖାଇଛି ତାତି। ଶୁକ୍ରବାର ରାଜ୍ୟର ୯ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୧.୬ ଡିଗ୍ରୀ ତାତି ସହ ଝାରସୁଗୁଡ଼ା ସାରା ଦେଶରେ ସବୁଠୁ ଉତ୍ତପ୍ତ ଅଞ୍ଚଳ ପାଲଟିଛି। ଦେଶର ୧୦ଟି ତତଲା ଅଞ୍ଚଳ ମଧ୍ୟରେ ଓଡ଼ିଶାରୁ ୪ଟି ଅଞ୍ଚଳ ଅନୁଗୋଳ, ଟିଟିଲାଗଡ଼ ଓ ବଲାଙ୍ଗିର ସ୍ଥାନ ପାଇଛି। ଆଜି ଅନୁଗୋଳରେ ୪୦.୭ ଡ଼ିଗ୍ରୀ, ଟିଟିଲାଗଡ଼ରେ ୪୦.୫ ଓ ବଲାଙ୍ଗୀରରେ ୪୦.୩ ଡ଼ିଗ୍ରୀ ତାପମାତ୍ରା ରେକଡର୍ କରାଯାଇଛି।



**୪୦ ଡିଗ୍ରୀ ଟପିଲା ରାଜ୍ୟର ୯ ସହର ତାପମାତ୍ରା**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭଦ୍ରକରେ ଶୁକ୍ରବାର ତାପମାତ୍ରା ୪୦.୫ରେ ପହଞ୍ଚିଛି। ସେହିପରି ହୀରାକୁଦରେ ୪୦.୪, ପାରଳାଖେମୁଣ୍ଡି, ସମ୍ବଲପୁର ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ଓ ଖରାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅଧିକ ଗୁଲୁଗୁଳି ହେବା ଆଶଙ୍କା ରହିଛି । ରାଜ୍ୟରେ ଆଗକୁ ଏହି ସ୍ଥିତି ସହ ଅପରାହ୍ନ ପରେ କାଳବୈଶାଖୀ ଜନିତ ବର୍ଷା ଓ ପବନ ହୋଇପାରେ ବୋଲି କୁହାଯାଇଛି। ୪ ତାରିଖଠାରୁ ଏହାର ପ୍ରଭାବ କିଛି କିଛି ଜିଲ୍ଲାରେ ଅନୁଭୂତ ହେବ ଏବଂ ୬ ଓ ୭ ତାରିଖରେ ଏହାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଶନିବାର ଓ ରବିବାର ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜାଗାରେ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ତେବେ ୬ ଓ ୭ ତାରିଖରେ ବର୍ଷାର ପ୍ରଭାବ ଅଧିକ ଜିଲ୍ଲାରେ ପଡ଼ିବା ସହ ପବନର ବେଗ ମଧ୍ୟ ବୃଦ୍ଧି ପାଇ ୪୦-୫୦ କିମି ପର୍ଯ୍ୟନ୍ତ ରହିପାରେ। ଏହି ସମୟରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଅଧିକ ରହିବ ଓ କିଛି କିଛି ସ୍ଥାନରେ କୁଆପଥର ମଧ୍ୟ ପଡ଼ିବାର ଆଶଙ୍କା ରହିଛି।

# ନୌସେନାରେ ଅରିଦମନ




■ ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ଭାରତୀୟ ସାମରିକ ଶକ୍ତିରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ଶୁକ୍ରବାର ଦିନ ଭାରତୀୟ ନୌସେନାରେ ତୃତୀୟ ପାରମାଣବିକ ବାଲିଷ୍ଟିକ ମିସାଇଲ ସବମାରିନ (ଏସ୍ଏସ୍‌ବିଏନ୍) 'ଆଇଏନ୍ଏସ୍ ଅରିଦମନ'କୁ ସାମିଲ କରାଯାଇଛି। ଏହା ପୂର୍ବରୁ ଆଇଏନ୍ଏସ୍ ଅରିହନ୍ତ (୨୦୧୬) ଓ ଆଇଏନ୍ଏସ୍ ଅରିଘାତ (୨୦୨୪ ଅଗଷ୍ଟ) ନୌସେନାରେ କାର୍ଯ୍ୟ କରୁଛନ୍ତି। କେରଳର ନୌସେନା ବାସଘାଟିରେ ଆୟୋଜିତ ଏକ ଗୁପ୍ତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ଥିଲେ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ▶ପୃଷ୍ଠା-୭

**ଭାରତକୁ ମିଳିଲା ତୃତୀୟ ପାରମାଣବିକ ବୁଡ଼ା ଜାହାଜ**

### ସ୍କିମାଟିକ୍ ଶିକ୍ଷକ ନିୟମିତ ହେବା ପରେ ବିଗିଡ଼ିଗଲା ଗଣିତ
# କନିଷ୍ଠ ହୋଇଗଲେ ବରିଷ୍ଠ

■ ଭୁବନେଶ୍ୱର, ୩।୪ (ସମିସ): ସ୍କିମାଟିକ୍ ଶିକ୍ଷକଙ୍କୁ ସରକାର ନିୟମିତ କରିବା ପରେ ବିଗିଡ଼ିଯାଇଛି ଗଣିତ। ପୂର୍ବରୁ ୬ ବର୍ଷ ଠିକା ଭିତ୍ତିରେ ଚାକିରି କରିଥିବା ଶିକ୍ଷକମାନେ କନିଷ୍ଠ ଏବଂ ମାତ୍ର ଦେଢ଼ ବର୍ଷ ପୂର୍ବରୁ ନିଯୁକ୍ତି ପାଇଥିବା ସ୍କିମାଟିକ୍ ଶିକ୍ଷକମାନେ ବରିଷ୍ଠ ହୋଇଯାଇଛନ୍ତି। ଦୀର୍ଘ ଦିନ ଚାକିରି କରିବା ପରେ ସରକାରଙ୍କ ନିଷ୍ପତ୍ତି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହା ପେ' ପ୍ରୋଟେକସନ୍ ଆକ୍ଟର ଖୋଲା ଉଲଙ୍ଘନ ବୋଲି ବଞ୍ଚିତ ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

୨୦୧୬ ମସିହାରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୧୮ ରେ କନିଷ୍ଠ ଶିକ୍ଷକ ନିଯୁକ୍ତି ହୋଇଥିଲା। ସମୁଦାୟ ୧୪,୦୮୭ଟି ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ହୋଇଥିବାବେଳେ ପ୍ରାୟ ୧୦ହଜାର ପ୍ରାର୍ଥୀ ନିଯୁକ୍ତି ପାଇଲେ। ଦିବ୍ୟାଙ୍ଗ ଆଶାୟୀଙ୍କ ସମେତ ବିଭିନ୍ନ କୋଟା ଏବଂ କୋର୍ଟ କେସ୍ ଜିତିବା ପରେ ସେହି ସମାନ ବ୍ୟାଚ୍‌ରେ ପରବର୍ତ୍ତୀ ସମୟ ଅର୍ଥାତ୍ ୨୦୧୯ରେ ଆଉ ପ୍ରାୟ ୩୫୦ ଜଣ ନିଯୁକ୍ତି ପାଇଲେ। ୨୦୧୮ରେ ନିଯୁକ୍ତ ଶିକ୍ଷକଶିକ୍ଷୟତ୍ରୀମାନେ ୬ ବର୍ଷ ଠିକା କାର୍ଯ୍ୟକାଳ ପୂରଣ କରିବା ପରେ ୨୦୨୪ ଏପ୍ରିଲ୍- ମେ ମାସରେ ରେଗୁଲାର୍ ହୋଇଛନ୍ତି। ସେହିପରି ୨୦୧୯ରେ ନିଯୁକ୍ତ ପ୍ରାର୍ଥୀ ୬ ବର୍ଷ ପରେ ଅର୍ଥାତ୍ ୨୦୨୫ ଡିସେମ୍ବର-ଜାନୁଆରୀରେ ରେଗୁଲାର୍ ହୋଇଛନ୍ତି। ମାତ୍ର ୨୦୨୪ ଅକ୍ଟୋବରରେ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଶିକ୍ଷୟତ୍ରୀଙ୍କୁ ଚାକିରି ପାଇବା ଦିନଠାରୁ ହିଁ ନିୟମିତ କରିବାକୁ ଗତକାଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ଗଣିତ ବିଗିଡ଼ି ଯାଇଛି। ନିୟମିତ ହେବା ତାରିଖ ଭିତ୍ତିରେ ଦୀର୍ଘ ୬ ବର୍ଷ କାଳ ସ୍ୱଳ୍ପ ଦରମାରେ ଚାକିରି କରିଥିବା ଶିକ୍ଷକମାନେ କନିଷ୍ଠ ହୋଇଯାଇଛନ୍ତି।

ପେ' ପ୍ରୋଟେକସନ୍ ଆକ୍ଟ ଅନୁଯାୟୀ, ଚାକିରିରେ ଯୋଗଦେବା ଦିନ ଅନୁସାରେ ବରିଷ୍ଠତା ମିଳିବ। ଅର୍ଥାତ୍ ପୂର୍ବରୁ ଚାକିରିରେ ଯୋଗଦେଇଥିବା ଶିକ୍ଷକ ବରିଷ୍ଠ ଓ ପରେ ଯୋଗଦେଇଥିବା ଶିକ୍ଷକ କନିଷ୍ଠ ହେବେ। ମାତ୍ର ସରକାରଙ୍କ ଦୂରଦୃଷ୍ଟିବିହୀନ ନିଷ୍ପତ୍ତି ଏହି ନିୟମର ଖୋଲା ଉଲଂଘନ କରିଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ପୂର୍ବବ୍ୟାଚ୍ ଅର୍ଥାତ୍ ୨୦୧୮ ଓ ୨୦୧୯ରେ ନିଯୁକ୍ତି ▶ପୃଷ୍ଠା-୭

# ବିଲରେ ଟଳିପଡ଼ିଲେ ଚାଷୀ!



■ ରାସଗୋବିନ୍ଦପୁର, ୩।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଧାନ ବିଲରେ କାମ କରୁଥିବା ବେଳେ ଜଣେ ଚାଷୀ ଟଳି ପଡ଼ିଛନ୍ତି। ସେ ହେଲେ, ଗାଁର ରଘୁନାଥ ମାହନା। ଅଂଶୁଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ସୂଚନାନୁସାରେ, ରଘୁନାଥ ଆଜି ଭୟଙ୍କର ଖରାରେ ବିଲରେ କାମ କରୁଥିଲେ। ଅସହ୍ୟ ଗରମରେ ଅସୁସ୍ଥ ହୋଇ ଚେତା ହରାଇ ସେ ବିଲ ପାଣିରେ ପଡ଼ିଯାଇଥିଲେ ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖରାର ତୀବ୍ରତା ଏତେ ଅଧିକ ଥିଲା ଯେ ପାଣି ଗରମ ହୋଇଥିବାରୁ ତାଙ୍କ ଗୋଡ଼ ଶିଝିଯାଇଥିଲା। ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ଏହି ଦୁର୍ଘଟଣା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

**ଅଂଶୁଘାତ ମୃତ୍ୟୁ !**

## ମାଛ ଧରୁଥିଲେ, ପାଟିରେ ପଶିଗଲା
# ଜୀବନ ନେଇଗଲା କଉ ମାଛ

■ ବାରିପଦା, ୩।୪ (ସମିସ): ମାଛ ଧରିବା ବେଳେ ପାଟିରେ ଜୀବନ୍ତ କଉ ପଶିଯିବାରୁ ଯୁବକଙ୍କ ମୃତ୍ୟୁ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ, ସ୍ଥାନୀୟ ଅଞ୍ଚଳର ଅବିନାଶ ବିଜୁଳି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାନୁଯାୟୀ, ଅବିନାଶ ଆଜି ସ୍ଥାନୀୟ ଏକ ଜଳାଶୟ (ବନ୍ଧ)ରୁ ମାଛ ଧରୁଥିଲେ। ଏହି ସମୟରେ ତାଙ୍କ ହାତରେ ଏକ କଉ ମାଛ ପଡ଼ିଥିଲା। ସେ ତାହାକୁ ଦାନ୍ତରେ କାମୁଡ଼ି ମାରିବାକୁ ଚେଷ୍ଟା କରୁଥିବା ବେଳେ ଅଚାନକ ମାଛଟି ତାଙ୍କ ପାଟି ଭିତରକୁ ପଶି ଯାଇ ତଣ୍ଟିରେ ଲାଗିଥିଲା। ଅବିନାଶ ନା ତାହାକୁ ଗିଳିପାରିଲେ ନା ବାହାରକୁ ବାହାର କରିପାରିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଅବିନାଶଙ୍କ ମୃତ୍ୟୁ ପାଇଁ ତାଙ୍କ ବାପା ଶିବଚରଣ ବିଜୁଳି ଚିକିତ୍ସା କରୁଥିବା ଡାକ୍ତର ଡାକ୍ତର ତୁଷାର ରଞ୍ଜନ ବେହେରାଙ୍କୁ ଦାୟୀ କରିଛନ୍ତି। ଡାକ୍ତରଙ୍କ ଅବହେଳାରୁ ତାଙ୍କ ପୁଅର ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ଏପରିକି, ସଂପୃକ୍ତ ଡାକ୍ତର ପୁଅର ଚିକିତ୍ସା ପ୍ରତି ଧ୍ୟାନ ନ ଦେଇ ଓଲଟି ଜାତିକୁ ନେଇ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବାଙ୍ଗିରିପୋଷି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



**ଡାକ୍ତରଙ୍କ ଅବହେଳାରୁ ମୃତ୍ୟୁ ଅଭିଯୋଗ**






## ବିହାରରେ ବିଷାକ୍ତ ମଦ ପିଇ ୪ ମୃତ

ମୋତିହାରୀ, ୩।୪(ଏଜେନ୍ସି): ବିହାରରେ ପୁଣିଥରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି। ମୋତିହାରୀ ଜିଲ୍ଲାରେ ବିଷାକ୍ତ ମଦ ପିଇ ୪ ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଗୁରୁତର ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ଏହି ଘଟଣା ରଘୁନାଥପୁର ଥାନା ଅନ୍ତର୍ଗତ ବାଲଗଙ୍ଗା ଗ୍ରାମରୁ ଆରମ୍ଭ ହୋଇ ବର୍ତ୍ତମାନ ଆଖପାଖ ଅଞ୍ଚଳକୁ ବ୍ୟାପୀଛି। ୧୫ଜଣ ବିଭିନ୍ନ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି, ଯେଉଁଥିରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ବିହାରରେ ମଦ ନିଷେଧ ଆଇନ ଲାଗୁ ହେବା ସତ୍ତ୍ୱେ ଏଭଳି ଘଟଣା ବାରମ୍ବାର ଘଟିବା ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାମଲାରେ ଜଣେ ସ୍ଥାନୀୟ ଚୌକିଦାରଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ବର୍ତ୍ତମାନ ମଦ ବିକ୍ରେତା ଓ ଏହି ର୍‌ୟାକେଟ୍ ପଛରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩୫ ଗିରଫ

କୋଲକାତା, ୩।୪(ଏଜେନ୍ସି): ପଶ୍ଚିମବଙ୍ଗରେ ମାଲଦା ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ସମୟରେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ମୋଟ୍ ୩୫ ଜଣଙ୍କୁ ଗିରଫ କରାଯାଇଛି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ମାମଲାର ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କୁ ହସ୍ତାନ୍ତର କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ହେଲେ, ମୋଫାକେରୁଲ ଇସ୍‌ଲାମ। ସେ କୋଲକାତା ହାଇକୋର୍ଟର ଜଣେ ଆଇନଜୀବୀ ଓ ୨୦୨୧ରେ ଏଆଇଏମ୍‌ଏମ୍ ପ୍ରାର୍ଥୀ ଥିଲେ। ସେ ବାଗଡ଼ୋଗରା ବିମାନବନ୍ଦର ଦେଇ ବେଙ୍ଗାଲୁରୁ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସିଆଇଡି ଦ୍ୱାରା ଗିରଫ ହୋଇଛି। ତାଙ୍କ ବିରୋଧରେ ଅଭିଯୋଗ ରହିଛି ଯେ, ସେ ଏପ୍ରିଲ ୧ରେ ସୁଜାପୁରରେ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ, ଯାହା ପରେ ଲୋକମାନେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିଥିଲେ। ସୂଚନାଯୋଗ୍ୟ ଯେ, ମାଲଦାର କାଲିଆଚକ-୨ ବ୍ଲକ ଅଫିସ୍‌ରେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବା ବେଳେ ପ୍ରାୟ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ (ଯେଉଁଥିରେ ୩ ଜଣ ମହିଳା ଥିଲେ) ଉତ୍ୟକ୍ତ ଲୋକମାନେ ୯ ଘଣ୍ଟା ଧରି ବନ୍ଧକ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାତି ୧ଟାରେ ଭାରି ସୁରକ୍ଷା ବଳୟ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ବିରୋଧ ପ୍ରଦର୍ଶନ ମାଲଦା ସମେତ ଜଲପାଇଗୁଡ଼ି, କୁଚବିହାର ଏବଂ ପୂର୍ବବର୍ଦ୍ଧମାନକୁ ବ୍ୟାପୀଥିଲା। ଇତିମଧ୍ୟରେ ଏନ୍‌ଆଇଏର ଆଇଜି ସୋନିଆ ସିଂ ମାଲଦାରେ ପହଞ୍ଚିଛନ୍ତି। ଏନ୍‌ଆଇଏ ଖୁବଶୀଘ୍ର ଗିରଫ ବ୍ୟକ୍ତିମାନଙ୍କୁ ନିଜ ହେପାଜତକୁ ନେବ ଏବଂ ଏପ୍ରିଲ ୬ ସୁଦ୍ଧା କୋର୍ଟରେ ପ୍ରାଥମିକ ରିପୋର୍ଟ ଦାଖଲ କରିବ।

## ନିରବ ଅଛି; ପରାଜିତ ନୁହେଁ: ରାଘବ ଚଢ଼ା

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରାଜ୍ୟସଭାର ଉପ-ନେତା ପଦରୁ ହଟାଯିବା ପରେ ରାଘବ ପ୍ରଥମଥର ପାଇଁ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁକ୍ରବାର ଏକ ଭିଡ଼ିଓ ଜାରି କରି ରାଘବ କହିଛନ୍ତି 'ମୋତେ ଚୁପ୍ କରାଯାଇଛି, କିନ୍ତୁ ପରାଜିତ ହୋଇନାହିଁ'। ସେ ଦଳର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ସେ କେବଳ ଜନସାଧାରଣଙ୍କ ସମସ୍ୟା ଉଠାଇଥିଲେ, ଏଥିରେ ଦଳର କ୍ଷତି କେଉଁଠି ହେଲା? ସେ ନିଜକୁ ଏକ ନଦୀ ସହ ତୁଳାନ କରି କହିଛନ୍ତି ଯେ, ସମୟ ଆସିଲେ ଏହା ଏକ ବନ୍ୟାର ରୂପ ନେବ। ଏହି ଭିଡ଼ିଓ ସାମ୍ନାକୁ ଆସିବା ପରେ ଆପ୍‌ର ଅନ୍ୟ ନେତାମାନେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଦଳ ଅଭିଯୋଗ କରିଛି ଯେ ରାଘବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଡରୁଛନ୍ତି, ସେଥିପାଇଁ ସେ ସଂସଦରେ ଦଳୀୟ ଆଭିମୁଖ୍ୟ ରଖୁନାହାନ୍ତି। ଆପ ନେତା ସୌରଭ ଭରଦ୍ୱାଜ କହିଛନ୍ତି ଯେ ଦଳ ସଫ୍ଟ ପିଆର୍ ରେ ବିଶ୍ୱାସ କରେ ନାହିଁ। ରାଘବଙ୍କ ସ୍ଥାନରେ ପଞ୍ଜାବର ସାଂସଦ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାରେ ଆପ୍‌ର ନୂଆ ଉପ-ନେତା ଭାବେ ନିଯୁକ୍ତ କରାଯାଇଛି। ଗତକିଛି ମାସ ହେବ ରାଘବ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଥିଲେ। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଜେଲ ଯିବା ସମୟରେ ସେ ବ୍ରିଟେନରେ ଥିଲେ ଏବଂ ସେ ଖଲାସ ହେବାପରେ ମଧ୍ୟ କୌଣସି ପ୍ରତିକ୍ରିୟା ରଖି ନଥିଲେ। ଖାସ୍ ଏହି କାରଣରୁ ରାଘବ ଓ ଦଳ ମଧ୍ୟରେ ଦୂରତା ଓ ମତପାର୍ଥକ୍ୟ ବୃଦ୍ଧି ପାଇଥିଲା।

## ଭାରତ- ପାକିସ୍ତାନ ଉପରେ ୧୦୦୦ କିମିର ବାଦଲ

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଉପଗ୍ରହ ଚିତ୍ରରେ ଏକ ଅଜବ କଥା ଦେଖିବାକୁ ମିଳିଛି। ଏହି ଚିତ୍ର ଅନୁଯାୟୀ, ଭାରତ ଓ ପାକିସ୍ତାନର ଏକ ବଡ଼ ଅଂଶ ଉପରେ ପ୍ରାୟ ୧, ୦୦୦ କିଲୋମିଟର ଲମ୍ବର ଏକ ବିଶାଳ ବାଦଲ ସ୍ତର ସୃଷ୍ଟି ହୋଇଛି।ଏହା ଫଳରେ ଆଗାମୀ କିଛି ଦିନ ମଧ୍ୟରେ ପ୍ରବଳ ବର୍ଷା ଓ ପବନ ହେବାର ଆଶଙ୍କା ରହିଛି। ଏହି ସକ୍ରିୟ ପଶ୍ଚିମା ଝଡ଼ ପ୍ରଭାବରେ ଏହି ବିଶାଳ ବାଦଲ ସୃଷ୍ଟି ହୋଇଛି। ଏହି ପାଣିପାଗ ଜନିତ ସ୍ଥିତି ଭୂମଧ୍ୟସାଗରୀୟ ଅଞ୍ଚଳରୁ ସୃଷ୍ଟି ହୋଇ ଏବେ ପୂର୍ବ ଦିଗକୁ ଗତି କରୁଛି। ଉପଗ୍ରହ ଚିତ୍ରରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନର କିଛି ଅଂଶରେ ଘନ ବାଦଲ ଦେଖିବାକୁ ମିଳିଛି।

# ସେନା ମୁଖ୍ୟଙ୍କୁ ହଟାଇଲେ ଅସହାୟ ଟ୍ରମ୍ପ

## ଇରାନରେ ବିଫଳତା ପାଇଁ ଦଣ୍ଡିତ ହେଲେ ଜର୍ଜ



ଆଟର୍ଣ୍ଣି ଜେନେରାଲ ବି ବହିଷ୍କୃତ

ୱାସିଂଟନ, ୩।୪(ଏଜେନ୍ସି): ଇରାନ ଯୁଦ୍ଧରେ ବିଫଳତା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ସବୁ ରାଗ ସେନା ମୁଖ୍ୟଙ୍କ ଉପରେ ସୁଝାଇଛନ୍ତି। ବିଫଳତା ପାଇଁ ପରୋକ୍ଷରେ ତାଙ୍କୁ ଦାୟୀ କରି ସେନା ମୁଖ୍ୟ ପଦରୁ ରେଣ୍ଡି ଜର୍ଜଙ୍କୁ ହଟାଇ ଦେଇଛନ୍ତି। ଏହାସହିତ ଏପଷ୍ଟିନ ଫାଇଲ ପାଇଁ ଆଟର୍ଣ୍ଣି ଜେନେରାଲଙ୍କୁ ମଧ୍ୟ ବହିଷ୍କାର କରିଛନ୍ତି। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେନା ମୁଖ୍ୟ ଏବଂ ଆଟର୍ଣ୍ଣି ଜେନେରାଲଙ୍କୁ ପଦରୁ ହଟାଇଛନ୍ତି।

ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଟ୍ରମ୍ପ ଆମେରିକା ସେନା ମୁଖ୍ୟ ଜେନେରାଲ ରେଣ୍ଡି ଜର୍ଜଙ୍କୁ ତୁରନ୍ତ ଅବସର ନେବାକୁ କୁହାଯାଇଛି। ଜର୍ଜଙ୍କ କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାର ଥିଲା। କିନ୍ତୁ ଟ୍ରମ୍ପ ସରକାର ନିଜର ବିଶ୍ୱସ୍ତ ଲୋକଙ୍କୁ ସେନାର ଶୀର୍ଷ ପଦରେ ରଖିବାକୁ ଚାହୁଁଛନ୍ତି। ସେହିପରି ଦେଶର ଆଟର୍ଣ୍ଣି ଜେନେରାଲ ପ୍ୟାମ୍ ବଣ୍ଡିଙ୍କୁ ମଧ୍ୟ ବହିଷ୍କାର କରାଯାଇଛି। କୁହାଯାଉଛି ଯେ, ବଣ୍ଡି 'ଏପଷ୍ଟିନ ଫାଇଲ୍ସ' ମାମଲାକୁ ଠିକ୍ ଭାବେ ପରିଚାଳନା କରିପାରି ନଥିଲେ। ଲୋକଙ୍କ ଆଶା ଥିଲା ଯେ ଏହି ଫାଇଲ୍ସରୁ କିଛି ବଡ଼ ରହସ୍ୟ ଖୋଲିବ, କିନ୍ତୁ ବଣ୍ଡିଙ୍କ ଦ୍ୱାରା ଜାରି ତଥ୍ୟରେ କିଛି ନୂଆ ନଥିଲା, ଯାହାକୁ ସରକାରଙ୍କୁ ଅଡୁଆରେ ପକାଇଥିଲା।

ଏବେ କଥା ଉଠୁଛି ଯେ କାହିଁକି ଏହି ନିଷ୍ପତ୍ତି ନିଆଗଲା? ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଯୁଦ୍ଧ ସଚିବ ପିଟ୍ ହେଗସେଥ ସେନାକୁ ନିଜର ନୂତନ ବିଚାରଧାରା ଅନୁଯାୟୀ, ପରିଚାଳିତ କରିବାକୁ ଚାହୁଁଛନ୍ତି। ଏହି କାରଣରୁ ଜେନେରାଲ ଜର୍ଜଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି। ଜେନେରାଲ ଜର୍ଜ ୨୦୨୩ ଅଗଷ୍ଟରୁ ଆମେରିକା ସେନାର ୪୧ତମ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ୱେଷ୍ଟ ପଏଣ୍ଟ ମିଲିଟାରୀ ଏକାଡେମୀରୁ ସ୍ନାତକ ହାସଲ କରିଥିଲେ ଏବଂ ପ୍ରଥମ ଗଲ୍ ୱାର ସମେତ ଇରାକ ଓ ଆଫଗାନିସ୍ତାନ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ସେ ପୂର୍ବତନ ପ୍ରତରିକ୍ଷା ସଚିବ ଲଏଡ୍ ଅଷ୍ଟିନଙ୍କ ପ୍ରମୁଖ ସାମରିକ ସହାୟକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସାଧାରଣତଃ ଏହି ପଦବୀ ଅବଧି ୪ ବର୍ଷ ହୋଇଥାଏ। ଜର୍ଜ ୨୦୨୧-୨୨ରେ ବାଇଡେନ ପ୍ରଶାସନ ସମୟରେ ସେ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନଙ୍କ ମୁଖ୍ୟ ସାମରିକ ସହଯୋଗୀ। ଜେନେରାଲ ଜର୍ଜଙ୍କ ଅବସର ପରେ ଜେନେରାଲ କ୍ରିଷ୍ଟୋଫର ଲା'ନେଭ କାମଚଳା ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ପେଣ୍ଟାଗନ ମୁଖପାତ୍ର ସିନ ପାର୍ଣ୍ଣେଲ ନିଶ୍ଚିତ କରିଛନ୍ତି ଯେ ଜେନେରାଲ ଜର୍ଜଙ୍କ ସ୍ଥାନରେ ଲା'ନେଭ ଦାୟିତ୍ୱରେ ରହିବେ। ଲା'ନେଭଙ୍କୁ ହେଗସେଥଙ୍କର ଜଣେ ନିକଟତର ଅଧିକାରୀ ଭାବେ ବିଚାର କରାଯାଉଛି। ମାତ୍ର ଦୁଇବର୍ଷ ତଳେ ଲା'ନେଭ ଜଣେ ଟୁ ଷ୍ଟାର ଜେନେରାଲ ଥିଲେ।

ଟ୍ରମ୍ପ ପ୍ରଶାସନ କ୍ଷମତାକୁ ଆସିବା ପରେ ପ୍ରାୟ ଏକ ଡଜନରୁ ଅଧିକ ବରିଷ୍ଠ ସାମରିକ ଅଧିକାରୀଙ୍କୁ ପଦରୁ ହଟାଯାଇଛି କିମ୍ବା ସେମାନେ ଆଗୁଆ ଅବସର ନେଇଛନ୍ତି। ପ୍ରାୟ ୫ ସପ୍ତାହ ଧରି ଇରାନରେ ଆମେରିକା-ଇସ୍ରାଏଲର ମିଳିତ ସାମରିକ ଅପରେସନ ଜାରି ରହିଛି। ଏହି ସଙ୍କଟ ସମୟରେ ସେନା ମୁଖ୍ୟଙ୍କୁ ପରିବର୍ତ୍ତନ କରିବା ଏକ ବଡ଼ ସଙ୍କେତ ବୋଲି କୁହାଯାଉଛି। ତେବେ ପେଣ୍ଟାଗନ୍ ଏହି ବିବାଦୀୟ ନିଷ୍ପତ୍ତି ପଛରେ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ନାହିଁ। ୨୦୨୫ ଫେବୃଆରୀରେ ଟ୍ରମ୍ପଙ୍କ ଶାସନ ଆରମ୍ଭ ହେବା ପରଠାରୁ ଅନେକ ଶୀର୍ଷ ସାମରିକ ଅଧିକାରୀଙ୍କୁ ପଦରୁ ହଟାଇଛନ୍ତି।



# ହର୍ମୁଜ ପାଇଁ ଜାତିସଂଘ ତତ୍ପର; ଭୋଟ ଆଜି, ରୁଷ-ଚୀନ ଉପରେ ନଜର

■ ସାମରିକ ହସ୍ତକ୍ଷେପ ନେଇ ଇରାନର ଚେତାବନୀ
■ ଇରାନ- ଓମାନର ମିଳିତ ପ୍ରୋଟୋକଲ ଘୋଷଣା

ନ୍ୟୁୟର୍କ/ ତେହରାନ, ୩।୪(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଯାତାୟତ ନିଶ୍ଚିତ କରିବା ପାଇଁ ବାହାରିନ ଦ୍ୱାରା ପ୍ରସ୍ତୁତ ଏକ ଚିଠା ପ୍ରସ୍ତାବ ଉପରେ ଶନିବାର ଦିନ ଜାତିସଂଘ ସୁରକ୍ଷା ପରିଷଦରେ ଭୋଟ ଗ୍ରହଣ କରାଯିବ। ଏହି ଭୋଟ ନିର୍ଦ୍ଧାରଣ କରିବ ଯେ, ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ହର୍ମୁଜ ପ୍ରଣାଳୀକୁ ଖୋଲିବା ପାଇଁ ସାମରିକ ଶକ୍ତି ବ୍ୟବହାର କରିବେ କି ନାହିଁ। ଯଦି ଏହି ପ୍ରସ୍ତାବ ପାରିତ ହୁଏ, ତେବେ ଇରାନ ବିରୋଧରେ ଚାଲିଥିବା ସାମରିକ ଅଭିଯାନକୁ ଏକ ଅନ୍ତର୍ଜାତୀୟ ବୈଧତା ପ୍ରଦାନ କରିପାରେ। ଏହି ପ୍ରସ୍ତାବରେ ସଦସ୍ୟ ଦେଶମାନଙ୍କୁ 'ସମସ୍ତ ଆବଶ୍ୟକ ପ୍ରତିରକ୍ଷା ବ୍ୟବସ୍ଥା' ଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ଆହ୍ୱାନ ଦିଆଯାଇଛି। ତେବେ ଏହାକୁ ବିରୋଧ କରି ଇରାନ ଚେତାବନୀ ଦେଇଛି ଯେ ହର୍ମୁଜରେ ସାମରିକ ହସ୍ତକ୍ଷେପ ହେଲେ ପରିସ୍ଥିତି ଜଟିଳ ହୋଇପଡ଼ିବ।

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି। ଏହାଦ୍ୱାରା ବିଶ୍ୱ ଶକ୍ତି ବାଣିଜ୍ୟରେ ବଡ଼ ଧରଣର ବାଧା ସୃଷ୍ଟି ହୋଇଛି। ବାହାରିନ୍ ବର୍ତ୍ତମାନ ସୁରକ୍ଷା ପରିଷଦର ଅଧ୍ୟକ୍ଷତା କରୁଛି। ବାହାରିନର ବୈଦେଶିକ ମନ୍ତ୍ରୀ ଅବଦୁଲାତିଫ୍ ବିନ ରଶିଦ ଅଲ ଜାୟାନି କହିଛନ୍ତି ଯେ ଇରାନ ଦ୍ୱାରା ଅନ୍ତର୍ଜାତୀୟ ନୌଚାଳନାକୁ ନିୟନ୍ତ୍ରଣ କରିବା ପାଇଁ କରାଯାଉଥିବା ବେଆଇନ୍ ଓ ଅଯୌକ୍ତିକ ପ୍ରୟାସ ବିରୁଦ୍ଧରେ ଏକ ଦୃଢ଼ ଜବାବ ଦିଆଯିବା ଆବଶ୍ୟକ। ଅଲ ଜଜିରା ରିପୋର୍ଟ ଅନୁଯାୟୀ, ଏହି ଚିଠା ପ୍ରସ୍ତାବ ଏପର୍ଯ୍ୟନ୍ତ ୪ଥର ସଂଶୋଧନ କରାଯାଇଛି। ରୁଷ ଓ ଚୀନ ଏଥିରେ ଥିବା 'ବଳ ପ୍ରୟୋଗ' ଶବ୍ଦକୁ ବିରୋଧ କରିଥିଲେ, ଯାହା ଏହି ରଣନୈତିକ ଜଳପଥକୁ ଖୋଲିବା ପାଇଁ ବ୍ୟବହାର କରାଯାଉଥିଲା।

ଇତିମଧ୍ୟରେ ଇରାନ ଏକ ବଡ଼ଧରଣର କୂଟନୈତିକ ଏବଂ ସାମରିକ ପଦକ୍ଷେପ ନେଇଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ହର୍ମୁଜ ପ୍ରଣାଳୀକୁ ନେଇ ଇରାନ ଓ ଓମାନ ମଧ୍ୟରେ ଏକ ମିଳିତ ନୌଚାଳନା ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ହର୍ମୁଜ ପ୍ରଣାଳୀର ଉତ୍ତର ଭାଗ ଇରାନର ନିୟନ୍ତ୍ରଣରେ ରହିବ ଓ ଦକ୍ଷିଣ ଭାବେ ଓମାନ ଦ୍ୱାରା ପରିଚାଳିତ ହେବ। ଏହି ମାର୍ଗ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନର ଏକ ଟୋଲ୍ ବା ଶୁଳ୍କ ବ୍ୟବସ୍ଥା ଲାଗୁ କରିବାକୁ ଘୋଷଣା କରିଛି। ଏହି ନିୟମକୁ ଇରାନର ସଂସଦ ଏବଂ ଗାର୍ଡିଆନ କାଉନସିଲର ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବ। ଇରାନ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ୫ଟି ପାୱାର ସେଣ୍ଟର ବିଷୟରେ ଜଣାଇଛି, ଯେଉଁଥିରେ ମିସାଇଲ ହବ୍, ନୌସେନା ବେସ୍, ଅଣ୍ଡରୱାଟର ଡ୍ରୋନ ଏବଂ ମାଇନ ବିଛାଇବା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଇରାନ ଏହି ପ୍ରୋଟୋକଲ ଜାରିଆରେ ବିଶ୍ୱକୁ ଏହି ସଙ୍କେତ ଦେବାକୁ ଚାହୁଁଛି ଯେ ହର୍ମୁଜ ପ୍ରଣାଳୀ ଉପରେ ତା'ର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ଓମାନ ସହ ମିଶି ଏହି ନିୟମ ପ୍ରଣୟନ କରି ଇରାନ ନିଜର ଆଞ୍ଚଳିକ ପ୍ରଭାବକୁ ବଢ଼ାଇବାକୁ ଚେଷ୍ଟା କରୁଛି।



## ଟ୍ରମ୍ପଙ୍କୁ ମାକ୍ରୋନଙ୍କ କଡ଼ା ଜବାବ

# ଆମେ କ'ଣ ବୋକା!

■ ୬ମାସ ତଳେ କୁହାଯାଇଥିଲା ଇରାନର ସବୁକିଛି ଧ୍ୱଂସ ହୋଇଯାଇଛି
■ ନାଟୋକୁ ନେଇ ଦେଲେ ଚେତାବନୀ



ପ୍ୟାରିସ/ସିଓଲ, ୩।୪(ଏଜେନ୍ସି): ଇରାନ ଯୁଦ୍ଧ ଓ ନଟୋ ସଂଗଠନକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନବାଜି ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନ। ଟ୍ରମ୍ପଙ୍କ ବିରୋଧାଭାସୀ ବାର୍ତ୍ତା ଅନ୍ତର୍ଜାତୀୟସ୍ତରରେ ବିଶ୍ୱାସ ହ୍ରାସ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଦକ୍ଷିଣ କୋରିଆ ଗସ୍ତରେ ଥିବା ମାକ୍ରୋନ କହିଛନ୍ତି ଯେ, ଅନ୍ତର୍ଜାତୀୟ ନେତୃତ୍ୱରେ ସ୍ଥିରତା ରହିବା ଜରୁରୀ। ଯଦି ଆପଣ ଗମ୍ଭୀର ରହିବାକୁ ଚାହୁଁଛନ୍ତି, ତେବେ ଗତକାଲି ଯାହା କହିଥିଲେ ଆଜି ତା'ର ଓଲଟା କଥା କୁହନ୍ତୁ ନାହିଁ। ବୋଧହୁଏ ଆପଣ ପ୍ରତିଦିନ କହିବା ଉଚିତ ନୁହେଁ। ମାକ୍ରୋନ ଚେତାବନୀ ଦେଇଛନ୍ତି ଯେ, ନାଟୋ ପ୍ରତିବଦ୍ଧତା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବା ଦ୍ୱାରା ଏହି ସାମରିକ ମେଣ୍ଟ ଦୁର୍ବଳ ହେବାରେ ଲାଗିଛି। ଟ୍ରମ୍ପ ଇରାନ ସଂଘର୍ଷକୁ ନେଇ ଦ୍ୱନ୍ଦ୍ୱାତ୍ମକ ବାର୍ତ୍ତା ଦେଉଥିବା ଏବଂ ନଟୋର ବିଶ୍ୱସନୀୟତାକୁ ଦୁର୍ବଳ କରୁଥିବା ନେଇ ମାକ୍ରନ ଅଭିଯୋଗ କରିଛନ୍ତି।

ଇରାନ ବିରୋଧରେ ଚାଲିଥିବା ଯୁଦ୍ଧରେ ନାଟୋ ସହଯୋଗ ନ କରିବାରୁ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟ୍ରମ୍ପ ନାଟୋକୁ ଏକ ପେପର ଟାଇଗର ବା କାଗଜ ବାଘ ଭାବେ ବର୍ଣ୍ଣନା କରିଛନ୍ତି। ଟ୍ରମ୍ପ ସଙ୍କେତ ଦେଇଛନ୍ତି ଯେ, ଆମେରିକା ନାଟୋରୁ ଓହରିଯିବା ନେଇ ସେ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଫଳରେ ଆମେରିକା ଓ ୟୁରୋପୀୟ ସହଯୋଗୀ ଦେଶଗୁଡ଼ିକ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି। ନାଟୋ ପ୍ରତିବଦ୍ଧତା ଉପରେ ସନ୍ଦେହ ପ୍ରକଟ କରୁଥିବାରୁ ଏହାର ମେଣ୍ଟର ଶକ୍ତିକୁ ହ୍ରାସ କରୁଛି ବୋଲି ମାକ୍ରୋନ ଚେତାବନୀ ଦେଇ କହିଛନ୍ତି। ସେ ତୁରନ୍ତ ଯୁଦ୍ଧବିରତି ଏବଂ କୁଟନୈତିକ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ନାଟୋ ସଦସ୍ୟମାନେ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଯୁଦ୍ଧଜାହାଜ ପଠାଇବାକୁ ମନା କରିବା ପରେ ଆମେରିକା ଓ ୟୁରୋପୀୟ ଦେଶମାନଙ୍କ ବିରୋଧରେ ଦୂରତା ବଢ଼ିବାରେ ଲାଗିଛି। ମାକ୍ରୋନ ହର୍ମୁଜ ପ୍ରଣାଳୀ ବଳପୂର୍ବକ ଖୋଲିବା ଯୋଜନାକୁ ଅବାସ୍ତବ ବୋଲି କହିଛନ୍ତି। ଫେବୃଆରୀ ୨୮ ରୁ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥକୁ ବନ୍ଦ କରିଦେଇଛି, ଯାହାଫଳରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ସେପଟେ ହର୍ମୁଜ ପ୍ରଣାଳୀ ସୁରକ୍ଷା ଓ ଖୋଲିବା ନେଇ ଆମେରିକା ଚାପ ପକାଉଛି।

ଇରାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଟ୍ରମ୍ପଙ୍କ ବ୍ୟକ୍ତିଗତ ଆକ୍ଷେପ ଏବଂ ଯୁଦ୍ଧ ରଣନୀତିକୁ ନେଇ ମାକ୍ରୋନ ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ୬ ମାସ ତଳର ଦାବି ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଦକ୍ଷିଣ କୋରିଆ ଗସ୍ତରେ ଯାଇଥିବା ମାକ୍ରୋନ ଟ୍ରମ୍ପଙ୍କ ପୂର୍ବ ବୟାନକୁ ମନେ ପକାଇ କହିଛନ୍ତି ୬ ମାସ ପୂର୍ବେ ଆମକୁ କୁହାଯାଇଥିଲା ଯେ ଇରାନର ସବୁକିଛି ଧ୍ୱଂସ ହୋଇଯାଇଛି ଏବଂ ସମସ୍ୟାର ସମାଧାନ ହୋଇସାରିଛି। ଆମେ କଣ ଆପଣଙ୍କୁ ପୁଣିଥରେ ବୋକା ଭଳି ଦେଖାଯାଉଛି କି? ମାକ୍ରୋନ କହିଛନ୍ତି ଯେ, କେବଳ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଇରାନ ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଏଥିପାଇଁ ଅନ୍ତର୍ଜାତୀୟସ୍ତରରେ ନଜର ରଖିବା ଓ କୂଟନୀତିର ଆବଶ୍ୟକତା ରହିଛି।

## ପୁଣି ବନ୍ଧୁତ୍ୱର ପ୍ରମାଣ ଦେଲେ ପୁଟିନ

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଭାରତ ସହ ତାଙ୍କର ଥିବା ପୁରୁଣା ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତରେ ଦେଖା ଦେଇଥିବା ଶକ୍ତି ସଙ୍କଟ ସମୟରେ ରୁଷ୍ ପୁଣିଥରେ ନିଜ ବନ୍ଧୁତ୍ୱର ପ୍ରମାଣ ଦେଇଛି। ରୁଷର ଉପ-ପ୍ରଧାନମନ୍ତ୍ରୀ ଡେନିସ ମାଣ୍ଟୁରୋଭଙ୍କ ଭାରତ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଶକ୍ତି ଓ ବାଣିଜ୍ୟିକ ସହଯୋଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ଭାରତରେ ତେଲ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ସମୟରେ ରୁଷ ଭାରତକୁ ଅଧିକ ପରିମାଣର ଅଶୋଧିତ ତୈଳ ଏବଂ ଏଲ୍‌ଏନ୍‌ଜି ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛି। ରୁଷି ମଧ୍ୟ ୨୦୨୫ ଶେଷ ସୁଦ୍ଧା ଭାରତକୁ ଖଣିଜ ସାର ଓ ସାର ଯୋଗାଣ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି କରିଛି। ଏଥିସହ ୟୁରିଆ ଉତ୍ପାଦନ ପାଇଁ ଉଭୟ ଦେଶ ଏକ ମିଳିତ ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି। ଭାରତ ରୁଷଠାରୁ ଆହୁରି ୫ଟି ଏସ- ୪୦୦ ଏୟାର ଡିଫେନ୍ସ ସିଷ୍ଟମ କିଣିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେନିସ ମାଣ୍ଟୁରୋଭଙ୍କ ବୈଠକ ପରେ ସାମାଜିକ ଗଣମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି।

ସଙ୍କଟ ସମୟରେ ଭାରତକୁ ସହାୟତାର ହାତ ବଢ଼ାଇଲେ

# ଇରାନର ଅଧା ମିସାଇଲ୍ ଲଞ୍ଚର୍, ଡ୍ରୋନ୍ ସୁରକ୍ଷିତ

ଆମେରିକୀୟ ଗୁଇନ୍ଦା ରିପୋର୍ଟ

ୱାସିଂଟନ/ତେହରାନ, ୩।୪(ଏଜେନ୍ସି): ଆମେରିକା ଓ ଇସ୍ରାଏଲର କ୍ରମାଗତ ବିମାନ ଆକ୍ରମଣ ସତ୍ତ୍ୱେ ଇରାନର ସାମରିକ ଶକ୍ତି ଏବେ ମଧ୍ୟ ଯଥେଷ୍ଟ ପରିମାଣରେ ସୁରକ୍ଷିତ ରହିଛି। ସିଏନ୍‌ଏନ୍‌ର ରିପୋର୍ଟ ଅନୁଯାୟୀ, ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକରେ ଆକଳନ କହୁଛି ଯେ ଇରାନର ପ୍ରାୟ ୫୦ ପ୍ରତିଶତ ମିସାଇଲ ଲଞ୍ଚର ଏବଂ ହଜାର ହଜାର ଆତ୍ମଘାତୀ ଡ୍ରୋନ୍ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଛି। ଇରାନର ଅଧା ମିସାଇଲ ଲଞ୍ଚର ଏବଂ ୫୦ ପ୍ରତିଶତ ଡ୍ରୋନ ଭଣ୍ଡାର ଆକ୍ରମଣରୁ ବର୍ତ୍ତିଯାଇଛି। ଏହା ସମଗ୍ର ଅଞ୍ଚଳରେ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ଇରାନର ବ୍ୟାପକ ସୁଡ଼ଙ୍ଗ ବ୍ୟବସ୍ଥା ଏବଂ ମୋବାଇଲ ଲଞ୍ଚ ପ୍ଲାଟଫର୍ମ ଯୋଗୁଁ ଆକ୍ରମଣର ପ୍ରଭାବ ସୀମିତ ରହିଛି। ଆକ୍ରମଣ ପରେ ଲଞ୍ଚରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ପାଖରେ ଏବେ ମଧ୍ୟ ହଜାର ହଜାର ଛୋଟ ଡଙ୍ଗା ଏବଂ ମାନବବିହୀନ ଜଳ ଜାହାଜ ଅଛି, ଯାହା ସାମୁଦ୍ରିକ ସୁରକ୍ଷା ପାଇଁ ଚ୍ୟାଲେଞ୍ଜ। ତେବେ ଆମେରିକାର ପ୍ରଶାସନ ତରଫରୁ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ମଧ୍ୟ ସମାନ ମନ୍ତବ୍ୟ ଦେଇଛି। ହ୍ୱାଇଟ୍ ହାଉସ୍‌ର ଜଣେ ମୁଖପାତ୍ର କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ନଷ୍ଟ ହୋଇଯାଇଛି ଏବଂ ସେମାନଙ୍କ ଆକ୍ରମଣ କ୍ଷମତା ୯୦ ପ୍ରତିଶତ ହ୍ରାସ ପାଇଛି। ପେଣ୍ଟାଗନ ମୁଖପାତ୍ର ସିନ୍ ପାର୍ଣ୍ଣେଲ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ଭୁଲ ବୋଲି କହିଛନ୍ତି ଏବଂ ଦାବି କରିଛନ୍ତି ଯେ ଆମେରିକା ଧାର୍ଯ୍ୟ ସମୟ ପୂର୍ବରୁ ଇରାନର ସାମରିକ ଶକ୍ତିକୁ ଧ୍ୱଂସ କରିବାରେ ସଫଳ ହେଉଛି।

ଆମେରିକା ଦାବି କରିଛି ଯେ ସେମାନେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇ ଏବଂ ଜାତୀୟ ସୁରକ୍ଷା ମୁଖ୍ୟ ଅଲି ଲାରିଜାନିଙ୍କ ସମେତ ଅନେକ ଶୀର୍ଷ ନେତାଙ୍କୁ ସମାପ୍ତ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନର କ୍ଷମତାକୁ ବହୁ ମାତ୍ରାରେ ହ୍ରାସ କରାଯାଇଛି, ଯଦିଓ ଗୁଇନ୍ଦା ରିପୋର୍ଟ ଏହା ସହ ସମ୍ପୂର୍ଣ୍ଣ ଏକମତ ନୁହେଁ। ତେବେ ଇସ୍ରାଏଲ ଅଧିକାରୀମାନଙ୍କ ମତରେ କେବଳ ୨୦ରୁ ୨୫ ପ୍ରତିଶତ ଲଞ୍ଚର ବାକି ଅଛି, କିନ୍ତୁ ଏଥିରେ ସୁଡଙ୍ଗ ଭିତରେ ଲୁଚି ରହିଥିବା ଅସ୍ତ୍ରଶସ୍ତ୍ର ଅନ୍ତର୍ଭୁକ୍ତ ନାହିଁ।

## ଆକ୍ରମଣରେ ଇରାନର କ୍ୟୁସମ ବନ୍ଦର କ୍ଷତିଗ୍ରସ୍ତ

ତେହରାନ/ନ୍ୟୁୟର୍କ, ୩।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଇରାନର ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ କ୍ୟୁସମ ଦ୍ୱୀପ ଉପରେ ହୋଇଥିବା ଆକ୍ରମଣର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଉପଗ୍ରହ ଚିତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଏହି ଦ୍ୱୀପର କ୍ୟୁସମ ବନ୍ଦରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରଏଟର୍ସ ପକ୍ଷରୁ ଜାରି କରାଯାଇଥିବା ଉପଗ୍ରହ ଚିତ୍ର ଅନୁଯାୟୀ, ଗୁରୁବାର କ୍ୟୁସମ ଦ୍ୱୀପର ବନ୍ଦର ଅଞ୍ଚଳରୁ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ୧ରୁ ୨ ତାରିଖ ମଧ୍ୟରେ ହୋଇଥିବା ଏହି ଆକ୍ରମଣରେ କ୍ୟୁସମ ଦ୍ୱୀପର ବାହମାନ ବାଣିଜ୍ୟିକ ବନ୍ଦର ଏବଂ ଫିସିଂ ପିଅରର ଅନେକ ଅଂଶ ଧ୍ୱଂସ ହୋଇଯାଇଛି। ଇରାନ ଅଧିକାରୀମାନେ କହିଛନ୍ତି ଯେ ବାହମାନ ବନ୍ଦର ଏକ ବ୍ୟାପାରିକ କେନ୍ଦ୍ର। ଏହା ଉପରେ ଆକ୍ରମଣ କରିବା ଅନ୍ତର୍ଜାତୀୟ ମାନିବିକ ନିୟମର ଖୋଲାଖୋଲି ଉଲ୍ଲଂଘନ। ତେବେ ଏହି ଆକ୍ରମଣରେ କୌଣସି ଜୀବନହାନୀ ହୋଇନାହିଁ ବୋଲି କୁହାଯାଇଛି।



**ପଲାସା ଓ ଇଚ୍ଛାପୁରମକୁ ପୂର୍ବତଟରୁ ହଟାଇବା ନିଷ୍ପତ୍ତି**

# ଓଡ଼ିଶା ଦିବସରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପହାର: ବିଜେଡି




● ଆନ୍ଧ୍ରକୁ ଖୁସି କରିବା ପାଇଁ ଓଡିଶାର ଅଞ୍ଚଳକୁ ଟେକି ଦିଆଯାଇଛି
● ୨୦ ସାଂସଦ ଓ ରାଜ୍ୟ ବିଜେପି ନେତାଙ୍କ ନିରବତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର, ୩।୪ (ସମିସ): 'ଡବଲ ଇଞ୍ଜିନ, ଡବଲ ବିକାଶ' ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଶାକୁ ଅଧିକ ସହାୟତା ପ୍ରଦାନ କରିବା ପରିବର୍ତ୍ତେ ହକ୍‌କୁ ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର ଚଳାଇଛି। ଓଡ଼ିଶା ଦିବସ ପାଳନ ସମୟରେ ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇରୁ କାଢିନେଇ ଆନ୍ଧ୍ରପ୍ରଦେଶରେ ଥିବା ଦକ୍ଷିଣତଟ ରେଳବାଇରେ ମିଶ୍ରଣ କରାଯାଇଛି । ବିଜେପି ସରକାରଠାରୁ ଓଡ଼ିଶାବାସୀଙ୍କ ପାଇଁ ଏହାଠାରୁ ମହାର୍ଘ୍ୟ ଉପହାର ଆଉ କ'ଣ ଥାଇପାରେ ବୋଲି କଟାକ୍ଷ କରିଛି ବିଜେଡ଼ି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ଦଳର ମୁଖପାତ୍ର ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଡବଲ ଧୋକା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଅତନୁ କହିଛନ୍ତି ଯେ ପୂର୍ବତଟ ରେଳବାଇ ଦେଶରେ ଥିବା ସମସ୍ତ ରେଳବାଇ ଡିଭିଜନ ଭିତରେ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବା ଡିଭିଜନ। ମାତ୍ର ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇକୁ ଦୁର୍ବଳ କରିବାକୁ ଲଗାତର ଉଦ୍ୟମ ହେଉଛି। ବର୍ଷେ ତଳେ କୋରାପୁଟ ଜିଲ୍ଲା ଓ ରାୟଗଡା ଜିଲ୍ଲାର କିଛି ଅଂଶକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଥିଲା। ଏବେ ଓଡ଼ିଶା ଦିବସ ପାଳିତ ହେଉଥିବା ବେଳେ ପଲାସା ଓ ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପିର ନେତାମାନେ ରାଜ୍ୟ ପ୍ରତି ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ପୂର୍ବତଟ ରେଳବାଇକୁ ଲଗାତର ଭାବେ ସଙ୍କୁଚିତ କରାଯାଉଛି, କିନ୍ତୁ ଓଡ଼ିଶାର ୨୦ ଜଣ ବିଜେପି ଲୋକସଭା ସାଂସଦ ଓ ରାଜ୍ୟ ନେତୃତ୍ୱ ମୁହଁରେ ତୁଣ୍ଡି ଦେଇ ବସି ରହିଛନ୍ତି। ଯେଉଁ ୨୦ ଜଣ ବିଜେପି ସାଂସଦ ରାଜ୍ୟରୁ ଯାଇଛନ୍ତି, ସେମାନଙ୍କ ଭୂମିକା କ'ଣ ବୋଲି ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ? ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଆନ୍ଧ୍ର ପାଖରେ ବନ୍ଧା ପକାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଛନ୍ତି। ସେହିପରି ଲେନିନ କହିଛନ୍ତି ଯେ ରାଜ୍ୟରେ ୬ଟି ଜିଲ୍ଲାକୁ ରେଳ ସଂଯୋଗ ହୋଇପାରି ନାହିଁ। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଲେ, ଓଡିଶାକୁ ଅଧିକ କ'ଣ ଦେବେ, ଓଡ଼ିଶାର ହକ୍‌କୁ ଛଡାଇ ନେଉଛନ୍ତି। ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବା ସହିତ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଥିବା ରେଳ ଅଞ୍ଚଳ ଗୁଡିକୁ ଦକ୍ଷିଣ-ପୂର୍ବ ରେଳବାଇରୁ କାଢି ପୂର୍ବତଟ ରେଳବାଇରେ ମିଶ୍ରଣ କରି ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ଦାବି କରିଛନ୍ତି ।

# ବାଣ କାରଖାନାରେ ବିସ୍ଫୋରଣ; ୬ ଗୁରୁତର

ନୟାଗଡ଼, ୩।୪ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ଘଟି ୬ଜଣ ଗୁରୁତର ହୋଇଛନ୍ତି। ୬ଜଣଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ ଏବଂ ତାଙ୍କ ପୁଅ ନବକିଶୋର ସେଠୀ ଦୀର୍ଘ ଦିନ ଧରି ବାଣ ନିର୍ମାଣ କରିବା ସହ ବ୍ୟବସାୟ କରିଆସୁଥିଲେ। ହାଡ଼ିବନ୍ଧୁଙ୍କ ପତ୍ନୀ ଏହି କାରବାରର ମଖ୍ୟ କାର୍ପଟଦାର ଥିଲେ। ଆଗକୁ ଲଙ୍କାପୋଡ଼ି ଓ ପଣାଯାତ୍ରା ପାଇଁ ଅନେକ ସ୍ଥାନରୁ ବାଣ ପାଇଁ ହାଡ଼ିବନ୍ଧୁ ପରିବାର ଆଡଭାନ୍ସ ଅର୍ଡର ରଖିଥିଲେ। ଆଜି ହାଡ଼ିବନ୍ଧୁ ଘର ବାରିପଟ କଦଳୀ ବଗିଚା ନିକଟରେ ରହିଥିବା କୁଡ଼ିଆରେ ବାଣ ନିର୍ମାଣ କରୁଥିଲେ। ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ପୁଅ ନବ, କୋରଡ଼ା ଗ୍ରାମର ନିରଞ୍ଜନ ନାୟକ, ମୀନା ଗାଡ଼ିଆ ଗ୍ରାମର ବାପି ନାୟକ, ମନୋଜ ନାୟକ ସେଠାରେ ବସି ବାଣ ପ୍ରସ୍ତୁତି କରୁଥିଲେ। ଏହି ସମୟରେ ଉକ୍ତ ସ୍ଥାନରେ ପଡ଼ୋଶୀ ଘରେ ରହି ପାଠ ପଢୁଥିବା ଗଞ୍ଜାମ ଅଞ୍ଚଳର ନାବାଳକ ଅମ୍ରିତ ସେଠି ଖେଳୁଥିଲେ। ତେବେ ବାଣ ଭିଡ଼ିବା ବେଳେ ହଠାତ୍ ବାଣ ବିସ୍ଫୋରଣ ଘଟିବାରୁ ଉପରୋକ୍ତ ୬ ଜଣ ଗୁରୁତର ହୋଇଥିଲେ। କାହାର ହାତ ଛିଣ୍ଡି ଯାଇଛି ତ ପୁଣି କାହାର ଦେହରୁ ଚମଡ଼ା ଉତୁରି ଯାଇଛି। ଏଭଳି ଅବସ୍ଥାରେ ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିବା ବେଳେ ବିସ୍ଫୋରଣ କାରଣରୁ ଲାଗିଥିବା ନିଆଁକୁ ନୂଆଗାଁ ଅଗ୍ନିଶମବାହିନୀ ନିୟନ୍ତ୍ରଣ କରିଛି। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହି ଚିକିତ୍ସା ସୁବିଧା ପାଇଁ ବ୍ୟବସ୍ଥା କରିବା ସହ ସମସ୍ତଙ୍କୁ ଭୁବନେଶ୍ୱର ପଠାଇଛନ୍ତି। ଏହି ବିସ୍ଫୋରଣ ଘଟଣାକୁ ନେଇ କୋରଡ଼ାଠାରୁ ନୟାଗଡ଼ ଯାଏଁ ଲୋକଙ୍କ ମନରେ ଭୟ ଓ ଅସନ୍ତୋଷ ଦେଖାଯାଇଛି।

# ଗାଡ଼ି ଶୋ' ରୁମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ




ବସ୍ତା ବ୍ଲକ, ୩।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧୀ ଛକ ଠାରେ ଥିବା ଏସ୍‌ଆର୍ ଟିଭିଏସ୍ ବାଇକ୍ ଶୋ' ରୁମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଛି। ଏହି ଅଘଟଣରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଛାରଖାର୍ ହୋଇ ଯାଇଛି। ଶୁକ୍ରବାର ଅପରାହ୍ଣରେ ମଧ୍ୟାହ୍ନଭୋଜନ ପାଇଁ କାର୍ଯ୍ୟରତ କର୍ମଚାରୀ ୱାର୍କ-ସପ୍ ବନ୍ଦ କରି ଖାଇବାକୁ ଯାଇଥିବା ବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ, କର୍ମଚାରୀମାନେ ୱାର୍କ-ସପ୍ ଖୋଲିବା ବେଳକୁ ଭିତରେ ନିଆଁ ଭୟଙ୍କର ରୂପ ନେଇ ସାରିଥିଲା। କର୍ମଚାରୀମାନେ ପ୍ରଥମେ ବିକ୍ରି ହେବାକୁ ଥିବା ନୂଆ ଗାଡ଼ି ସବୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ସେତେବେଳକୁ ନିଆଁ ଆଉ ଉଗ୍ରରୂପ ଧାରଣ କରିଥିଲା। ଖବର ପାଇ ବସ୍ତା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଶୋ' ରୁମ୍ ଓ ୱାର୍କସପ୍ ଭିତରକୁ ପଶିବା ଅସମ୍ଭବ ହୋଇ ପଡ଼ିଥିଲା। ଭିତରେ କାମ ହେଉଥିବା ଗ୍ରାହକଙ୍କ ଗାଡ଼ି, ପାର୍ଟ୍ସ, ଏସି ସହିତ ସବୁ ସାମଗ୍ରୀ ହୁତୁହୁତୁ ହୋଇ ଜଳୁଥିଲା। ଦମକଳ ବାହିନୀ ଦୀର୍ଘ ୪ଘଣ୍ଟା ଧରି ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ତେବେ, କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା, ତାହା ଜଣାପଡ଼ିନଥିବା ବେଳେ ସର୍ଟସର୍କିଟ୍‌ରୁ ହୋଇଥିବା ଅନୁମାନ କରାଯାଉଛି।

**ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଯନ୍ତ୍ରାଂଶ ଭସ୍ମୀଭୂତ**

● ରାଜଧାନୀରେ ଘୁଙ୍ଗୁର ମିଶ୍ରଙ୍କୁ ଦୁଷ୍କର୍ମ ପ୍ରସଙ୍ଗ

# ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଶୋଷଣ କରିଛି ପୁଲିସ୍



ଭୁବନେଶ୍ୱର,୩।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ୨୦୨୫ ଜୁନ୍ ମାସରେ ଘୁଙ୍ଗୁର ମିଶ୍ର ନାମକ ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ ହେବା ଓ ଏହି ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତାଙ୍କୁ ଏଯାଏଁ ମିଳିପାରି ନାହିଁ। ବାରମ୍ବାର ପୁଲିସ୍ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିବା ପୀଡ଼ିତା ଜଣଙ୍କୁ ପୁଲିସ ନ୍ୟାୟ ଦେବା ବଦଳରେ ତାଙ୍କୁ ଶୋଷଣ କରିଛି ବୋଲି ବିଜେଡି ଅଭିଯୋଗ କରିବା ସହ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ରଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ବିଜୁ ଯୁବ ଜନତା ଦଳର ମହାସଚିବ ସୋଫିଆ ଆଲାମ ଏହି ଘଟଣାକୁ ନେଇ ରାଜ୍ୟ ସରକାର ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଠୋର ସମାଲୋଚନା କରିଛନ୍ତି।

ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ, ୨୦୨୫ ମସିହାରେ ଦୁଷ୍କର୍ମର ଶିକାର ହୋଇଥିବା ଘୁଙ୍ଗୁର ମିଶ୍ରଙ୍କ ପାଖରୁ ଭରତପୁର ଥାନାର ଏସ୍‌ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଳ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର ସତୀଶ ରାଓ ତଦନ୍ତ ଆଳରେ ତାଙ୍କ ଠାରୁ ଟଙ୍କା ନେବା ସହ ଆସାମୀକୁ ଧରିବା ବାହାନରେ ବିମାନ ଯାତ୍ରା କରିବା ପାଇଁ ଟିକେଟ ନେଇଥିଲେ। ରାତି ଅଧରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ନେଗେଟିଭ ଫେବର ମାଗିଥିଲେ। ଏ ସମସ୍ତ ଘଟଣାରୁ ଜଣାପଡୁଛି ପୁଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଇଛି। ପୁଲିସ୍ ପାଖରୁ ନିରାଶ ହେବା ପରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ଏହି ଘଟଣାରେ ପୁଲିସ୍ ଡିଜି ଅବଗତ ଅଛନ୍ତି କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଶେଷରେ ବାଧ ହୋଇ ଘୁଙ୍ଗୁର ମିଶ୍ର ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ। ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଛି। ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ପୁଲିସ୍ ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କୃତ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଏ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

■ ଦୁଷ୍କର୍ମ ପୀଡ଼ିତା ଘୁଙ୍ଗୁର ମିଶ୍ରଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ
■ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇ ମଧ୍ୟ ନ୍ୟାୟ ମିଳିଲାନି
■ ପୀଡ଼ିତାଙ୍କୁ ଟଙ୍କା ଓ ନେଗେଟିଭ୍ ଫେବର ମାଗୁଛି ପୁଲିସ୍

# କାଳବୈଶାଖୀ ଭାଙ୍ଗିଦେଲା ୪୧ ଘର, ୪ ଗୃହପାଳିତ ପଶୁ ମୃତ



ବାରିପଦା, ୩।୪ (ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ଷା-ପବନରେ ୪୧ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ବଜ୍ରପାତରେ ୪ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ କାଳବୈଶାଖୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ତାଣ୍ଡବ ରଚିଥିଲା। ଏଥିଯୋଗୁଁ ଜିଲ୍ଲାର ଶାମାଖୁଣ୍ଟା, ବାରିପଦା ଓ ବିଜାତଲା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୩ଟି ବ୍ଲକ୍‌ର ୯ଟି ଗ୍ରାମର ଲୋକେ କାଳବୈଶାଖୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଶାମାଖୁଣ୍ଟା ବ୍ଲକ୍‌ର ଖାଣ୍ଡିଆ, ଭାଲକୀ ଓ ବାଲିଡିହା ପଂଚାୟତର ୪ଟି ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଛି। ପ୍ରବଳ ବେଗରେ ପବନ ଯୋଗୁଁ ବଡ଼ବଡ଼ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡ଼ିଛି। ବହୁ ଲୋକଙ୍କ ଘରଛପର ଉଡ଼ିଯିବା ସହ କାନ୍ଥ ପଡ଼ି ଯାଇଛି। ସେହିପରି, କାଳବୈଶାଖୀ ଜନିତ ବଜ୍ରପାତରେ ୪ଟି ଛେଳିର ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ଯୋଗାଉ ଦେଇଛନ୍ତି। ରାଜସ୍ୱ ଅଧିକାରୀ, କୃଷି ଅଧିକାରୀ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ନାବାଳିକାକୁ ହତ୍ୟା କରି କେନାଲରେ ଫିଙ୍ଗିଦେଲେ

ରାଜନଗର, ୩।୪ (ସମିସ): ୭ ବର୍ଷୀୟା ନାବାଳିକାକୁ ହତ୍ୟା କରି କେନାଲରେ ଶବ ଫିଙ୍ଗିଦେଲେ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବଡ଼କୋଲ୍ଲା ଗ୍ରାମରେ ଏପରି ଏକ ଚର୍ଚ୍ଚା ଏବେ ଜୋର୍ ଧରିଛି। ମୃତ ନାବାଳିକାଜଣଙ୍କ ହେଲେ, ଶୁଭଲକ୍ଷ୍ମୀ ସେନାପତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ପଡ଼ୋଶୀ ବାପା-ପୁଅଙ୍କୁ ସନ୍ଦେହରେ ଉଠାଇ ଆଣି ପଚରାଉଚରା କରୁଛି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗ୍ରାମର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ। ସେ ବର୍ଷେ ହେଲା ମାଆ ସହ ମାମୁଘର ବଡ଼କୋଲ୍ଲାରେ ରହୁଥିଲା। ଗାଁରେ ଚାଲିଥିବା କୀର୍ତ୍ତନ ନିକଟରେ ଅନ୍ୟ ପିଲାଙ୍କ ସହ ଖେଳୁଥିଲା। ହେଲା ଦିନ ପ୍ରାୟ ୧୧ଟା ପରଠାରୁ ତା'ର ଆଉ ପତ୍ତା ମିଳି ନଥିଲା। ଘରଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଖବର ପାଇ ପୁଲିସ, ଅଗ୍ନିଶମବାହିନୀ ପହଞ୍ଚି ଖୋଜାଖୋଜି କରି ଖାଲି ହାତରେ ଫେରିଥିଲେ। ୫ ମାସ ତଳେ ପଡ଼ୋଶୀ ବେଣୁ ଦାସଙ୍କ ନାତି ପୋଖରୀରେ ବୁଡି ପ୍ରାଣ ହରାଇଥିଲା। "ମୋ ନାତି ତୁମ ନାତୁଣୀ ପାଇଁ ମରିଛି। ତୁମ ନତୁଣୀକୁ ୬ ମାସ ଭିତରେ ମରିବ' ବୋଲି ବେଣୁ ବାରମ୍ବାର ଧମକ ଦେଇ ଆସୁଥିବା ନେଇ ପରିବାରଲୋକେ ଗତକାଲି ପୁଲିସକୁ କହିଥିଲେ। ଆଜି ପଟ୍ଟାମୁଣ୍ଡାଇ, ରାଜନଗର ଅଗ୍ନିଶମ ବାହିନୀ ଓ ଏସଡିପିଓ ସୁକାନ୍ତ କୁମାର ପାତ୍ର, ଆଇଆଇସି ନରେଶ କୁମାର ସାହୁ ପୁଲିସ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ହଠାତ୍ କେନାଲରେ କଲଭର୍ଟ ତଳୁ ଶୁଭଲକ୍ଷ୍ମୀର ମୃତଦେହ ଭାସିଭାସି ଆସିଥିଲା।

ଅଗ୍ନିଶମବାହିନୀ କର୍ମଚାରୀ କେନାଲ ମଧ୍ୟରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ପଡ଼ୋଶୀ ବେଣୁ ଦାସଙ୍କ ଘର, ରୋଷେଇ ଘରକୁ ଯିବା ପରେ ଘର ଦେଇ ପଛପଟେ ଥିବା କେନାଲ ନିକଟକୁ ଯାଇ ଶୋଇ ରହିଥିଲା। କୁକୁର ବାରମ୍ବାର ବେଣୁ ଦାସଙ୍କ ଘରକୁ ଯାଇଥିବା ଓ ପରିବାରଲୋକେ ବେଣୁ ଦାସଙ୍କ ନାଁରେ ଗତକାଲି ପୁଲିସ ନିକଟରେ ଅଭିଯୋଗ କରିଥିବାରୁ ପୁଲିସ ବେଣୁ ଓ ତାଙ୍କ ପୁଅକୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି।

# ଆଜି ଖଡ଼ି ଛୁଇଁବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୩।୪(ସମିସ): ଆଜି ବିଦ୍ୟାଳୟରେ ଅନୁଷ୍ଠିତ ହେବ ଖଡ଼ିଛୁଆଁ ଉତ୍ସବ। ପ୍ରଥମଥର ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନେ ବିଦ୍ୟାରମ୍ଭ କରିବେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ସାମିଲ ହେବେ। ସୂଚନାଯୋଗ୍ୟ, ପୂର୍ବରୁ ଗତ ୨ତାରିଖ ଦିନ ଖଡ଼ିଛୁଆଁ ଉତ୍ସବ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତି ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଅପରପକ୍ଷରେ, ବିଦ୍ୟାଳୟକୁ ଶିଶୁଙ୍କୁ ଆଣିବା ପାଇଁ ଖଡ଼ିଛୁଆଁ ଉତ୍ସବ ପରେ ଅର୍ଥାତ୍ ୪ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ବୁଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼!



ମାଲକାନଗିରି,୩।୪(ସମିସ): ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଗାଁ ମଝିରେ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଘଟଣାଟି ମାଲକାନଗିରି ଜିଲ୍ଲାର କୁମ୍ଭିଗୁଡ଼ା ଗ୍ରାମର ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ଏମ୍‌ଭି-୪୦ ଗ୍ରାମର ଯୁବକ ଅଜିତ ଡାକୁଆ ଓ ତାଙ୍କର ଜଣେ ସହଯୋଗୀ ବଦଲି ପଞ୍ଚାୟତ ଅନ୍ତର୍ଗତ କୁମ୍ଭିଗୁଡ଼ା ଗାଁକୁ ଯାଇଥିବା ବେଳେ ସେଠାରେ ସେମାନେ କିଛି ସାମଗ୍ରୀ ଚୋରି କରୁଥିବା କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଉତ୍ତ୍ୟକ୍ତ ହୋଇ ଅଜିତ ଓ ତାଙ୍କ ସହଯୋଗୀଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଯୁବକଜଣଙ୍କ ଚୋରି କରିଥିଲେ କି ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇନାହିଁ ବୋଲି ଜଣାପଡ଼ିଛି। ଏହି ଘଟଣାର ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।

**ସରକାରୀ ଟଙ୍କା ଖାଇଗଲା ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ**

# ବାରମ୍ବାର ପେନସନ୍, ଗ୍ରାଚ୍ୟୁଇଟି ଦେଇ ୩ କୋଟିରୁ ଊର୍ଦ୍ଧ୍ୱ ହରିଲୁଟ

● କିରାଣୀ ଓ ଅବସରପ୍ରାପ୍ତ ଏଏସ୍‌ଆଇ ଗିରଫ,
● ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୪୪ଲକ୍ଷ ବ୍ୟାଙ୍କ ଜମା ଅଚଳ
● ଅଡିଟ ବେଳେ ଧରାପଡ଼ିଲା; ଡିଡିଓଙ୍କ ସମ୍ପୃକ୍ତି ଅଭିଯୋଗ




ସମ୍ବଲପୁର, ୩।୪(ସମିସ): ସରକାରୀ କର୍ମଚାରୀ ଖାଇଗଲେ ସରକାରୀ ଟଙ୍କା। ସରକାରଙ୍କ ପାଖରୁ ଆସୁଥିବା ଟଙ୍କା ବିଭିନ୍ନ ବିଲ୍ କରି କୋଟିକୋଟି ଟଙ୍କା ଆତ୍ମସାତ୍ କଲେ। ଏପରିକି, ଜଣକୁ ଏକାଧିକଥର ପେନସନ୍, ଏରିୟର୍, ଗ୍ରାଚ୍ୟୁଇଟି ଦେଲେ। ଏପରି କରି ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରୁ ୩.୬୭ କୋଟି ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ଏପରି ଘଟଣା ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ଘଟିଛି। ବାରମ୍ବାର ମିଥ୍ୟା ବିଲ୍ କରି ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଅଇଁଠାପାଲି ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନିଲମ୍ବିତ କିରାଣୀ ଓ ଜଣେ ଅବସରପ୍ରାପ୍ତ ଏଏସ୍‌ଆଇ ରହିଛନ୍ତି। ଗିରଫଦ୍ୱୟ ହେଲେ, ଗଜପତି ପାରଳାଖେମୁଣ୍ଡିର ସନ୍ଦୀପ କୁମାର ପଟ୍ଟନାୟକ (୩୮) ଓ କଟକ ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର ଶରତ ଚନ୍ଦ୍ର ବେହେରା (୬୫)। ସନ୍ଦୀପ ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରୁଥିବା ବେଳେ ଶରତ କାର୍ଯ୍ୟରୁ ଅବସର ନେଇଥିଲେ। ସେମାନଙ୍କ ନିକଟରୁ ୨୩ଲକ୍ଷ ୪୬ହଜାର ୫ଶହ ନଗଦ ଟଙ୍କା ଜବତ ହୋଇଛି। ଏହାସହ ଡିଡିଓ ବ୍ୟାଙ୍କଖାତାରେ ଜମା ୧୪ଲକ୍ଷ, ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ଦୁଇଟି ବ୍ୟାଙ୍କଖାତାରେ ଜମା ୩୦ଲକ୍ଷ ଟଙ୍କାକୁ ପୁଲିସ୍ ଅଚଳ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ନଭେମ୍ବର ୨୦୨୨ରୁ ଅକ୍ଟୋବର ୨୦୨୫ ମଧ୍ୟରେ ସରକାରୀ ଟଙ୍କା ଅନିୟମିତତା ହୋଇଥିବା ଅଡିଟ୍ ବେଳେ ଜଣାପଡ଼ିଥିଲା। ଏନେଇ ଅବକାରୀ ନିର୍ଦ୍ଦେଶାଳୟ କଟକରୁ ଅଡିଟ୍ ରିପୋର୍ଟ ଆସିଥିଲା। ସମ୍ବଲପୁର ଅବକାରୀ ଏସପି ଅଶୋକ କୁମାର ସେଠ ଏ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ବେଳେ କୋଟିକୋଟି ଟଙ୍କା ହଡ଼ପ ହୋଇଥିବା ଜାଣିବାକୁ ପାଇଥିଲା। ପୁଲିସ ସୂଚନା ଅନୁସାରେ ଗିରଫ କିରାଣୀ ପେନସନ୍ ଆଳରେ ମିଥ୍ୟା ବିଲ୍ କରୁଥିଲେ। ଆଇଏଫଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ଜାଲ୍ ସାଙ୍କସନ ଅର୍ଡର ପ୍ରସ୍ତୁତ କରି ପେନସନ୍ ଏବଂ ବକେୟା ଦରମା ବାବଦରେ କୋଟି କୋଟି ଟଙ୍କା ବେଆଇନ ଭାବେ ଉଠାଇ ନେଇଥିଲେ। ଏପରିକି, ଜଣେ ହିତାଧିକାରୀଙ୍କୁ ଏକାଧିକଥର ପେନସନ ଓ ଗ୍ରାଚ୍ୟୁଇଟି ମଧ୍ୟ ଦେଉଥିଲେ। ଗିରଫ ଅବସରପ୍ରାପ୍ତ ଏଏସ୍‌ଆଇ ଶରତଙ୍କ ବ୍ୟାଙ୍କ ଖାତାକୁ ବାରମ୍ବାର ଟଙ୍କା ଯାଉଥିଲା। ପରେ ସେ କମିଶନ ରଖି କିରାଣୀଙ୍କୁ ଦେଇ ଦେଉଥିଲେ। ଅନ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି। ସେପଟେ ଅବକାରୀ ଏସପି ଡିଡିଓଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ମଧ୍ୟ କରିଛନ୍ତି।

# ବିକାଶ ଅପହଞ୍ଚ; କୋଣଠେସା ତେଲକୋଇ ବ୍ଲକ୍

- କିରାଣି ଭରସାରେ ଶିକ୍ଷା ବିଭାଗ
- ସ୍ୱାସ୍ଥ୍ୟ ବିଭାଗ ପାଇଁ ଦଦରା ଭିତ୍ତିଭୂମି
- ପାନୀୟଜଳ, ଗମନାଗମନ ବିକାଶର ଅଧୋଗତି

ତେଲକୋଇ, ୩।୪(ସମିସ):




ଆଜିବି ସ୍ୱାଧୀନତା ଓ ବିକାଶର ସ୍ୱାଦ ପାଇପାରି ନାହାନ୍ତି ତେଲକୋଇ ବ୍ଲକ୍ ଅଞ୍ଚଳର ଅଧିବାସୀ। ଏହି ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷା ବିଭାଗର ମନମାନି ଯୋଗୁଁ କୋମଳମତି ଶିଶୁଙ୍କର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଦ ଫାଙ୍କା ଥିବାରୁ ଜଣେ କିରାଣି ଦ୍ୱାରା କାର୍ଯ୍ୟାଳୟ ଚାଲୁଛି। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ହାତବାରିସୀ କରି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ରାତିଅଧିଆ ବଦଳି କରାଯାଉଛି। ଏଥିରେ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ଅଭିଯୋଗ ହେଉଛି। ଦୀର୍ଘବର୍ଷ ହେବ ତେଲକୋଇ ଶିକ୍ଷା ବିଭାଗ ବାଂଶପାଳ ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ରହିଛି। ହେଲେ ଦାୟିତ୍ୱରେ ଥିବା ଶିକ୍ଷାଧିକାରୀ ନିୟମିତ ତେଲକୋଇ ବ୍ଲକ ଅଞ୍ଚଳ ଗସ୍ତ କରୁ ନଥିବାରୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ମନମାନି ବୃଦ୍ଧି ପାଇବାରେ ଲାଗିଛି। କର୍ମଚାରୀମାନେ ମନଇଚ୍ଛା ବିଦ୍ୟାଳୟକୁ ଯା'ଆସ କରୁଥିବା ଦେଖାଯାଇଛି। ସେହିପରି କେତେକ ଶିକ୍ଷକ ବିଦ୍ୟାଳୟକୁ ନ ଯାଇ ଠିକା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ସର୍ବୋପରି ଶିକ୍ଷା ବିଭାଗର ଅବହେଳା ପାଇଁ କିଛି ଜାଲ୍ ଶିକ୍ଷକ ଚାକିରି କରି ସରକାରୀ ଅର୍ଥ ହରିଲୁଟ କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଉ ନଥିବା ଅଭିଯୋଗ ହୋଇଛି।

ସେହିପରି ସ୍ୱାସ୍ଥ୍ୟ ବିଭାଗ ମାଳ ମାଳ ସମସ୍ୟା ଭିତରେ। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସାଙ୍ଗକୁ ଉଜୁଡ଼ା ଭିତ୍ତିଭୂମିର ବିକଳ ଚିତ୍ର ଦର୍ଶାଉଛି। ବ୍ଲକର ୨୨ଟି ପଞ୍ଚାୟତର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାଆନ୍ତି। କେବଳ ଡାକ୍ତର ଅଭାବ ନୁହେଁ ତା ସାଙ୍ଗକୁ ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ଟେକ୍ନିସିଆନ ଆଦି ଅଭାବ ରହିଛି। ଫଳରେ ସୀମିତ ଡ଼ାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀରେ ଦୈନିକ ଶହ ଶହ ରୋଗୀଙ୍କ ସେବା ଯୋଗାଇବାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସକ୍ଷମ ହେଉନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ୍ସ-ରେ ମେସିନ୍ ଟେକ୍ନିସିଆନ ଅଭାବରୁ ବହୁ ବର୍ଷ ହେବ ଖତ ଖାଉଛି। ବର୍ଷା ହେଲେ ରୋଗୀ ୱାର୍ଡ ସହିତ ଡାକ୍ତରଙ୍କ ରହିବା ଗୃହ ଛାତରୁ ପାଣି ଗଳୁଛି। ଗତ ଜୁଲାଇରେ ଓଡ଼ିଶା ସରକାରଙ୍କ ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି-୫ର ଏକ ପ୍ରତିନିଧି ଦଳ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତରେ ଆସି ଏହାର ଅବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଭିତ୍ତିଭୂମି ସଜାଡ଼ିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଅଭାବକୁ ପୂରଣ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଗସ୍ତକୁ ଦୀର୍ଘଦିନ ବିତି ଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ଉନ୍ନତି ଘଟିନାହିଁ। ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଛି।

ସେହିପରି ଗମନାଗମନ ଅଞ୍ଚଳରେ ବଡ଼ ସମସ୍ୟା ରହିଛି। ପୂର୍ତ୍ତ ବିଭାଗଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ, ପଞ୍ଚାୟତ ପକ୍ଷରୁ ବିଭିନ୍ନ ଗ୍ରାମ ପଡ଼ାକୁ ରାସ୍ତା ନିର୍ମାଣ କରାଯାଉଛି। ଯାହା ସବୁ ପୁଣି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଛନ୍ତି। ବିଶେଷ କରି ମୁଖ୍ୟରାସ୍ତା ଦାୟିତ୍ୱ ବହନ କରିଥିବା ପୂର୍ତ୍ତ ବିଭାଗ ତେଲକୋଇଠାରୁ ବିମଳା, ତେଲକୋଇଠାରୁ କନ୍ତଲା, ତେଲକୋଇ କାଞ୍ଜିପାଣି ରାସ୍ତା ଓ ବିମଳାଠାରୁ କାଳିଆହତା ରାସ୍ତାକୁ ବିଭାଗ ପକ୍ଷରୁ ସଂପୂର୍ଣ୍ଣ ଭାବେ ଅବହେଳା କରାଯାଉଛି।

ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ମେଗା ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଜଳ ଯୋଗାଣ ହୋଇ ପାରିନାହିଁ। ଫଳରେ ଲୋକେ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବସୁଧା ଯୋଜନା ମଧ୍ୟ ଅନେକ ଗ୍ରାମକୁ ଛୁଇଁ ପାରି ନାହିଁ। ଫଳରେ ଗ୍ରାମାଞ୍ଚଳର ଲୋକେ ଜଳ ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ତେଲକୋଇ ଅଞ୍ଚଳବାସୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି।

ପ୍ରକାଶ ଥାଉ କି, ଏହା ଓଡ଼ିଶା ଇତିହାସରେ ସର୍ବପୁରାତନ ଓ ଚର୍ଚ୍ଚିତ ତେଲକୋଇ ବିଧାନସଭା କ୍ଷେତ୍ରର ସଦର ତେଲକୋଇ ବ୍ଲକ୍ ଅଞ୍ଚଳର ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ରହିଛି। ଫଳରେ ତେଲକୋଇ ବ୍ଲକର ଅଧିବାସୀମାନେ ଅଭିଶପ୍ତ ଜୀବନ ଜିଉଁଛନ୍ତି। ତେଲକୋଇ ଅଞ୍ଚଳର ସମସ୍ୟାକୁ ନେଇ ବିଭିନ୍ନ ସଂଗଠନ ବ୍ଲକ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟା ସମାଧାନ ହେଉନାହିଁ। ତେଲକୋଇ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ରାଜନେତାମାନେ ଅଞ୍ଚଳର ସରଳ ଓ ନିରୀହ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସଭା ସମିତିରେ ରାଜନୈତିକ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଅଞ୍ଚଳର ବିକାଶକୁ ନେଇ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବରେ ଏହାର ନଗ୍ନ ଚିତ୍ର ଜଳ ଜଳ ବାରି ହୋଇପଡୁଛି। ରାଜ୍ୟ ସରକାରଙ୍କ ବିକାଶ ମାନଚିତ୍ରରେ ତେଲକୋଇ ବ୍ଲକ 'କୋଣଠେସା' ହୋଇରହିଛି। ତେଲକୋଇ ବ୍ଲକର ବିକାଶ ପାଇଁ କୌଣସି ରାଜନେତା କିମ୍ବା ପ୍ରଶାସନର ଦରଦ ନଥିବା ଅଭିଯୋଗ ହୋଇଛି। ବିକାଶରେ କୌଣସି ପରିବର୍ତ୍ତନ ଘଟିନାହିଁ।

## ଆଧାର ନାହିଁ; ମିଳୁନି ବର୍ଦ୍ଧିତ ଭତ୍ତା

**● ଅସହାୟ ଅବସ୍ଥାରେ ରତ୍ନମଣି**



ଆନନ୍ଦପୁର, ୩।୪ (ସମିସ): ଘସିପୁରା ବ୍ଲକ ଅଲତି ପଞ୍ଚାୟତ ପଦନପୁର ଗ୍ରାମର ରତ୍ନମଣି ନାୟକଙ୍କୁ ୯୫ରୁ ଅଧିକ ବୟସ ହେଲାଣି; ହେଲେ ମିଳୁନାହିଁ ବର୍ଦ୍ଧିତ ଭତ୍ତା। କାରଣ ସରକାରୀ ଯୋଜନାରେ ସାମିଲ ହେବାକୁ ହେଲେ ଦରକାର ଆଧାର କାର୍ଡ। ଯାହା ରତ୍ନମଣିଙ୍କର ନାହିଁ। ସରକାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ମଧ୍ୟ ତାଙ୍କୁ ସୁଫଳ ମିଳିନାହିଁ ବୋଲି କହିଛନ୍ତି ଅସହାୟ ମହିଳାଙ୍କ ପୁଅ ଦିବାକର ନାୟକ। ସୂଚନା ଅନୁସାରେ, ରତ୍ନମଣିଙ୍କ ୨୫ ବର୍ଷ ପୂର୍ବରୁ ଶାରୀରିକ ଅକ୍ଷମତା ହେତୁ ଆଙ୍ଗୁଠି ଟିପଚିହ୍ନ ଓ ଆଖିକୁ ଦେଖାଯାଉ ନଥିବାରୁ ହୋଇପାରୁନି ଆଧାର କାର୍ଡ। ଶାରୀରିକ ଯନ୍ତ୍ରଣା ସତ୍ତ୍ୱେ ଭତ୍ତା ଆଣିବା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଛି ଦୀର୍ଘ ବାଟ। ଏମିତି ଜୀବନ ଯନ୍ତ୍ରଣାର ଏହି କରୁଣ ଦୃଶ୍ୟ ଆମ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅସହାୟଙ୍କୁ ଘରେ ଯାଇ ଭତ୍ତା ଦେବାର ବ୍ୟବସ୍ଥା ଥିଲେ ବି ବୃଦ୍ଧାଙ୍କୁ ଅଣଦେଖା କାହିଁକି? ସରକାରଙ୍କ ଏତେ ସବୁ ଯୋଜନା କାହା ପାଇଁ? ବର୍ଦ୍ଧିତ ଭତ୍ତା ପାଇଁ ପୁଅ ଦିବାକର କେନ୍ଦୁଝର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି ଚାରିମାସରୁ ଅଧିକ ହେବ କିଛି ବି ସମାଧାନ ହେଉନାହିଁ।

## ଗ୍ୟାସ୍ କଳାବଜାର; ଯୋଗାଣ ବିଭାଗର ଚଢ଼ଉ



ବଡ଼ବିଲ, ୩।୪(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିରହିଥିବାରୁ ଦେଶରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସହିତ କଳାବଜାର ମଧ୍ୟ ଲାଗିରହିଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବଡ଼ବିଲ ଯୋଗାଣ ନିରୀକ୍ଷକ ବିଶ୍ୱବନ୍ଦିତା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ କନିଷ୍ଠ ଏନଫୋର୍ସମେଣ୍ଟ ଅଧିକାରୀ ବିଭୂତିଭୂଷଣ ନାଏକ, ରାଜେନ୍ଦ୍ର ନାରାୟଣ ଦାଶ, ବିନୋଦ କୁମାର ରାୟ, ଜଗବନ୍ଧୁ ମହାନ୍ତ, କୈଳାଶଚନ୍ଦ୍ର ମହାନ୍ତ ଓ ମନୋଜ କରୁଆ ଚଢ଼ଉ କରି ବିଭିନ୍ନ ଦୋକାନ ଓ ହୋଟେଲରେ ଯାଞ୍ଚ କରିଥିଲେ। କେତେକ ହୋଟେଲ ଓ ଗ୍ୟାରେଜରୁ ୨୦ ହଜାର ଟଙ୍କା ଜରିମାନା ସହ ୩ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଥିଲେ।

## ଟ୍ରାନ୍ସଫର୍ମର ଅଚଳ; ପରିବା ଚାଷ ପ୍ରଭାବିତ



କେନ୍ଦୁଝର,୩।୪(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମରେ ଗଭୀର ନଳକୂଅ ପାଇଁ ବସିଥିବା ଟ୍ରାନ୍ସଫର୍ମର ୧୪ ଦିନହେବ ଅଚଳ ହୋଇଯାଇଛି। ଫଳରେ ୬ ଏକର ଜମିରେ ଚାଷ କାର୍ଯ୍ୟ ବାଧା ଦେଖାଦେଇଛି। ରଘୁନାଥ ଲାଗୁରୀ, ପାଣ୍ଡବ ମୁଣ୍ଡା, ଲକ୍ଷ୍ମଣ ସୋରେନ, ଲକ୍ଷ୍ମଣ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ମାଝୀ ଚାଷୀଙ୍କ ଜମିରେ ତରଭୁଜ, ବାଇଗଣ, ବିଲାତି, କୋବି ଆଦି ସବୁଜ ପନିପରିବାର ଚାଷ କରିଥିବାବେଳେ ଜଳସେଚନ ଅଭାବରୁ ତାହା ନଷ୍ଟ ହେବାକୁ ବସିଛି। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଟ୍ରାନ୍ସଫର୍ମର ବସାଇବାକୁ ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେନେଇ ଅଧୀକ୍ଷଣ ଯନ୍ତ୍ରୀ ମୀନକେତନ ସାମଲ ପଦକ୍ଷେପ ନେବାକୁ କହିଥିଲେ ମଧ୍ୟ ତୁରନ୍ତ ଟ୍ରାନ୍ସଫର୍ମର ବସାଇବାକୁ ଚାଷୀ ସମୂହ ଦାବି କରିଛନ୍ତି।

## ହରିଣର କ୍ଷତାକ୍ତ ଗଳିତ ମୃତଦେହ ଉଦ୍ଧାର



ତୁରୁମୁଙ୍ଗା, ୩।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ତିଣ୍ଡା ବିଟ୍ ଅନ୍ତର୍ଗତ ହାତୀବାରି ଗାଁ ନିକଟ ସଂରକ୍ଷିତ ଜଙ୍ଗଲ ଭିତରୁ ଶୁକ୍ରବାର କ୍ଷତାକ୍ତ ଅବସ୍ଥାରେ ଏକ ଅଣ୍ଡିରା ହରିଣର ଗଳିତ ମୃତଦେହକୁ ଉଦ୍ଧାର କରିଛି ବନ ବିଭାଗ। ବ୍ୟବଚ୍ଛେଦ ପରେ ପାଟଣା ରେଞ୍ଜ କାର୍ଯ୍ୟାଳୟରେ ପୋତି ଦିଆଯାଇଛି। ଗାଁ ନିକଟ ଜଙ୍ଗଲରେ ହରିଣର ଗଳିତ ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ସୁଜାତା ସାହୁ, ପାରାସ୍କାଡ ଶିରପାଣି ମହାନ୍ତ ରେଞ୍ଜ କାର୍ଯ୍ୟାଳୟକୁ ନେଇ ପଶୁ ଚିକିତ୍ସକ ଅର୍ପିତ ଅମିତାଂଶୁ ବିଶ୍ୱାଳଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇଥିଲେ। ହରିଣଟି କୌଣସି ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବନ ବିଭାଗ ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ।

## ଗ୍ରାମ ନ୍ୟାୟାଳୟରେ ନୂତନ ଅଧିକାରୀଙ୍କ ଯୋଗଦାନ



ଆନନ୍ଦପୁର, ୩।୪ (ସମିସ): ଓଡ଼ିଶା ନ୍ୟାୟିକ ସେବାଧିକାରୀ ତଥା ପ୍ରଥମଶ୍ରେଣୀ ନ୍ୟାୟିକ ଦଣ୍ଡାଧିକାରୀ ପ୍ରଣୀତା ରଥ ଘଷିପୁରା ଗ୍ରାମନ୍ୟାୟାଳୟର ନ୍ୟାୟାଧିକାରୀ ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ଓକିଲ ସଂଘ ସଭାଗୃହରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଗୌରବ ପୁରୋହିତ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା ଏବଂ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରୀ ଯଶସ୍ୱିନୀ ମହାପାତ୍ର ନ୍ୟାୟପାଳିକା ଓ ଓକିଲ ସଂଘ ମଧ୍ୟରେ ପାରସ୍ପରିକ ସହଭାଗିତାରେ ନ୍ୟାୟ ବିଚାରକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଓକିଲ ସଂଘର ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ରାମଚନ୍ଦ୍ର ପାତ୍ର, ସନ୍ତୋଷ ସିହ୍ନା, ତୁଳସୀଦାସ ଗୋଲାମ ଦେବତା, ମନୋଜ ମିଶ୍ର, ହରେକୃଷ୍ଣ ପଟନାୟକ, ସଞ୍ଜୟ ମିଶ୍ର, ଜୟନ୍ତ ରାଜ, ସୁବାସ ବିଶ୍ୱାଳ, ବିଜୟ ପଣ୍ଡା, ସୁରଥ ବେହେରା, କିଶୋର ଚକ୍ର, ଅମର ମହାପାତ୍ର, ରବିନ୍ଦ୍ର ବେହେରା, ହୃଦାନନ୍ଦ ଦ୍ୱିବେଦୀ, ପ୍ରତାପ କର, ହେମରଞ୍ଜନ ବେହେରା, ମନୋରଞ୍ଜନ ପାଣିଗ୍ରାହୀ, ହେମନ୍ତ ମଲିକ, ଭୁବନେଶ୍ୱର ଜେନା, ରବିନ୍ଦ୍ର ସ୍ୱାଇଁ, ପ୍ରସନ୍ନ ରଣା, ଅତୁଲ ନାଏକ, ରମେଶ ବାରିକ, ରାମଚନ୍ଦ୍ର ମିଶ୍ର, ପଞ୍ଚାନନ ବେହେରା, ଚମ୍ପୁପ୍ରସାଦ ଓଝା, ସସ୍ମିତା ସ୍ନେହଦର୍ଶିନୀ ନାୟକ, ଶ୍ରୀନାଥ ଘଡେଇ, ମାନସ ସାହୁ, ଶିଶିର ସେଠୀ, ରୁଦ୍ରପ୍ରସନ୍ନ ନାୟକ ଉପସ୍ଥିତ ଥିଲେ। ସମ୍ପାଦିକା ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଆନନ୍ଦପୁର, ୩।୪ (ସମିସ): ସଦ୍ୟ ନିର୍ବାଚିତ ଆନନ୍ଦପୁର ଓକିଲ ସଂଘର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ସ୍ୱଚ୍ଛତା, ପବିତ୍ର କାର୍ଯ୍ୟସାଧନ ଓ ଦାୟିତ୍ୱ ନିର୍ବାହ ନିମନ୍ତେ ଏକ ସ୍ୱତନ୍ତ୍ର ସଭାରେ ଶପଥ ଗ୍ରହଣ କରିଛନ୍ତି। ଏଥିନିମନ୍ତେ ଓକିଲ ସଂଘର ସଭାଗୃହରେ ଏକ ଶପଥ ଗ୍ରହଣ ସଭା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ନିର୍ବାଚନ ଅଧିକାରୀ ମହେନ୍ଦ୍ର କୁମାର ରାମଙ୍କ ସଭାପତିତ୍ୱରେ ସହ ନିର୍ବାଚନ ଅଧିକାରୀ ରମେଶଚନ୍ଦ୍ର ବାରିକଙ୍କ ସଂଯୋଜନାରେ ନବନିର୍ବାଚିତ ସଭାପତି ଦୟାନିଧି ଦାଶ, ଉପସଭାପତି ଭରତଚନ୍ଦ୍ର ସେଠୀ, ସମ୍ପାଦକ ମଧୁସ୍ମିତା ଦାସ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, କାର୍ଯ୍ୟକାରୀ କମିଟି ସଦସ୍ୟ ଜୁମରସିଂ ମହାନ୍ତି, କହ୍ନେଇ ଚରଣ ସାହୁ, ମନୋଜ ତ୍ରିପାଠୀ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପୂର୍ବ ସରକାରୀ ଅଧିବକ୍ତା ମହେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ସନ୍ତୋଷ ସିହ୍ନା, ତୁଳସୀ ଗୋଲାମ ଦେବତା, ମନୋଜ ମିଶ୍ର, କିଶୋର ଚକ୍ର, ଅମର ମହାପାତ୍ର, ହୃଦାନନ୍ଦ ଦ୍ୱିବେଦୀ, ହେମରଞ୍ଜନ ବେହେରା, ହେମନ୍ତ ମଲିକ, ସୁବାସଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର ଜେନା, ସୁଦାମ ଚରଣ ମଙ୍ଗଳ, ସରକାରୀ ଅଧିବକ୍ତା ମାନସ ସାହୁ, ଧ୍ରୁବସେନ ପରିଡା, ରୁଦ୍ରପ୍ରସନ୍ନ ନାୟକ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ହାଲପୋଡ଼ି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ତେଲକୋଇ, ୩।୪(ସମିସ): ତେଲକୋଇ ବ୍ଲକ ତେଲକୋଇ ପଞ୍ଚାୟତ ହାଲପୋଡ଼ି ଗ୍ରାମରେ ଗୁରୁବାରଠାରୁ ୩ଦିନ ବ୍ୟାପି ଅଷ୍ଟପ୍ରହରୀ ନାମଯଜ୍ଞ ଚାଲିଛି। ଶୁକ୍ରବାର ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ଗ୍ରାମର ଲକ୍ଷ୍ମୀଧର ପ୍ରଧାନ ବସିଥିବା ବେଳେ ୬ଜଣ ବ୍ରତଧାରୀ କଳସ ବସାଇଥିଲେ। ଏଥିରେ ପୂଜକ ଭାବେ ଅନିରୁଦ୍ଧ କର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଖପାଖ ଅଞ୍ଚଳରୁ ୧୫ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଛନ୍ତି। ପ୍ରଭୁ ନିତାଇ ଗୌରଙ୍କୁ ଦର୍ଶନ କରିବା ଲାଗି ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶନିବାର ନାମ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ଦଧିହାଣ୍ଡି ଭଙ୍ଗନ ପରେ ବୈଠକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ରହିଛି। ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପ୍ରସାଦ ସେବନ ଲାଗି ଆନନ୍ଦ ବଜାର ଖୋଲା ଯାଇଥିଲା। ଏହି ଅଷ୍ଟପ୍ରହରୀ ନାମଯଜ୍ଞ ବହୁ ବର୍ଷ ହେବ ଚାଲି ଆସୁଥିବା ବେଳେ ଗ୍ରାମର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଝୁମ୍ପୁରା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବାଲିବନ୍ଧ, ୩।୪ (ସମିସ): ଝୁମ୍ପୁରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ସୁବଳ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ମୁଖ୍ୟବକ୍ତା ଭାବେ ବଡବିଲ ସିଆରସିସି ଦୁଃଖବନ୍ଧୁ ମିଶ୍ର, ସମ୍ମାନିତ ଅତିଥିଭାବେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଅନିନ୍ଦ୍ୟ ବେହେରା, ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଡମ୍ବରୁଧର ମହାନ୍ତ ଅତିଥିଙ୍କ ରିଚୟ ମଧ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିନୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ସୁମନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବରେ ଦୁଇଟି ପର୍ଯ୍ୟାୟରେ ନାଚଗୀତ ଅନୁଷ୍ଠିତ ହୋଇଥିଲା। ୧ମ ପର୍ଯ୍ୟାୟରେ ଅରୁଣ ଶ୍ରେଣୀଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ସଭା କାର୍ଯ୍ୟ ସରିଲା ପରେ ୩ୟ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ନାଚଗୀତ ପରିବେଷଣ କରାଯାଇଥିଲା। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପ୍ରବୀର ଯୁବମୋର୍ଚ୍ଚାର ଗଣମାଧ୍ୟମ ଆବାହକ



ଆନନ୍ଦପୁର, ୩।୪ (ସମିସ): କେନ୍ଦୁଝର ଜିଲ୍ଲାରେ ଦଳୀୟ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି କରାଯାଇଛି। ଦକ୍ଷ ଯୁବ ସଂଗଠକ ପ୍ରବୀରଙ୍କୁ କେନ୍ଦୁଝର ଜିଲ୍ଲା ଯୁବ ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ଆବାହକ ଭାବେ ମନୋନୀତ କରାଯାଇଛି। ତାଙ୍କର କାର୍ଯ୍ୟଦକ୍ଷତା ଏବଂ ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ଥିବା ପାରଦର୍ଶିତାକୁ ଦୃଷ୍ଟିରେ ରଖି ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଏବଂ ଯୁବ ମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରା ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିଯୁକ୍ତି ଘୋଷଣା ହେବା ପରେ କେନ୍ଦୁଝର ଜିଲ୍ଲାର ଯୁବ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ପ୍ରବୀରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯିବା ସହ ସେ ଜିଲ୍ଲାରେ ଯୁବକମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ଏକଜୁଟ୍ କରିବାରେ ସଫଳ ହେବେ ବୋଲି ଦଳୀୟ ନେତୃବୃନ୍ଦ ଆଶା ପ୍ରକଟ କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଆନନ୍ଦପୁର, ୩।୪ (ସମିସ): ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶାନ୍ତି ପାଣିଗ୍ରାହୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନାଙ୍କ ସଂଯୋଜନାରେ ଆନନ୍ଦପୁର ସଂଘ ସଭାପତି ଚିତ୍ତରଞ୍ଜନ ଘଡ଼େଇ, ଶିକ୍ଷକ ନିହାର ରଞ୍ଜନ ଜେନା, ପ୍ରଭଞ୍ଜନ ପାଢ଼ୀ, ବିଶ୍ୱଜିତ ନାହାକ, ବୁଦ୍ଧିରାମ ସା, ଶ୍ୱେତଲିନା ମହାପାତ୍ର, ସୁଜାତା ରାଉତ, ଆଶିଷ ରାୟ, ଅଶୋକ ବରାଳ, ଅମରଜ୍ୟୋତି ପଣ୍ଡା ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ। ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ଜୟନ୍ତ କୁମାର ସାହୁ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ସାହୁ, ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ସଭା ପରିଚାଳନା କରିଥିଲେ।

## ଖଣି ଅଞ୍ଚଳରେ ୨୬ ଟିକିଆ ହାତୀପଲ; ଲୋକେ ଆତଙ୍କିତ




ଯୋଡ଼ା, ୩।୪(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ୨୬ ଟିକିଆ ହାତୀପଲକୁ ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଏହି ହାତୀ ପଲ ଚମ୍ପୁଆ ରେଞ୍ଜ ଅଞ୍ଚଳରେ ରହି କିଛି ମାସ ଉତ୍ପାତ କରିବା ପରେ ଗତ ମାର୍ଚ୍ଚ ୯ ତାରିଖରେ ସୀମାନ୍ତ ଝାଡ଼ଖଣ୍ଡକୁ ଚାଲିଯାଇଥିଲେ। ପୁଣି କିଛି ଦିନର ବ୍ୟବଧାନ ପରେ ଏମାନେ ଓଡ଼ିଶାକୁ ଫେରିଛନ୍ତି। ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଦେଇ ବଡ଼ବିଲ ରେଞ୍ଜ ଅଞ୍ଚଳକୁ ପ୍ରବେଶ କରିଛନ୍ତି ଏହି ୨୬ ଟିକିଆ ହାତୀ ପଲ। ଗତ ବିଳମ୍ବିତ ରାତିରେ ବିଲେଇ ପଦା ସେକ୍ସନ ଅନ୍ତର୍ଗତ କାଟାମାଟି ଲୌହ ଖଣି ପରିସରରେ ଏହି ୨୬ ଟିକିଆ ହାତୀ ପଲଙ୍କୁ ଦେଖିବାକୁ ମିଳିଥିଲା। ହାତୀ ପଲରେ ୧୨ଟି ମାଈ, ୬ଟି ଦନ୍ତା ଓ ୮ଟି ଛୁଆ ହାତୀ ରହିଛନ୍ତି। ଏହି ହାତୀ ପଲ ଖଣି ପରିସରରେ ପଶି ପ୍ରାୟ ଦେଢ଼ ଘଣ୍ଟା ଧରି ରହିବା ପରେ ଖଣିର ମୁଖ୍ୟ ଫାଟକ ନିକଟ ଦେଇ ଚାଲିଯାଇଥିଲେ। ତେବେ ଏହି ସମୟରେ ହାତୀଙ୍କୁ ଦେଖିବା ପାଇଁ ଖଣି ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଦେଖାଯାଇଥିଲା। ସେମାନେ ନିଜର ମୋବାଇଲ କ୍ୟାମେରାରେ ହାତୀଙ୍କ ଛବି ଉତ୍ତୋଳନ କରିଥିଲେ। ବନ କର୍ମଚାରୀ ହାତୀଙ୍କ ଉପରେ ନଜର ରଖିଥିବାବେଳେ ଏବେ ଏହି ହାତୀପଲ ଖଣି ନିକଟବର୍ତ୍ତୀ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛନ୍ତି। ନିକଟବର୍ତ୍ତୀ ଅଞ୍ଚଳ ମୁର୍ଗାବେଡ଼ା ଓ ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ବନ ବିଭାଗ ହାତୀପଲ ଉପରେ କଡ଼ା ନଜର ରଖିଥିବା ନେଇ ବଡ଼ବିଲ ରେଞ୍ଜର ସଂଜୀବ କୁମାର ରାଉତ ସୂଚନା ପ୍ରଦାନ କରିଛନ୍ତି।

## ଫଟୋଉଠାରେ ସୀମିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

# ୬ ହଜାର ଚାରାର ନାହିଁ ଚିହ୍ନ ବର୍ଣ୍ଣ, କିଏ ଉତ୍ତରଦାୟୀ






**ଗୋଟିଏ ଫଳକର ଦୁଇ ପାର୍ଶ୍ୱରେ ୨ ପ୍ରକଳ୍ପର ସୂଚନା**

ଶୁକ୍ଳି, ୩।୪(ସମିସ)

ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକରେ ହୋଇଥିବା 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ରୋପିତ ଚାରା ଗଛ ଉଭାନ ହେବା ନେଇ ଏବେ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଉଛି। ବିଶେଷକରି ବିଲେଇଶୁଆ ଗ୍ରାମର ପରିସ୍ଥିତି ଦେଖିଲେ, କାର୍ଯ୍ୟକ୍ରମର ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି।

ବିଲେଇଶୁଆ ଗ୍ରାମରେ ଯେତେ ଚାରା ଲଗାଯାଇଥିଲା, ବର୍ତ୍ତମାନ ସେଥିରୁ ଗୋଟିଏ ମଧ ବଞ୍ଚିନାହିଁ। ଅନେକ ସ୍ଥାନରେ ଚାରା ଲଗାଯାଇଥିବା ଚିହ୍ନ ମଧ ମିଳୁନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଚାରାରୋପଣ କାର୍ଯ୍ୟକ୍ରମ କେବଳ ଫଟୋ ଉଠା ଓ ଦେଖାଦେଖି ପର୍ଯ୍ୟନ୍ତ ସୀମିତ ରହିଗଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଚାରା ଲଗାଇବା ପରେ ସେଗୁଡିକର ରକ୍ଷଣାବେକ୍ଷଣ, ପାଣି ଯୋଗାଣ କିମ୍ବା ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଗଛଗୁଡିକ ଶୁଖିଯାଇ ନଷ୍ଟ ହୋଇଯାଇଛି। ଗୋଟିଏ ଫଳକକୁ ବ୍ୟବହାର କରି ଦୁଇଟି ପ୍ରକଳ୍ପ ପାଇଁ ସୂଚନା ଉଲ୍ଲେଖ କରାଯିବା ସଭିଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ କେବଳ ଲକ୍ଷ୍ୟ ପୂରଣ ପାଇଁ ଚାରା ଲଗାଇବା ପର୍ଯ୍ୟନ୍ତ ସୀମିତ ରହିବା ନୁହେଁ, ତାହାର ସଠିକ୍ ତଦାରଖ ଓ ଉତ୍ତରଦାୟୀ ନିଶ୍ଚିତ କରିବାକୁ ଦାବି ଉଠୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ରରୁଆଁ ବ୍ଲକ ପକ୍ଷରୁ ୧୨ଟି ପଞ୍ଚାୟତରେ ବ୍ୟାପକ ଭାବେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସରକାରୀ ସ୍ଥାନ ଓ ରାସ୍ତାକଡ଼ରେ ପୃଥିବୀ ମା'ଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ୬ ହଜାରରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏଥିରେ ଶାଳ, ଶାଗୁଆନ, ଆକାଶିଆ, ଆମ୍ବ, ପିଜୁଳି, ଅଁଳା, ଲେମ୍ବୁ ଇତ୍ୟାଦି ମୂଲ୍ୟବାନ ଗଛ ଚାରା ରହିଥିଲା। କିନ୍ତୁ ଦୁଃଖର କଥା, ବହୁ ପରିମାଣରେ ଲାଗିଥିବା ଚାରାଗୁଡ଼ିକର ବର୍ତ୍ତମାନ ଅବସ୍ଥା ଦୟନୀୟ। ଅନେକ ସ୍ଥାନରେ ଚାରାର କୌଣସି ଚିହ୍ନ ବର୍ଣ୍ଣ ମଧ ଦେଖିବାକୁ ମିଳୁନାହିଁ। ପରିଚର୍ଯ୍ୟାର ଅଭାବ, ପାଣି ଯୋଗାଣର ଅନିୟମିତତା, ରକ୍ଷଣାବେକ୍ଷଣର ଅଭାବ, ଦାୟିତ୍ୱହୀନତା ଯୋଗୁଁ ଅଧିକାଂଶ ଚାରା ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏହି ଘଟଣାର ତଦନ୍ତ କରାଯାଇ ଦାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମକୁ କାଗଜପତ୍ର ଓ ଫଟୋରେ ନୁହେଁ, ବାସ୍ତବରେ ସଫଳ କରିବାକୁ ପଦକ୍ଷେପ ନେବା ଆବଶ୍ୟକ। ଏ ଦିଗରେ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନଦୀରେ ବୁଡ଼ି ମହିଳା ମୃତ

**ସାରସକଣା, ୩।୪(ସମିସ):** ସାରସକଣା ବ୍ଲକ ଅନ୍ତର୍ଗତ ରାଜାଲୋକା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ମହିଳା ହୀରାମଣି ସୋରେନ ଆଜି ଦ୍ୱିପହରରେ ଗାଧୋଇବାକୁ ଯାଇ ଫେରି ନ ଥିଲେ। କିଛି ଘଣ୍ଟା ପରେ ପରିବାର ପକ୍ଷରୁ ଗ୍ରାମର ବିଭିନ୍ନ ସ୍ଥାନରେ ହୀରାମଣିଙ୍କୁ ଖୋଜାଖୋଜି କରାଯାଇଥିବାବେଳେ ଗ୍ରାମ ନିକଟ କତରା ନଦୀ କୂଳରେ ସେ ଭାସୁଥିବା ଦେଖିଥିଲେ। ପୁଲିସକୁ ଖବର ଦେବାରୁ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପଠାଇଥିଲା। ହୀରାମଣିଙ୍କ ମୃତ୍ୟୁ କିଭଳି ହେଲା ତାହା ବର୍ତ୍ତମାନ ସନ୍ଦେହ ଘେରରେ ରହିଥିବାବେଳେ ପୁଲିସ ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଯୁବକ ମୃତ

**ମୋରଡା, ୩।୪(ସମିସ):** ମୋରଡା ଥାନା ଅଧୀନ ଚିତ୍ରଡା ପଞ୍ଚାୟତର ପାଟପୁରଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରାକ୍ଟରକୁ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବସ୍ତା ଥାନା ଅଞ୍ଚଳର ସଞ୍ଜୟ ମାଝୀ। ସେ ଚିତ୍ରଡାର ତାଙ୍କ ଭଉଣୀ ଘରକୁ ଆସି ଫେରୁଥିବା ସମୟରେ ଉକ୍ତ ଦୁର୍ଘଟଣା ଘଟିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତ୍ରିନାଥ ଗୋଲ୍ଡ ଟେଷ୍ଟିଂ ସେଣ୍ଟର ଉଦ୍‌ଘାଟିତ



**ବାରିପଦା, ୩।୪(ସମିସ):** ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ ଛକ ନିକଟରେ ଶୁକ୍ରବାର ତ୍ରିନାଥ ଗୋଲ୍ଡ ଟେଷ୍ଟିଂ ସେଣ୍ଟରର ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ସୁନା କ୍ରୟ-ବିକ୍ରୟ ଓ ପୁରୁଣା ସୁନା ଉପରେ ଉଚିତ ମୂଲ୍ୟ ପାଇବା ନେଇ ଲୋକଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଏହି ସଂସ୍ଥା ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସେବା ପ୍ରଦାନ କରିବ। ଏହି ସେଣ୍ଟରରେ ଜର୍ମାନ ଜ୍ଞାନକୌଶଳ ବ୍ୟବହାର କରି ପୁରୁଣା ସୁନାରେ ଥିବା ସଠିକ ସୁନା ପରିମାଣ ନିର୍ଦ୍ଧାରଣ କରାଯାଉଛି। ଏହାର ବିଶେଷତ୍ୱ ହେଉଛି 'ବେଷ୍ଟ ଆନାଲିଟିକାଲ ଟେଷ୍ଟିଂ'। ଯାହା ଗ୍ରାହକଙ୍କୁ ସୁନାର ଶୁଦ୍ଧତା ବିଷୟରେ ସମ୍ପୂର୍ଣ୍ଣ ସଠିକ ତଥ୍ୟ ପ୍ରଦାନ କରିଥାଏ। ଏଥିସହ ଯଦି ଆପଣଙ୍କ ସୁନା କୌଣସି ବ୍ୟାଙ୍କ ବା ଏନବିଏଫସିରେ ବନ୍ଧକ ଅଛି, ତେବେ ଏହି ସଂସ୍ଥା ତାହାକୁ ମୁକୁଳାଇବାରେ ସାହାଯ୍ୟ କରିବା ସହ ବର୍ତ୍ତମାନର ବଜାର ଦରରେ ତାହାକୁ କ୍ରୟ କରିବାର ସୁବିଧା ଦେଉଛି। ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ଅଳଙ୍କାରକୁ ଆଜିର ବଜାର ଦର ଅନୁଯାୟୀ ଏଠାରେ ବିକ୍ରି କରିପାରିବେ। ସୁନା ବିକ୍ରି କଲେ ଗ୍ରାହକଙ୍କୁ ତୁରନ୍ତ ନଗଦ ଟଙ୍କା କିମ୍ବା ଇନଷ୍ଟାଣ୍ଟ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ପେମେଣ୍ଟ ମିଳିବାର ବ୍ୟବସ୍ଥା ରହିଛି। ପରୀକ୍ଷଣ ପ୍ରକ୍ରିୟାକୁ ଗ୍ରାହକମାନେ ସିସିଟିଭି ମାଧ୍ୟମରେ ଲାଇଭ୍ ଦେଖିପାରିବେ, ଯାହା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ। ବାରିପଦାରେ ଏହି ସୁବିଧା ଉପଲବ୍ଧ ହେବା ଫଳରେ ସ୍ଥାନୀୟ ଲୋକ ଓ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଗ୍ରାହକ ବିଶେଷ ଭାବେ ଉପକୃତ ହୋଇପାରିବେ। ବାରିପଦା ବ୍ରାଞ୍ଚକୁ ମିଶାଇଲେ କମ୍ପାନୀ ଓଡ଼ିଶାରେ ୪ଟି ଓ ପାନ ଇଣ୍ଡିଆରେ ୧୫ଟି ବ୍ରାଞ୍ଚ ଖୋଲାଯାଇଛି। ଆଗକୁ ଘରକୁ ଘର ଏହି ସେବା ଯୋଗାଇବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ସୂଚନା ପ୍ରଦାନ କରିଛି। ଅଧିକ ସୂଚନା ପାଇଁ ଗ୍ରାହକମାନେ ହେଲ୍ପଲାଇନ ନମ୍ବର ୯୧୨୪୩ ୦୧୪୫୭ରେ ଯୋଗାଯୋଗ କରିପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ସାଇ ହସ୍ପିଟାଲ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



**ବାରିପଦା, ୩।୪(ସମିସ):** ବାରିପଦା ଉପକଣ୍ଠର ଟିକାୟତପୁରସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସାଇ ହସ୍‌ପିଟାଲ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସାଇ ହସ୍ପିଟାଲ ଚକ୍ଷୁ ବିଭାଗର ମ୍ୟାନେଜର ପରିତୋଷ ଦାସଙ୍କ ତତ୍ତ୍ୱାବଧାନରେ ଡାକ୍ତର ଡାକ୍ତର ପୁରୁଷୋତ୍ତମ ନାଥଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ସାମ୍ପ୍ରତିକ ସମୟରେ ମୋବାଇଲ୍ ଓ କମ୍ପ୍ୟୁଟରର ଅଧିକ ବ୍ୟବହାର ଯୋଗୁଁ କୋମଳମତି ଶିଶୁଙ୍କ ଦୃଷ୍ଟିଶକ୍ତି ଉପରେ ପଡୁଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ସାଇ ହସ୍ପିଟାଲ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ସାଇ ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ରୋଗ ବିଶେଷଜ୍ଞ ଦଳ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତି, ରଙ୍ଗ ଚିହ୍ନଟ ଓ ଆଖିର ଅନ୍ୟାନ୍ୟ ସମସ୍ୟା ପରୀକ୍ଷା କରିଥିଲେ। ପାଠ ପଢ଼ିବା ସମୟରେ ଆଖିର ଯତ୍ନ କିପରି ନେବେ, ଡିଜିଟାଲ୍ ସ୍କ୍ରିନ୍‌ଠାରୁ କିପରି ଦୂରେଇ ରହିବେ, ସେ ବିଷୟରେ ଡାକ୍ତର ପୁରୁଷୋତ୍ତମ ନାଥ ପରାମର୍ଶ ଦେଇଥିଲେ। ଯେଉଁ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତିରେ ତ୍ରୁଟି ଦେଖାଯାଇଥିଲା, ସେମାନଙ୍କୁ ହସ୍ପିଟାଲ ପକ୍ଷରୁ ଚିକିତ୍ସା କରାଯାଇ ମାଗଣାରେ ଔଷଧ ଓ ଚଷମା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ସାଇ ହସ୍ପିଟାଲର ମୁଖ୍ୟ ପରିଚାଳକ ଲକ୍ଷ୍ମୀକାନ୍ତ ପତି କହିଥିଲେ, ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ। ଅନେକ ସମୟରେ ଦୃଷ୍ଟିଶକ୍ତି କମ ଥିଲେ ମଧ ପିଲାମାନେ ଜାଣିପାରନ୍ତି ନାହିଁ। ଯାହା ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରେ। ତେଣୁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ଶିବିରରେ ବିଦ୍ୟାଳୟର ପ୍ରାୟ ୧୨୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତ୍ କୁମାର ଓ ଅଭିଭାବକ ସାଇ ହସ୍ପିଟାଲର ଏହି ମହତ ପ୍ରୟାସକୁ ପ୍ରଶଂସା କରିଛନ୍ତି। ହସ୍ପିଟାଲର ସ୍ୱେଚ୍ଛାସେବୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗୁଡୁଗୁଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ କଲେ ସମୀକ୍ଷା



ରାଇରଙ୍ଗପୁର/କରଞ୍ଜିଆ, ୩।୪(ସମିସ): ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ଗୁଡୁଗୁଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ପରିଦର୍ଶନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ କାୟାକଳ୍ପ ପୁରସ୍କାର ହାସଲ କରିଥିବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତି ଅନୁଧ୍ୟାନ କରିଥିଲେ। ଏକ ସମୀକ୍ଷା ବୈଠକ କରି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବ୍ୟବସ୍ଥା ବାବଦରେ ଡାକ୍ତର ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ଅବସରରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ ଉପସ୍ଥିତ ଥିଲେ। ଶିମିଳିପାଳ ବନାଞ୍ଚଳରେ ଥିବା ଗୁଡୁଗୁଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପିପିପି ମୋଡ଼ରେ ସ୍ୱେଚ୍ଛାସେବୀ ସଂଗଠନ 'ସ୍ମାର' ଦ୍ୱାରା ପରିଚାଳିତ ହେଉଛି। ଏହା ଉଲ୍ଲେଖନୀୟ କାର୍ଯ୍ୟ କରି ସଫଳତା ହାସଲ କରି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଭଳି ଦୁର୍ଗମ ଅଞ୍ଚଳରେ ଗୁଡୁଗୁଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏକ ମଡେଲ ଭାବେ କାର୍ଯ୍ୟ କରୁଛି। ଯାହାକି ଉଦାହରଣ ଅଟେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ସମସ୍ୟା ବାବଦରେ ଆଲୋଚନା କରି ସମାଧାନ ପାଇଁ ପ୍ରସ୍ତାବ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ସିଡିଏମ୍‌ଓ ଡା. କିଶୋର ଆଚାର୍ଯ୍ୟ, ଡିପିଏମ୍ ଅନୀଲ ମହାନ୍ତି, ଏନଏଚଏମ ଆସିଷ୍ଟାଣ୍ଟ ଇଞ୍ଜିନିୟର ବସନ୍ତ ରାଜ, ପିଏମ୍‌ସି ଇନ୍‌ଚାର୍ଜ ଗୁଲିଆ ହାଁସଦା, ଯଶିପୁର ସିଏମ୍‌ସି ଇନ୍‌ଚାର୍ଜ ଡା. ଧୁଣ୍ଡା ମୁଣ୍ଡା, ପିଏଚ୍‌ଓ ଧନୁର୍ଜୟ ସେନାପତି, ବିଜୟ ସ୍ୱାଇଁ, ଦେବାଶିଷ ସାହୁ, ଆଶାକର୍ମୀ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଙ୍ଗଦାନ କଲେ ଲେଖିକା ସୁଚରିତା ମହାନ୍ତି



**ବାରିପଦା, ୩।୪(ସମିସ):** ପ୍ରାଚୀନ କାଳରୁ ସମାଜରେ ଭୂମିଦାନ, ଗୋଦାନ, କନ୍ୟାଦାନ, ଜଳଦାନ ଆଦି ଚଳଣି ରହିଆସିଛି। ଆଧୁନିକ ସମାଜରେ ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ପରେ ରକ୍ତଦାନ ଓ ଅଙ୍ଗଦାନ କରି ଆଜି ଜଣେ ଅନ୍ୟର ଜୀବନ ବଞ୍ଚାଇବାର ସୌଭାଗ୍ୟ ଅର୍ଜନ କରିପାରୁଛି। ସେହି ଧାରାରେ ଲେଖିକା, କବି ତଥା ସମାଜସେବୀ ସୁଚରିତା ମହାନ୍ତି ପବିତ୍ର ଓଡ଼ିଶା ଦିବସ ଅବସରରେ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ, ହୃତପିଣ୍ଡ, ଫୁସଫୁସ ଓ ଦୁଇ ଆଖିର କୋମିଆ ଦାନ କରିଛନ୍ତି। ଶ୍ରୀମତୀ ମହାନ୍ତି ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ପୁସ୍ତକ ମଧ ଦାନ କରିଆସୁଛନ୍ତି। ଖବର ପାଇ ଶିକ୍ଷାବିତ ଡଃ କୁମରମଣି ନାୟକ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଭାସ୍ୱତୀ ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ, କବି ଓ ଶୁଭେଚ୍ଛୁ ତାଙ୍କର ଏହି ଦାନ ପାଇଁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଏହି ମହତ୍ ଦାନ ପାଇଁ ତାଙ୍କୁ ତାଙ୍କ ପୁତ୍ର ପାର୍ଥସାରଥି ମହାନ୍ତି ଓ ପରିବାରବର୍ଗ ଉତ୍ସାହିତ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନିକଟ ଭବିଷ୍ୟତରେ ସେ କର୍କଟ ରୋଗୀଙ୍କ ପାଇଁ କେଶ ଦାନ କରବା ପାଇଁ ଭୁବନେଶ୍ୱରର ଏକ ଅନୁଷ୍ଠାନ ସହ ଯୋଗାଯୋଗ କରିଛନ୍ତି ବୋଲି ଜଣାଇଛନ୍ତି।

## ଚିଞ୍ଚିଲଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

# ନାହିଁ ଶୌଚାଳୟ, ପୋଷାକ ଓ ବହି ନିୟମିତ ମିଳୁନି



**ରାସଗୋବିନ୍ଦପୁର, ୩।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ଚିଞ୍ଚିଲଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଅବ୍ୟବସ୍ଥା। ଏ ନେଇ ଅଭିଯୋଗ ଆଣିଛନ୍ତି ଏସ୍‌ଏମ୍‌ସି ମେମ୍ବର ଓ ଗ୍ରାମବାସୀ। ବିଦ୍ୟାଳୟରେ ୨୩୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଆସନ୍ତି ମାତ୍ର ୩୧ ଜଣ। ମଧ୍ୟାହ୍ନଭୋଜନ କରୁଛନ୍ତି ୧୩ ଜଣ ଛାତ୍ରଛାତ୍ରୀ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ ନ ଥିବାରୁ ସେମାନେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି।

୫୦ ବର୍ଷର ଏହି ବିଦ୍ୟାଳୟ ଆଜି ଅବହେଳିତ। ପରିଚ୍ଛନ୍ନତା ଉପରେ ପ୍ରଶ୍ନ ଉଠୁଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅପାରଗତା କାରଣରୁ ଏ ବିଦ୍ୟାଳୟ ଅବହେଳିତ। ୨୩୧ ପିଲା ପାଇଁ ମାତ୍ର ଗୋଟିଏ ଶୌଚାଳୟ ରହିଛି। ଚାରିଆଡ଼େ ଫାଙ୍କା, ପାଚେରି ନାହିଁ କି ବାଡ଼ ନାହିଁ। ପୋଷାକ, ବହି ନିୟମିତ ମିଳୁନାହିଁ। ଏଭଳି ଘଟଣା ଏ ସମ୍ପର୍କରେ ଏସ୍‌ଏମସି ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। କୌଣସି ଉପରିସ୍ଥ ଅଧିକାରୀ କିଛି ବୁଝୁ ନ ଥିବା ଅଭିଯୋଗ କରିଛନ୍ତି। ସରକାର ଶିକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହି ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବ୍ୟବସ୍ଥା ଖୁବ୍ ଶୀଘ୍ର ସୁଧୁରିବ ବୋଲି କହିଛନ୍ତି।

## ମାସା ସଂଗଠନର ଦାବି ପୂରଣ

# ହେନ୍ଦେବା ଓ ବୁରୁଡିହି ଲୋକଙ୍କ ଦୂର ହେଲା ରାସ୍ତା ସମସ୍ୟା




**ବିଶୋଇ, ୩।୪(ସମିସ):** ବିଶୋଇ ବ୍ଲକ ଖଡ଼ମବେଡ଼ା ପଞ୍ଚାୟତର ହେନ୍ଦେବା ଓ ବୁରୁଡିହି ଆଦିବାସୀ ଗ୍ରାମରେ ବିକାଶ ଅପହଞ୍ଚ ରହିଥିଲା। ଏ ନେଇ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ କିଛି ସୁଫଳ ମିଳିପାରୁ ନ ଥିଲା। ମାସା ସଂଗଠନ ପକ୍ଷରୁ ବିଶୋଇ ବ୍ଲକ କାର୍ଯ୍ୟାଳୟରେ ଏ ନେଇ ପୂର୍ବରୁ ତାଲା ପକାଯାଇଥିବାବେଳେ ଉକ୍ତ ଗ୍ରାମକୁ ମୌଳିକ ସୁବିଧା ପାଇଁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ପରେ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଏହାର ସମାଧାନ ହୋଇଛି।

ଅପହଞ୍ଚ ଅଞ୍ଚଳ ହେନ୍ଦେବା ଓ ବୁରୁଡ଼ିହି ଗ୍ରାମରେ ଶତାଧିକ ଆଦିବସୀ ସମ୍ପ୍ରଦାୟର ଲୋକେ ବାସ କରୁଥିବାବେଳେ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ତନ୍ମଧ୍ୟରୁ ଗ୍ରାମକୁ ସଡ଼କ ସଂଯୋଗ ଉକ୍ତ ଦୁଇ ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ଥିଲା। ଯାହା ଗ୍ରାମର ବିକାଶରେ ବାଧକ ସୃଷ୍ଟି କରୁଥିଲା। ଉକ୍ତ ଦୁଇ ଗ୍ରାମକୁ ରାସ୍ତା ସଂଯୋଗ ପାଇଁ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପଦକ୍ଷେପ ଗ୍ରହଣ କରାଯାଇ ରାସ୍ତା କାମ ଆରମ୍ଭ କରାଯାଇଛି। ଆଜି ମାସା ସଂଗଠନ କର୍ମକର୍ତ୍ତା ଦୁଇ ଗ୍ରାମକୁ ଯାଇ କାମ ଦେଖିବା ସହିତ ଗାଁ ଲୋକଙ୍କୁ ଭେଟିଥିଲେ। ସରକାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ମାସା ସଂଗଠନ ସାଧୁବାଦ ଦେଇଥିଲେ। ମାସା ସଂଗଠନର ଜିଲ୍ଲା ସଭାପତି ରାମ ମୁର୍ମୁ, ଜିଲ୍ଲା ସମ୍ପାଦକ ହାଡ଼ିବନ୍ଧୁ ଟୁଡୁ, ବାମନଘାଟି ସମ୍ପାଦକ ମାସାଙ୍ଗ ହେମ୍ବ୍ରମ ଓ ଲକ୍ଷଣ ଟୁଡୁ ଗ୍ରାମରେ ପହଞ୍ଚିବା ସହିତ ଗ୍ରାମବାସୀ ମାସା ସଂଗଠନକୁ ସାଧୁବାଦ ଜଣାଇଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ଜେଏମ୍‌ଏମ୍‌ର ପ୍ରସ୍ତୁତି

# ନୂତନ ପଞ୍ଚାୟତ କମିଟି ଗଠନ କରି ଦଳକୁ କରୁଛି ମଜବୁତ



**ବିଶୋଇ, ୩।୪(ସମିସ):** ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ବିଶୋଇ ବ୍ଲକ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନିଜ ଦଳକୁ ପଞ୍ଚାୟତ ସ୍ତରରେ ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛି। ନିଜ ଦଳର ଟାଣୁଆ ଅଭିଜ୍ଞ ସମ୍ପନ୍ନ ନେତୃବୃନ୍ଦଙ୍କୁ ନେଇ ପଞ୍ଚାୟତ ସ୍ତରରେ ନୂତନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଶୋଇ ବ୍ଲକର ଉଭୟ ୩୩ ଓ ୩୪ନଂ ଜୋନରେ ଜିଲ୍ଲା ପରିଷଦ ଆସନରେ ଦଳ ସଫଳତା ହାସଲ କରିଥିବାବେଳେ ୨୦୨୭ ନିର୍ବାଚନରେ ଏହି ସଫଳତା ଦୋହରାଇବା ପାଇଁ କର୍ମୀ ଆଶାବାଦୀ ଅଛନ୍ତି। ଜେଏମ୍‌ଏମ୍‌ର ବିଶୋଇ ବ୍ଲକ ସଭାପତି ଶ୍ୟାମସୁନ୍ଦର ହାଁସଦାଙ୍କ ସଭାପତିତ୍ୱରେ ଆଜି ନୂଆଗାଁ ପଞ୍ଚାୟତରେ ଦଳର ନୂତନ ପଞ୍ଚାୟତ କମିଟି ଗଠନ କରାଯାଇଛି। ପଞ୍ଚାୟତର ନୂତନ କମିଟିରେ ସଭାପତି ଭାବେ ସ୍ୱରୂପ ସୋରେନ, ଉପସଭାପତି ଲକ୍ଷ୍ମଣ ମୁର୍ମୁ, ସମ୍ପାଦକ ଭାବେ ଭାଗୀରଥି ହେମ୍ବ୍ରମ, ସହସମ୍ପାଦକ ଭାବେ ନୁନାରାମ ମୁର୍ମୁ, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ଟୁଡୁ ଓ ଉପଦେଷ୍ଟା ମଣ୍ଡଳୀରେ ଧନେଶ୍ୱର ଟୁଡୁ, ଧନା ହାଁସଦା, ରାମଦେବ ସୋରେନ, ସୁନାରାମ ହେମ୍ବ୍ରମ, ରାଜୁ ମାଝୀ, ଧାନଚାନ୍ଦ ହେମ୍ବ୍ରମ, ଅଶୋକ ଟୁଡୁ, ଜଗେଶ୍ୱର ମୁର୍ମୁ, ରାମଦାସ ବାସ୍କେଙ୍କୁ ସର୍ବସମ୍ମତି କ୍ରମେ ସାମିଲ କରାଯାଇଛି। ଏହି ନୂତନ କମିଟି ଗଠନରେ ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଳ କିସ୍କୁ, ବରିଷ୍ଠ ଜେଏମ୍‌ଏମ୍ ନେତା ସଞ୍ଜୟ ମହାନ୍ତ, ଜୁଝାର ମୁର୍ମୁ, ମକୋରନ୍ଦ ହାଁସଦା, ମନୋଜ କୁମାର ହାଁସଦା, ନିଧିଆ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଦଳକୁ ତୃଣମୂଳ ସ୍ତରରେ ସଦୃଢ଼ କରି ପଞ୍ଚାୟତ ନିର୍ବାଚନରେ ବ୍ଲକର ୩୩ନଂ ଜୋନରେ ଦଳକୁ ବିଜୟ ଅଭିମୁଖୀ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ।

## ବହଳଦା ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟ ଘଟଣା

# ତଦନ୍ତ ଭାର ବରିଷ୍ଠ ଅଧିକାରୀଙ୍କୁ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

ରାଇରଙ୍ଗପୁର, ୩।୪(ସମିସ)

ଗତ ଜାନୁଆରୀ ମାସରେ ବହଳଦା ଥାନା ଅଞ୍ଚଳରେ ନାବାଳିକା ସହ ଯୁବକଙ୍କ ପ୍ରେମ ସମ୍ପର୍କ ଘଟଣାକୁ ନେଇ କଙ୍ଗାରୁ କୋର୍ଟ ହୋଇଥିଲା। ସ୍ଥାନୀୟ ଲୋକ ଆଇନ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ ମାରି ରକ୍ତାକ୍ତ କରିଥିଲେ। ପରେ ଦଉଡ଼ିରେ ତାଙ୍କ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଥିଲେ। ଉକ୍ତ ଘଟଣାକୁ ନେଇ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ପ୍ରକ୍ରିୟା ତ୍ୱରିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଥାନାରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି। ଉକ୍ତ ଘଟଣା ନେଇ ବହଳଦା ଥାନାରେ ରୁଜୁ ମାମଲାର ତଦନ୍ତ ତଦାରଖ ପାଇଁ ଜଣେ ବରିଷ୍ଠ ଅଧିକାରୀ ନିଯୁକ୍ତ ପାଇଁ ମୟୂରଭଞ୍ଜ ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକଙ୍କ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଯାହାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଥାନାରେ ମାମଲା ହୋଇଥିଲା। ଗତ ଜାନୁଆରୀ ୨ ତାରିଖରେ ଉଭୟ ଯୁବକ ଓ ଯୁବତୀ ଭେଟ କରିବାକୁ ଆସିଥିବାବେଳେ ଯୁବତୀଙ୍କ ସମ୍ପର୍କୀୟ ଦେଖି ଅଟକାଇଥିଲେ। ଯୁବକଙ୍କ କାର୍‌କୁ ଭାଙ୍ଗିବା ସହ ତାଙ୍କୁ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଉଲଗ୍ନ କରି ତାଙ୍କ ହାତକୁ ଦଉଡିରେ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ବୁଲାଇଥିଲେ। ଏଥିସହିତ ଏକ ନିର୍ଦ୍ଦିଷ୍ଟ ନାରା ଦେବାକୁ ବାଧ୍ୟ କରାଯାଇଥିଲା। ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିଲେ। ଉକ୍ତ ଭିଡିଓକୁ ଭାଇରାଲ କରି ମୋବାଇଲରୁ ମୋବାଇଲ ତାହା ବୁଲିଥିଲା। ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାସହିତ ବହଳଦା ଥାନା, ମାନବ ଅଧିକାରୀ କମିଶନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉକ୍ତ ସମୟରେ ବହଳଦା ଥାନା ପୁଲିସ ପକ୍ଷରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେମାନେ କିଛିଦିନ ମଧ୍ୟରେ ଜାମିନରେ ମୁକୁଳିଥିଲେ। ତେବେ ଘଟଣାର ତଦନ୍ତ କରି ଅନ୍ୟ ସମସ୍ତ ସମ୍ପୃକ୍ତଙ୍କୁ ଗିରଫ କରାଯାଇନାହିଁ। ଏ ନେଇ ଅଭିଯୋଗକ୍ରମେ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉକ୍ତ ଘଟଣାର ତଦନ୍ତ ଓ ତଦାରଖ ପାଇଁ ଜଣେ ବରିଷ୍ଠ ଅଧିକାରୀ (ଡିଏସପି/ଏସଡିପିଓ ପାହ୍ୟା)ଙ୍କୁ ଦାୟିତ୍ୱ ଦେବାକୁ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବରିଷ୍ଠ ଅଧିକାରୀ ତଦନ୍ତ ଯେପରି ନିଷ୍ପକ୍ଷ ଢଙ୍ଗରେ ହେବ ଓ ତଦନ୍ତ ସମ୍ପୂର୍ଣ୍ଣ ହେବାପରେ ଆଇନ ଅନୁସାରେ ଚୂଡ଼ାନ୍ତ ଫର୍ମ ଦାଖଲ ହେବ, ତାହା ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ପୀଡ଼ିତ ଯୁବକଙ୍କ ବାପାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଯେଉଁ ଧାରାରେ ମାମଲା ରୁଜୁ ହେବା କଥା ତାହା କରାଯାଇ ନ ଥିଲା ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଶୁଣାଣି କରିଛନ୍ତି।

୦୬ | ଶନିବାର, ୪ ଏପ୍ରିଲ, ୨୦୨୬

ସକାଳ
THE SAKALA

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତା ବିକାଶ ପ୍ରକ୍ରିୟାର ବେଗ ଖୁବ୍ ପ୍ରଖର। ଆସନ୍ତା ପାଞ୍ଚ ବର୍ଷ କିମ୍ବା ଅତିବେଶୀରେ ଦଶବର୍ଷ ଭିତରେ ଏଥିରେ ଥିବା ବିପଦ ଆଶଙ୍କା ସାମ୍ନାକୁ ଆସିବ।
- ଏଲୋନ୍ ମସ୍କ

## ମାତୃତ୍ୱ-ଛୁଟି ଦ୍ୱନ୍ଦ୍ୱ

ଗତ ଦୁଇସପ୍ତାହ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ସମସ୍ତ କର୍ମଜୀବୀ ମହିଳା ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ପାଇବାକୁ ହକ୍‌ଦାର। ପୋଷ୍ୟସନ୍ତାନମାନଙ୍କୁ ଗ୍ରହଣ କରିବା ସମୟରେ ସେମାନଙ୍କର ବୟସ ଯେତେ ହୋଇଥାଉ ନା କାହିଁକି ମହିଳମାନଙ୍କୁ ଏହି ଅଧିକାର ଓ ସୁଯୋଗରୁ ସେମାନଙ୍କ ନିଯୁକ୍ତିଦାତାମାନେ ବଞ୍ଚିତ କରିପାରିବେ ନାହିଁ। ପ୍ରଚଳିତ ସାମାଜିକ ସୁରକ୍ଷା ସଂହିତା ୨୦୨୦ର ଧାରା ୬୦(୪)(ପୂର୍ବରୁ ମାତୃତ୍ୱ ସୁବିଧାସୁଯୋଗ ଆଇନ-୧୯୬୧ର ଧାରା ୫-୪) ଅନୁଯାୟୀ କେବଳ ତିନିମାସ କିମ୍ବା ତା'ଠାରୁ କମ୍ ବୟସର ଶିଶୁମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରୁଥିବା ମହିଳାମାନେ ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ଲାଭ କରିପାରୁଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏହି ଧାରାକୁ ରଦ୍ଦ କରି ଯେକୌଣସି ବୟସର ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳାମାନଙ୍କୁ ସମାନ ଅଧିକାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ମଜୀବୀ ମହିଳାମାନଙ୍କୁ ସବୈତନିକ ମାତୃତ୍ୱ ଛୁଟି ମଞ୍ଜୁର ବ୍ୟବସ୍ଥା ବ୍ରିଟିଶ୍ ଅମଳରୁ ଭାରତରେ କାର୍ଯ୍ୟକାରୀ ହୋଇଆସୁଛି। ବ୍ରିଟିଶ୍ ଶାସନ ଅମଳରେ ବମ୍ବେର ବିଭିନ୍ନ କାରଖାନାରେ କାମ କରୁଥିବା ମହିଳାମାନଙ୍କୁ ମାତୃତ୍ୱ ଛୁଟି ସୁବିଧା ଦେବା ଲାଗି 'ବମ୍ବେ ମାଟର୍ନିଟି ବେନିଫିଟ୍ ଆକ୍ଟ ୧୯୨୯' ପ୍ରଣୀତ ହୋଇ ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ସ୍ୱାଧୀନତା ପରେ ୧୯୬୧ ମସିହାରେ 'ମାଟର୍ନିଟି ବେନିଫିଟ୍ ଆକ୍ଟ' ପ୍ରଣୟନ ହୋଇ କର୍ମଜୀବୀ ମହିଳାଙ୍କୁ ସବୈତନିକ ୧୨ ସପ୍ତାହ ଛୁଟିରେ ରହିବାର ଅଧିକାର ଦେଇଥିଲା। ୨୦୧୭ରେ ଏଥିରେ କେତେକ ସଂଶୋଧନ ଅଣାଯାଇ 'ମାଟର୍ନିଟି ବେନିଫିଟ୍(ଆମେଣ୍ଡମେଣ୍ଟ) ଆକ୍ଟ' ପ୍ରଣୟନ ହେଲା, ଯେଉଁଥିରେ କର୍ମଜୀବୀ ପ୍ରସୂତିଙ୍କୁ ମାତୃତ୍ୱ ଛୁଟି ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏଥିସହିତ ଏହି ସୁବିଧାକୁ ପ୍ରଥମ ଥର ପାଇଁ 'ଆଡପ୍ଟିଭ୍ ମଦର'(ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳା) ଏବଂ 'ସରୋଗେଟ୍ ମଦର'(ଅନ୍ୟ ମହିଳାଙ୍କ ଡିମ୍ବାଣୁକୁ ନିଜ ଗର୍ଭାଶୟରେ ବିକଶିତ କରି ସନ୍ତାନ ଜନ୍ମ କରୁଥିବା ମହିଳା)ଙ୍କ କ୍ଷେତ୍ରକୁ ପରିବର୍ଦ୍ଧିତ କରାଯାଇ ୧୨ ସପ୍ତାହର ସବୈତନିକ ଛୁଟି ଅଧିକାର ପ୍ରଦାନ କରାଗଲା।

୨୦୨୧ରେ ହଂସନନ୍ଦିନୀ ନନ୍ଦୁରୀ ନାମ୍ନୀ ଜଣେ ମହିଳା ଆଇନଜୀବୀ ଆଇନରେ ପାତରଅନ୍ତର ଓ ସମ୍ବିଧାନ ପ୍ରଦତ୍ତ ସମାନ ଅଧିକାର ଉଲ୍ଲଙ୍ଘନର ଅଭିଯୋଗ ଆଣି ଅଦାଲତର ଦ୍ୱାରସ୍ଥ ହେବା ପରେ ଆଇନର ସର୍ତ୍ତାବଳୀ ବିବାଦୀୟ ଓ ଦ୍ୱନ୍ଦ୍ୱାତ୍ମକ ହୋଇପଡ଼ିଲା। ୨୦୧୭ ରେ ହଂସନନ୍ଦିନୀ ପୋଷ୍ୟସନ୍ତାନ ଗ୍ରହଣ କରିବା ପରେ ଆଇନତଃ ୧୨ ସପ୍ତାହର ଛୁଟିରେ ରହିଥିଲେ ମଧ୍ୟ ତାଙ୍କ ନିଯୁକ୍ତିଦାତା ସଂସ୍ଥା ମାତ୍ର ଛଅ ସପ୍ତାହର ବେତନ ଦେଇ ଅନ୍ୟ ଛଅମାସର ଛୁଟିକୁ ଅବୈତନିକ କରିଥିଲା। ଏହା ବିରୋଧରେ ସେ ଆଇନ ଅଦାଲତର ଆଶ୍ରୟ ନେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହି ଗମ୍ଭୀର ଓ ସମ୍ବେଦନଶୀଳ ପ୍ରସଙ୍ଗରେ ଗୂଢ଼ ପର୍ଯ୍ୟବେକ୍ଷଣ ପରେ ମତ ଦେଇଛନ୍ତି ଯେ ମାତୃତ୍ୱର ପରିଭାଷା ବା ସଂଜ୍ଞା ନିରୂପଣ କରାଯାଇପାରିବ ନାହିଁ। ଏହା ବହୁ ବ୍ୟାପକ। ଏହାଛଡ଼ା ଅନାଥ ଆଶ୍ରମରେ ରହୁଥିବା ପିଲାମାନଙ୍କର ଅବସାଦ ସୃଷ୍ଟି କରୁଥିବା ହରମୋନ୍ କ୍ଷରଣ ମାତ୍ରା ଅଧିକ ଥିବାରୁ ସେମାନଙ୍କ ଯତ୍ନ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳାମାନେ ପୋଷ୍ୟସନ୍ତାନଙ୍କ ବୟସ ନିର୍ବିଶେଷରେ ଆଇନ ଅନୁଯାୟୀ ୧୨ ସପ୍ତାହର ସବୈତନିକ ଛୁଟି ପାଇବାକୁ ହକ୍‌ଦାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ନ୍ୟାୟ ପାଇବା ପାଇଁ ବା ମାତୃତ୍ୱ ଛୁଟିରେ ହରାଇଥିବା ଦରମା ଭରଣା କରିବା ପାଇଁ ଅନେକ କର୍ମଜୀବୀ ମହିଳା ଆଇନ ଅଦାଲତମାନଙ୍କର ଦ୍ୱାରସ୍ଥ ହେଉଥିବା ଜଣାପଡ଼ିଛି। ଏଥିସହିତ ସବୈତନିକ ପିତୃତ୍ୱ ଛୁଟି ପାଇଁ ଏକ ସ୍ୱଷ୍ଟ ଓ ବିସ୍ତୃତ ନିୟମ ପ୍ରଣୟନ କରିବାକୁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ କେବଳ ସରକାରୀ ପୁରୁଷ କର୍ମଚାରୀମାନେ ୧୫ ଦିନର ସବୈତନିକ ପିତୃତ୍ୱ ଛୁଟି ପାଉଛନ୍ତି। ଘରୋଇ କ୍ଷେତ୍ରରେ ଏହା ଆଦୌ ଦିଆଯାଉନାହିଁ କିମ୍ବା ସମ୍ପୃକ୍ତ ସଂସ୍ଥାର ଛୁଟି ମଞ୍ଜୁର ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି।

ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ମହିଳା ସଶକ୍ତୀକରଣ, ସର୍ବୋପରି ମାତୃତ୍ୱର ସମ୍ମାନ ଦୃଷ୍ଟିରୁ ନିଶ୍ଚୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହାଦ୍ୱାରା କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପସ୍ଥିତି ହାର ଆହୁରି ଅଧିକ ସଂକୁଚିତ ହୋଇଯିବାର ଆଶଙ୍କା ରହିଛି। ମହିଳାମାନଙ୍କୁ ଋତୁସ୍ରାବ ଛୁଟି ମଞ୍ଜୁର କରିବା ପାଇଁ ଓଡ଼ିଶା ସମେତ କେତେକ ରାଜ୍ୟ ନିୟମ ପ୍ରଣୟନ କରିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ବାସ୍ତବବାଦୀ ବା କାର୍ଯ୍ୟକାରୀ ହୋଇପାରିନାହିଁ। ବେସରକାରୀ କ୍ଷେତ୍ରରେ ଏହାକୁ ସରକାରଙ୍କ ଦ୍ୱାରା ବାଧ୍ୟତାମୂଳକ କରାଗଲେ ହୁଏତ ସମ୍ପୃକ୍ତ ସଂସ୍ଥାମାନେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେବାରୁ ପଛଘୁଞ୍ଚା ଦେବେ। ନିଯୁକ୍ତିଦାତାଙ୍କ ଏହି ମାନସିକତାକୁ ପଢ଼ି ପାରିଥିବା ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଋତୁସ୍ରାବ ଛୁଟି ସୁବିଧା ବିପକ୍ଷରେ ମତ ଦେଇଥିଲେ।

ଆମ ଦେଶର ଚାକିରି ଓ ବେତନ ସଂସ୍କୃତି ଏତେ ଉଦାର ଓ ମାନବବାଦୀ ନୁହେଁ। ତେଣୁ ଅନେକ ବେସରକାରୀ କ୍ଷେତ୍ରରେ ମାତୃତ୍ୱ ଛୁଟିରେ ରହୁଥିବା ମହିଳାମାନେ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଉଚ୍ଚ ପଦପଦବୀରେ କିମ୍ବା ସମ୍ମାନଜନକ ପେସାରେ ନିଯୁକ୍ତ ମହିଳାମାନେ ମଧ୍ୟ ଚାକିରି ଓ ଅଭିଭାବକତ୍ୱ ମଧ୍ୟରୁ ଦ୍ୱିତୀୟଟିକୁ ଅଗ୍ରାଧିକାର ଦେଇ ଚାକରି ଛାଡ଼ୁଛନ୍ତି। ଯେଉଁଠି ମାସକୁ ଗୋଟିଏ କିମ୍ବା ଦୁଇଦିନ ମହିଳାଙ୍କୁ ଋତୁସ୍ରାବ ଛୁଟି ମଞ୍ଜୁର କରିବାରେ ନିଯୁକ୍ତିଦାତାମାନେ କାର୍ପଣ୍ୟ ପ୍ରଦର୍ଶନ କରୁଛନ୍ତି, ୨୬ ସପ୍ତାହ କିମ୍ବା ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ମଞ୍ଜୁର କରିବା ଆଶା କରାଯାଇପାରୁନାହିଁ। ଅଧିକନ୍ତୁ ବିନା ଉତ୍ପାଦକତାରେ ବା ବିନା କାମରେ ସବୈତନିକ ଛୁଟି ଦେଇ ଆର୍ଥିକ ବୋଝ ସହିବା ଅପେକ୍ଷା ନିଯୁକ୍ତିଦାତାମାନେ ମହିଳାମାନଙ୍କ ପ୍ରାର୍ଥିତ୍ୱ ଆବେଦନକୁ ନାକଚ କରିଦେବା ହିଁ ଉଚିତ ମଣିବେ। ଅନେକ କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ଏହି ମାନସିକତା ପ୍ରତିଫଳିତ ହେଉଥିବାରୁ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ବଢ଼ୁଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ମାନବସମ୍ବେଦୀ ରାୟ ପରେ ଏହି ବୈଷମ୍ୟ ଆହୁରି ଉତ୍କଟ ହେବା ଆଶଙ୍କା ଅଧିକ।

## ସାମୁଦ୍ରିକ ପ୍ରଣାଳୀ: ବିବାଦ ଓ ବ୍ୟବସ୍ଥା

**ସନ୍ତୋଷ କୁମାର ମିଶ୍ର**

ପଶ୍ଚିମ-ଏସିଆରେ ଭୟଙ୍କର ଯୁଦ୍ଧ ଫଳରେ ସମଗ୍ର ବିଶ୍ୱରେ ଭୟଙ୍କର ଶକ୍ତି ସଙ୍କଟ ଦେଖାଦେଇଛି। ଆମେରିକା ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ନୌସେନା ଶକ୍ତିର ଏକ ବଡ଼ ଅଂଶକୁ ବ୍ୟବହାର କରିବାକୁ ଯୋଜନା କରିଛି। ବର୍ତ୍ତମାନ ଆମେରିକା କିପରି ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ତା'ଉପରେ ବିଶ୍ୱର ଧ୍ୟାନ କେନ୍ଦ୍ରିତ ହୋଇରହିଛି। ଅପରପକ୍ଷରେ ପଶ୍ଚିମ-ଏସିଆର ଏହି ଯୁଦ୍ଧ ପ୍ରମାଣିତ କରିପାରିଛି ଯେ ସାମୁଦ୍ରିକ ଗତିପଥକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରାଯାଇ ପାରିଲେ ଏକ ବଡ଼ ସାମରିକ ଶକ୍ତିକୁ ମଧ୍ୟ ଅତିସହଜରେ ପ୍ରତିହତ କରାଯାଇପାରେ। ଏକ ମାସ ଧରି ଯୁଦ୍ଧ କରିବା ପରେ ଆମେରିକା ହୃଦୟଙ୍ଗମ କରିଛି ଯେ ହର୍ମୁଜ ପ୍ରଣାଳୀକୁ ଇରାନର ଅକ୍ତିଆରରୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ଇରାନକୁ ପରାସ୍ତ କରିବା ସମ୍ଭବ ନୁହେଁ। ଯୁଦ୍ଧ ହେତୁ ଇରାନରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ମୂଲ୍ୟ ୭୦ ଶତାଂଶ ବୃଦ୍ଧି ପାଇଛି ସତ; କିନ୍ତୁ ହର୍ମୁଜ ପ୍ରଣାଳୀ ମାଧ୍ୟମରେ ଇରାନ ଚୀନକୁ ତୈଳ ଯୋଗାଇ ନିଜର ସାମରିକ ଶକ୍ତିକୁ ଅକ୍ଷୁଣ୍ଣ ରଖିପାରିଛି।

ଊନବିଂଶ ଶତାବ୍ଦୀରେ ଆମେରିକା ଯେତେବେଳେ ସମଗ୍ର ବିଶ୍ୱକୁ ନିଜ ଅକ୍ତିଆରରେ ରଖିବା ପାଇଁ ବିଭିନ୍ନ ପ୍ରକାରର ନୀତି ପ୍ରସ୍ତୁତ କରୁଥିଲା ସେତେବେଳେ ଆମେରିକୀୟ ନୌସେନାର ବିଶିଷ୍ଟ ରଣନୀତି ବିଶେଷଜ୍ଞ ଆଲଫ୍ରେଡ୍ ଥିୟ ମହନ 'ସମୁଦ୍ର ଶକ୍ତି ସିଦ୍ଧାନ୍ତ' ଉପସ୍ଥାପନ କରିଥିଲେ। ଏହି ସିଦ୍ଧାନ୍ତ ଅନୁଯାୟୀ ଯେଉଁ ଦେଶ ସକ୍ରିୟ ସାମୁଦ୍ରିକ ଗତିପଥ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିବ, ସେହି ଦେଶ ବିଶ୍ୱ ବାଣିଜ୍ୟକୁ ମଧ୍ୟ ନିଜ ଇଚ୍ଛା ଅନୁସାରେ ଚଳାଇ ପାରିବ ଏବଂ ଏହାଦ୍ୱାରା ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନିଜର ନିୟନ୍ତ୍ରଣ ରଖିବା ପାଇଁ ସମର୍ଥ ହେବ। ଏହି ସିଦ୍ଧାନ୍ତର ତର୍କ ଏତେ ବଳିଷ୍ଠ ଥିଲା ଯେ ଆମେରିକା ସରକାର ଏହାକୁ ଅଣଦେଖା କରିପାରିଲେ ନାହିଁ। ଏହି ସିଦ୍ଧାନ୍ତ ଅନୁଯାୟୀ ଆମେରିକା ତାହାର ନୌସେନା ଶକ୍ତିରେ ବ୍ୟାପକ ପରିବର୍ତ୍ତନ କଲା। ସମଗ୍ର ବିଶ୍ୱରେ ନୌସେନା ଶିବିର, ଯୁଦ୍ଧ ପୋତ ଓ ବିମାନ, ଅତ୍ୟାଧୁନିକ ନୌସୈନିକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଦ୍ୱାରା ଆଜି ଆମେରିକା ବିଶ୍ୱର ଯେକୌଣସି ସ୍ଥାନରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିପାରୁଛି। ଏହି ସିଦ୍ଧାନ୍ତ ସଠିକ ବୋଲି ଇରାନ ମଧ୍ୟ ପ୍ରମାଣିତ କରିଛି। କେବଳ ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ଇରାନ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ସୃଷ୍ଟି କରିପାରିଛି। ଯୁଦ୍ଧ କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବୋମା ଓ କ୍ଷେପଣାସ୍ତ୍ର ପ୍ରୟୋଗରେ ସୀମିତ ନ ରହି ଏବେ ଏକ ବିଶ୍ୱ ଇନ୍ଧନ-ଆର୍ଥିକ ଯୁଦ୍ଧରେ ପରିଣତ ହୋଇଛି।

କୌଣସି ସାମୁଦ୍ରିକ ପଥରେ ଉତ୍ତେଜନା ପ୍ରକାଶ ପାଇଲେ ସର୍ବପ୍ରଥମେ ସାଧାରଣ ବୀମା କମ୍ପାନୀମାନେ ସେହି ଗତିପଥ ଉପରୁ ନିଜର ଆପଦକାଳୀନ ଭରଣା ନିୟମ ପ୍ରତ୍ୟାହାର କରିନିଅନ୍ତି। ଯାହାଫଳରେ ଜାହାଜ ବିକଳ୍ପ ପଥ ଦେଇ ଗତି କରନ୍ତି। ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଦ୍ରବ୍ୟ ମହଙ୍ଗା ହୁଏ। କିନ୍ତୁ ବର୍ତ୍ତମାନ ପ୍ରାୟ ସବୁ ସାମୁଦ୍ରିକ ପଥରେ କିଛି ନା କିଛି ଉତ୍ତେଜନା ଲାଗି ରହୁଛି। ତେଣୁ ଜାହାଜ କମ୍ପାନୀମାନେ ବାଧ୍ୟ ହୋଇ ଯେକୌଣସି ପ୍ରକାରର ବିପଦପୂର୍ଣ୍ଣ ପରିସ୍ଥିତିକୁ ଆଖି ଆଗରେ ରଖି ଜାହାଜର ବୀମା କରି ଯାତ୍ରା କରୁଛନ୍ତି। ବିଶ୍ୱବାଣିଜ୍ୟରେ ଦର ନିର୍ଣ୍ଣୟରେ ଜାହାଜ ବୀମା ରାଶିର ଭୂମିକା ସାଧାରଣ କଥା ହେଲାଣି। ଏହାଫଳରେ ପରିବହନ ଖର୍ଚ୍ଚ ୨୦ ରୁ ୪୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି ପାଉଛି। ଅତ୍ୟନ୍ତ ବ୍ୟସ୍ତବହୁଳ ସାମୁଦ୍ରିକ ପ୍ରଣାଳୀ ବା ଚୋକ୍ ପଏଣ୍ଟଗୁଡ଼ିକରେ ସାମାନ୍ୟ ଉତ୍ତେଜନା ସମଗ୍ର ବିଶ୍ୱର ଅର୍ଥନୀତିକୁ ଅତି ସହଜରେ ପ୍ରଭାବିତ କରିପାରୁଛି।

ବିଶ୍ୱରେ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଓ ବିବାଦୀୟ ସାତଟି ଚୋକ୍ ପଏଣ୍ଟ ରହିଛି। ହର୍ମୁଜ ପ୍ରଣାଳୀ ମାଧ୍ୟମରେ ପ୍ରାୟ ଦୈନିକ ୨୧ ନିୟୁତ ବ୍ୟାରେଲରୁ ଅଧିକ ତୈଳ ଦକ୍ଷିଣ ଏସିଆକୁ ଆସେ। ବିଶ୍ୱରେ ମୋଟ ବ୍ୟବହୃତ ତରଳୀକୃତ ପ୍ରାକୃତିକ ବାଷ୍ପର ୨୨ ଶତାଂଶ କେବଳ ହର୍ମୁଜ ପଥରେ ବିଶ୍ୱ ବଜାରକୁ ଆସେ। ବିଶ୍ୱର ସର୍ବବୃହତ ପ୍ରଥମ ଦଶଟି ତୈଳ ଉତ୍ପାଦକ ଦେଶ ମଧ୍ୟରୁ ପାଞ୍ଚୋଟି ଦେଶ (ଇରାକ, ଇରାନ, କୁଏତ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରଟ) ସମ୍ପୂର୍ଣ୍ଣ ଭାବରେ ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳ। ହର୍ମୁଜର ବିକଳ୍ପ ପଥ ସୌହର, ସଲାଲାହା ଓ ଦୁକମ୍‌ରେ ଆକ୍ରମଣର ଭୟ ଦେଖାଦେଇଛି। ସାଉଦି ଆରବ ଓ ଆବୁଧାବିର ପାଇପଲାଇନ ଚାହିଦାକୁ ପୂରଣ କରିବା ପାଇଁ ସମର୍ଥ ହୋଇ ପାରୁନାହାନ୍ତି। ହର୍ମୁଜ ଅବରୋଧମୁକ୍ତ ହେଲେ ମଧ୍ୟ ଏଠାରେ ସର୍ବଦା ଏକ ଅଜଣାଭୟ ଲାଗି ରହିବ। ଜାହାଜମାନଙ୍କ ବୀମା କିସ୍ତି ନିଶ୍ଚିତ ଭାବରେ ସ୍ଥାୟୀ ଭାବରେ ବୃଦ୍ଧି ପାଇବ। ତେଣୁ ତୈଳ ଓ ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ପାଇବ। ପଶ୍ଚିମ ଏସିଆରେ ଅନ୍ୟ ଏକ ବିବାଦୀୟ ପ୍ରଣାଳୀ ହେଉଛି 'ବାବ୍ ଏଲ-ମନ୍ଦବ'। ଏହି ପ୍ରଣାଳୀ ଲୋହିତ ସାଗରକୁ ଆଦେନ୍ ଉପସାଗର ସହିତ ସଂଯୋଗ କରେ। ଏହା ମଧ୍ୟରେ ଦୈନିକ ୬ ନିୟୁତ ବ୍ୟାରେଲ ତୈଳ ରପ୍ତାନି ହୁଏ। ଏହାସହିତ ବାର୍ଷିକ ୨ ଟ୍ରିଲିୟନ୍ ଡଲାରର ଅନ୍ୟ ଦ୍ରବ୍ୟ ପରିବହନ ହୁଏ। ବିଶ୍ୱ ବାଣିଜ୍ୟର ପ୍ରାୟ ୯ ଶତାଂଶ ଏହା ପ୍ରଣାଳୀ ମାଧ୍ୟମରେ ସମ୍ପୂର୍ଣ୍ଣ ହୁଏ। କୌଣସି ଦେଶ ଏହାକୁ ଅବରୋଧ କରି ନ ଥିଲେ ମଧ୍ୟ ୨୦୨୩ରୁ ହୁତି ଆତଙ୍କବାଦୀମାନେ ଏଠାରେ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରି ପାରିଛନ୍ତି। ଆମେରିକା ଓ ବ୍ରିଟେନ ଏହାକୁ ହୁତି ବିଦ୍ରୋହୀଙ୍କଠାରୁ ମୁକ୍ତ କରିବା ପାଇଁ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇପାରି ନାହିଁ। ତେଣୁ ବାଧ୍ୟ ହୋଇ ଜାହାଜ କମ୍ପାନୀମାନେ ନିଜର ଗତିପଥ ପରିବର୍ତ୍ତନ କରିଛନ୍ତି। ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଜାହାଜଗୁଡ଼ିକ ୧୪ ରୁ ୨୦ ଦିନ ପର୍ଯ୍ୟନ୍ତ ଅଧିକ ସମୟ ନେଉଛନ୍ତି।

ହର୍ମୁଜ ପ୍ରଣାଳୀ ତଳେ ରହିଛି ଦ୍ୱିତୀୟ ବ୍ୟସ୍ତବହୁଳ ଜଳପଥ 'ମଲକ୍କା ପ୍ରଣାଳୀ'। ଏହି ଜଳପଥର ପ୍ରସ୍ଥ ମାତ୍ର ଅଢ଼େଇ କିଲୋମିଟର। ଏହି ଜଳପଥ ଦେଇ ଦୈନିକ ୨୩ ନିୟୁତ ବ୍ୟାରେଲ୍ ତୈଳ ପରିବହନ ହୁଏ। ବିଶ୍ୱବାଣିଜ୍ୟର ସାମୁଦ୍ରିକ ପଥରେ ହେଉଥିବା ପରିବହନର ପ୍ରାୟ ୩୦ ଶତାଂଶ ଏହି ଜଳପଥ ମାଧ୍ୟମରେ ସମ୍ପନ୍ନ ହୁଏ, ଯାହାର ମୂଲ୍ୟ ସାଢ଼େ ତିନି ଟ୍ରିଲିୟନ ଡଲାରରୁ ଅଧିକ। ଚୀନ ଓ ଜାପାନର ତୈଳ ଚାହିଦାର ୮୦ ଶତାଂଶ ଓ ଦକ୍ଷିଣ କୋରିଆର ୭୦ ଶତାଂଶ ମଲକ୍କା ପ୍ରଣାଳୀ ମାଧ୍ୟମରେ ପୂରଣ ହୁଏ। ଏଠାରେ କୌଣସିପ୍ରକାରର ଯୁଦ୍ଧ ଉତ୍ତେଜନା ନାହିଁ। କିନ୍ତୁ ଜଳଦସ୍ୟୁମାନଙ୍କ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ ରେ ପ୍ରଥମ ଛଅ ମାସ ମଧ୍ୟରେ ୨୧ ଟି ଜଳଦସ୍ୟୁ ଆକ୍ରମଣ ହୋଇଥିବା ବେଳେ ୨୦୨୫ ପ୍ରଥମ ଛଅ ମାସ ମଧ୍ୟରେ ୮୦ ଟି ଆକ୍ରମଣ ହୋଇଥିଲା। ତାଇୱାନ ଓ ଚୀନ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଲେ ଏହି ପଥ ଦେଇ ଯାଉଥିବା ଜାହାଜମାନେ ଅଧିକ ବୀମା କିସ୍ତି ପ୍ରଦାନ କରନ୍ତି। ଚୀନ ଏହି ପଥ ଉପରୁ ନିଜର ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଚେଷ୍ଟା କରୁଛି। ମିଆଁମାର ମଧ୍ୟରେ ପାଇପ୍‌ଲାଇନ୍ ପକେଇଛି। ସବୁଠାରୁ ବଡ଼ କଥା ହେଉଛି ତୈଳ ଓ ଗ୍ୟାସ ସଙ୍କଟ ଯେପରି ସୃଷ୍ଟି ନ ହୁଏ ସେଥିପାଇଁ ୧.୨ ବିଲିୟନ ବ୍ୟାରେଲ ତୈଳ ଗଚ୍ଛିତ ରଖିବା ନିମନ୍ତେ ଚୀନ୍ ଯୋଜନା କରିଛି ଏବଂ ଇରାନରୁ ଶସ୍ତାରେ ତୈଳ କିଣୁଛି।

ତାଇୱାନ ଓ ଚୀନ ମଧ୍ୟରେ ରହିଛି ଅନ୍ୟ ଏକ ଚୋକ୍ ପଏଣ୍ଟ, ଯାହାର ନାମ ହେଉଛି 'ତାଇୱାନ ପ୍ରଣାଳୀ'। ଏଠାରେ ଯୁଦ୍ଧ ଭଳି କୌଣସି ପରିସ୍ଥିତି ନ ଥିଲେ ମଧ୍ୟ ଚୀନ ସୈନିକ ଯେତେବେଳେ ଅଭ୍ୟାସ କରନ୍ତି ଏହି ପ୍ରଣାଳୀକୁ ଅବରୋଧ କରାଯାଏ। ଏହି ପ୍ରଣାଳୀ ମାଧ୍ୟମରେ କେବଳ ଇଲେକ୍ଟ୍ରୋନିକ ଯନ୍ତ୍ରାଂଶ ଓ ଚିପ୍ ସମଗ୍ର ବିଶ୍ୱକୁ ରପ୍ତାନି କରାଯାଏ। ଯଦି କେବେ ଏହି ପ୍ରଣାଳୀରେ ଉତ୍ତେଜନା ସୃଷ୍ଟି ହୁଏ ତେବେ ସମଗ୍ର ବିଶ୍ୱରେ ଦେଖାଦେବ ପ୍ରଯୁକ୍ତି ବିଜ୍ଞାନ ସଙ୍କଟ। ଏହାର ମଧ୍ୟ କିଛି ସମାଧାନ ନାହିଁ। କୌଣସି ଦେଶ ବହୁତ ପରିମାଣରେ ଚିପ୍ କ୍ରୟ କରି ନିଜ ପାଖରେ ଗଚ୍ଛିତ ରଖିବା ସମ୍ଭବ ନୁହେଁ। କାରଣ ଚିପ୍ ଉତ୍ପାଦନ କ୍ଷେତ୍ରରେ ସର୍ବଦା ଗବେଷଣା ଚାଲିଥାଏ ଏବଂ ସେହି ଅନୁସାରେ ଉତ୍ପାଦନ ହୁଏ। ଚିପ୍ ଯୋଗାଣ ବାଧାପ୍ରାପ୍ତ ହେଲେ ହଠାତ୍ ପ୍ରଭାବ ଦେଖା ନ ଦେଲେ ମଧ୍ୟ ଏକ ବର୍ଷ ପରେ ଏହାର ପ୍ରଭାବ ଜଣାପଡ଼େ। କରୋନା ମହାମାରୀ ସମୟରେ ଚିପ୍ ସଙ୍କଟ ଶିଳ୍ପ କ୍ଷେତ୍ରରେ ଏକ ବୃହତ ପ୍ରଭାବ ପକାଇ ପାରିଥିଲା।

ଅନ୍ୟ ଏକ ବିବାଦୀୟ ପ୍ରଣାଳୀ ହେଉଛି 'ବୋସଫୋରୋସ' ଓ 'ଡାର୍ଡେନେଲସ୍' ଚୋକ୍ ପଏଣ୍ଟ। ଏହା ମଧ୍ୟରେ ଦୈନିକ ୩.୭ ନିୟୁତ ବ୍ୟାରେଲ୍ ତୈଳ ବିଶ୍ୱ ବଜାରକୁ ଯାଏ। ଏଥିମଧ୍ୟରୁ ୪୦ ଶତାଂଶ ତୈଳ ରୁଷରୁ ଆସେ। କିନ୍ତୁ ୨୦୨୨ରେ ରୁଷ ଓ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ତୁର୍କୀ 'ମଣ୍ଟ୍ରେକ୍ସ ଘୋଷଣାନାମା'କୁ ବ୍ୟବହାର କରି ଏହି ପ୍ରଣାଳୀରେ ଜାହାଜ ଚଳାଚଳକୁ ନିୟନ୍ତ୍ରଣ କରୁଛି। ସେହିପରି 'ଦାନିଶ' ପ୍ରଣାଳୀ ବାଲ୍ଟିକ ସାଗରକୁ ଉତ୍ତରସାଗର ସହିତ ସଂଯୋଗ କରେ। ଏହା ମଧ୍ୟରେ ଦୈନିକ ୪.୯ ନିୟୁତ ବ୍ୟାରେଲ ତୈଳ ବିଶ୍ୱବଜାରକୁ ଯାଏ। ଏହି ପ୍ରଣାଳୀ ଉପରେ ଡେନମାର୍କ ଓ ସ୍ୱିଡେନର ଗୁପ୍ତ ଅବରୋଧ ରହିଛି।

ଅନ୍ତଃରାଷ୍ଟ୍ରୀୟ ଆଇନରେ ସମସ୍ତ ପ୍ରଣାଳୀକୁ ଅବରୋଧମୁକ୍ତ ଓ ସୁରକ୍ଷିତ ରଖିବାର ବ୍ୟବସ୍ଥା ରହିଛି। କିନ୍ତୁ ତୃଣମୂଳ ସ୍ତରରେ ବାସ୍ତବତା ସମ୍ପୂର୍ଣ୍ଣ ବିପରୀତ। ଚୋକ୍ ପଏଣ୍ଟଗୁଡ଼ିକରେ ସ୍ଥାୟୀ ସାମରିକ ଉତ୍ତେଜନା ଲାଗି ରହିବା ଫଳରେ ବିଶେଷଭାବରେ ଏସୀୟ ଦେଶଗୁଡ଼ିକ ନିଜ ପାଇଁ ଏକ ବଡ଼ ତୈଳ ଓ ଗ୍ୟାସ୍ ଭଣ୍ଡାର ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏହାସହିତ ଗୁରୁତ୍ୱପୂର୍ଣ୍ଣ ଚୋକ୍ ପଏଣ୍ଟ ନିକଟବର୍ତ୍ତୀ ଦେଶମାନଙ୍କ ସହ ମଧୁର କୂଟନୈତିକ ସମ୍ପର୍କ ସ୍ଥାପନର ଆବଶ୍ୟକତା ରହିଛି। ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଅକ୍ଷୟ ଶକ୍ତିର ଗବେଷଣା, ଉତ୍ପାଦନ ଓ ବଣ୍ଟନ ଉପରେ ବ୍ୟାପକ ପୁଞ୍ଜି ବିନିଯୋଗ ହେବା ଆବଶ୍ୟକ।

ବେଲେଶ୍ୱର(କଟକ),
ମୋ: ୯୪୩୭୧୨୮୪୬୪

## ସୂଚନା ଅଧିକାର: ଗଣତନ୍ତ୍ରର ଶକ୍ତି ନା ପ୍ରଶାସନିକ ପ୍ରହସନ?

**ଅମରେଶ କୁମାର ନନ୍ଦ**

'ସୂଚନା ହିଁ ଶକ୍ତି'। ଏହି ମୂଳ ମନ୍ତ୍ରକୁ ଆଧାର କରି ୨୦୦୫ ମସିହାରେ ଭାରତରେ ସୂଚନାର ଅଧିକାର ଆଇନ (ଆରଟିଆଇ) ଲାଗୁ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସରକାରୀ କାର୍ଯ୍ୟପ୍ରଣାଳୀକୁ ପାରଦର୍ଶୀ କରିବା, ଦୁର୍ନୀତିକୁ ରୋକିବା ଓ ସାଧାରଣ ନାଗରିକଙ୍କୁ ସଶକ୍ତ କରିବା। ସେତେବେଳେ ଏହାକୁ ଗଣତନ୍ତ୍ରର ଏକ ବଡ଼ ଉପଲବ୍ଧି ଭାବେ ଦେଖାଯାଇଥିଲା। କିନ୍ତୁ ଦୁଇ ଦଶନ୍ଧି ପରେ, ବିଶେଷକରି ଓଡ଼ିଶାରେ, ଏହି ଆଇନର ବାସ୍ତବ ଚିତ୍ର ଆମକୁ ଗଭୀର ଚିନ୍ତାରେ ପକାଉଛି। ପ୍ରଶ୍ନ ଉଠୁଛି ଏହି ଆଇନ ସତରେ ଜନତାଙ୍କୁ ଶକ୍ତିଶାଳୀ କରୁଛି ନା କେବଳ ପ୍ରଶାସନିକ ପ୍ରହସନରେ ପରିଣତ ହୋଇପଡ଼ିଛି।

ଆଇନ ଅନୁସାରେ, ଯେକୌଣସି ନାଗରିକ ଆରଟିଆଇ ଆବେଦନ କଲେ ୩୦ ଦିନ ମଧ୍ୟରେ ସୂଚନା ପାଇବାର ଅଧିକାର ରଖନ୍ତି। କିନ୍ତୁ ବାସ୍ତବରେ ଏହି ସମୟସୀମା ଅନେକ ସ୍ଥାନରେ ମାତ୍ର ଏକ ଔପଚାରିକତା ହୋଇ ରହିଯାଇଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆରଟିଆଇ ଆବେଦନକୁ ଗୁରୁତ୍ୱ ଦିଆଯାଉନାହିଁ। ବହୁ ସମୟରେ ଆବେଦକମାନେ ମାସମାସ ଧରି ଅପେକ୍ଷା କରୁଛନ୍ତି। କେଉଁଠି ସୂଚନାକୁ ଇଚ୍ଛାକୃତ ଭାବେ ଲୁଚାଯାଉଛି, କେଉଁଠି ଅଧୁରା କିମ୍ବା ଭ୍ରମାତ୍ମକ ତଥ୍ୟ ଦେଇ ଲୋକମାନଙ୍କୁ ହତାଶ କରାଯାଉଛି। ଏହି ପ୍ରବୃତ୍ତି ଆଇନର ମୂଳ ଉଦ୍ଦେଶ୍ୟକୁ ନଷ୍ଟ କରୁଛି ଏବଂ ପ୍ରଶାସନର ଉତ୍ତରଦାୟିତ୍ୱତାକୁ ପ୍ରଶ୍ନଚିହ୍ନ ତଳେ ରଖୁଛି।

ଓଡ଼ିଶା ସୂଚନା ଆୟୋଗର ସ୍ଥିତି ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ଆୟୋଗ ଆରଟିଆଇ ଆଇନର ରକ୍ଷକ। କିନ୍ତୁ ସେଠାରେ ହଜାରହଜାର ମାମଲା ବର୍ଷବର୍ଷ ଧରି ପଡ଼ିରହିଛି। ନ୍ୟାୟ ପାଇଁ ଆସୁଥିବା ସାଧାରଣ ଲୋକମାନେ ବର୍ଷ ପରେ ବର୍ଷ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଛନ୍ତି। ଅନେକ ଅଭିଯୋଗ ଆସୁଛି ଯେ କେତେକ ମାମଲାରେ ଯଥାପ୍ରକାର ଶୁଣାଣି ବିନା କିମ୍ବା ଯଥେଷ୍ଟ ନ୍ୟାୟସଙ୍ଗତ ନିଷ୍ପତ୍ତି ନ ନେଇ ବନ୍ଦ କରାଯାଉଛି। ଏହା ଆଇନ ପ୍ରତି ଲୋକମାନଙ୍କର ଆସ୍ଥାକୁ ଦୁର୍ବଳ କରୁଛି। ବିଶେଷଭାବେ ଚିନ୍ତାଜନକ ଯେ, ବର୍ଷର ପରେ ବର୍ଷ ଲମ୍ବିତ ଥିବା ମାମଲାରେ ମଧ୍ୟ ପବ୍ଲିକ୍ ଇନ୍‌ଫର୍ମେସନ୍ ଅଫିସର ବା ଜନସୂଚନା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଇନର ଭୟ ପ୍ରାୟ ଶୂନ୍ୟ ହୋଇଯାଇଛି। ଫଳସ୍ୱରୂପ, ଅନେକ ଅଧିକାରୀ ଆଇନକୁ ଗୁରୁତ୍ୱ ନ ଦେଇ ଅବହେଳା କରୁଛନ୍ତି।

ଏହାସହିତ, କେତେକ କ୍ଷେତ୍ରରେ ସୂଚନା କର୍ମୀମାନେ ପୌନଃପୁନିକ ସୂଚନା ଚାହିବାରୁ ବିଭିନ୍ନ ପ୍ରକାର ଚାପ, ଅସୁବିଧା କିମ୍ବା ଅନୌପଚାରିକ ନିଷେଧର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏହା ଗଣତନ୍ତ୍ରର ମୂଳ ଆଦର୍ଶକୁ ଆଘାତ କରୁଛି। ଯେଉଁଠାରେ ପ୍ରଶ୍ନ କରିବାର ଅଧିକାରକୁ ଅସ୍ୱୀକାର କରାଯାଉଛି, ସେଠାରେ ସତ୍ୟ ଓ ପାରଦର୍ଶିତାର କଥା କହିବା ଅର୍ଥହୀନ। ଏହାଠାରୁ ମଧ୍ୟ ଗଭୀର ସମସ୍ୟା ହେଉଛି କେତେକ ସ୍ଥାନରେ ଆଇନର ସଠିକ୍ ବୁଝାମଣା ଓ ପ୍ରୟୋଗର ଅଭାବ। ଯଦି ଆଇନକୁ ରକ୍ଷା କରିବା ଓ ବ୍ୟବହାର କରିବା ଦାୟିତ୍ୱରେ ଥିବା ସଂସ୍ଥା ନିଜେ ଏହାକୁ ଭଲଭାବେ ବୁଝିପାରୁନାହିଁ, ତେବେ ସାଧାରଣ ଲୋକଙ୍କ ପାଇଁ ନ୍ୟାୟପ୍ରାପ୍ତି ଏକ ଦୁଃସ୍ୱପ୍ନ ହୋଇଯାଏ।

ତଥାପି, ଏହି ଅନ୍ଧକାର ମଧ୍ୟରେ ଆଶାର କିଛି କିରଣ ଅଛି। ଅନେକ ସଚେତନ ନାଗରିକ ଓ ସୂଚନାକର୍ମୀ ଏହି ଆଇନକୁ ବ୍ୟବହାର କରି ଦୁର୍ନୀତିକୁ ପ୍ରକାଶ କରିଛନ୍ତି ଓ ପ୍ରଶାସନକୁ ଉତ୍ତରଦାୟୀ କରିଛନ୍ତି। ଏହା ପ୍ରମାଣ କରେ ସମସ୍ୟା ଆଇନରେ ନୁହେଁ, ତାହାର ପ୍ରୟୋଗରେ ଅଛି। ଏହି ପରିସ୍ଥିତିରେ କିଛି ତୁରନ୍ତ ଓ ଦୃଢ଼ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ସୂଚନା ପ୍ରଦାନରେ ଅବହେଳା କରୁଥିବା ଅଧିକାରୀମାନଙ୍କ ଉପରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବା ଉଚିତ। କଡ଼ା ଆର୍ଥିକ ଜରିମାନା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଦ୍ୱିତୀୟତଃ, ସମ୍ପୂର୍ଣ୍ଣ ଆରଟିଆଇ ବ୍ୟବସ୍ଥାକୁ ଡିଜିଟାଲ୍ କରି ସରଳ ଓ ପାରଦର୍ଶୀ କରାଯିବା ଉଚିତ, ଯାହା ମାଧ୍ୟମରେ ପ୍ରତ୍ୟେକ ଆବେଦନ ଓ ତାହାର ଅବସ୍ଥା ସହଜରେ ଟ୍ରାକ୍ ହୋଇପାରିବ। ତୃତୀୟତଃ, ସୂଚନା ଆୟୋଗରେ ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରି ଲମ୍ବିତ ମାମଲାର ଦ୍ରୁତ ସମାଧାନ କରାଯିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ କର୍ମଚାରୀମାନଙ୍କୁ ଆରଟିଆଇ ଆଇନ ସମ୍ପର୍କରେ ଯଥେଷ୍ଟ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଦାୟିତ୍ୱବାନ କରାଯିବା ଆବଶ୍ୟକ। ପଞ୍ଚମତଃ, ସୂଚନା କର୍ମୀମାନଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ଆବଶ୍ୟକ, ଯାହାଫଳରେ ସେମାନେ ଭୟମୁକ୍ତ ଭାବରେ ସୂଚନା ଚାହିଁପାରିବେ।

ଆରଟିଆଇ କେବଳ ଏକ ଆଇନ ନୁହେଁ, ଏହା ଗଣତନ୍ତ୍ରର ଆତ୍ମା। ଯଦି ଏହି ଆଇନକୁ ସଠିକ୍ ଭାବରେ ଲାଗୁ କରାଯାଏ, ଏହା ସରକାରକୁ ପାରଦର୍ଶୀ ଓ ଉତ୍ତରଦାୟୀ କରିପାରିବ। କିନ୍ତୁ ଯଦି ଏହାକୁ ଅବହେଳା କରାଯାଏ, ତେବେ ଏହା କେବଳ ଏକ ନିଷ୍ପ୍ରାଣ ଆଇନ ଭାବେ ଇତିହାସରେ ରହିଯିବ।

ଯାଜପୁର, ମୋ: ୯୫୫୬୬୯୬୪୧୮

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଅଶୋକ ଓ ବୌଦ୍ଧ ଧର୍ମ: ଯୁଦ୍ଧ ପରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ଅଭିଲେଖଗୁଡ଼ିକରୁ ଯାହା ଜଣାପଡ଼େ, ସେ ବୌଦ୍ଧଧର୍ମର ଗୂଢ଼ ଦାର୍ଶନିକ ତତ୍ତ୍ୱ (ଉପାସକ ଧର୍ମ) ବାଣ୍ଟିବା ଅପେକ୍ଷା ଜଣେ ରାଜା ଭାବରେ ପ୍ରଜାଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ, ନୀତିଶିକ୍ଷା, ଦୟା ଓ ଅହିଂସା ଭଳି ରାଜଧର୍ମ ଉପରେ କଳିଙ୍ଗରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍ୱଷ୍ଟ ଭାବରେ କଳିଙ୍ଗରେ ଅଶୋକ ବୌଦ୍ଧ ଉପାସକ ଧର୍ମ, ଯାହା ସାମାଜିକ-ନୈତିକ ବ୍ୟବସ୍ଥାର ମୂଳଦୁଆ, ତାହାର ପ୍ରଚାର ଅପେକ୍ଷା ରାଜଧର୍ମ, ଯାହା ରାଜନୈତିକ ନୀତି ତଥା ସିଦ୍ଧାନ୍ତ ଉପରେ ଆଧାରିତ, ତାହାର ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଦେଇଥିବାର ମନେହୁଏ। ଅଶୋକ ତାଙ୍କର ଶିଳାଲେଖ ମାଧ୍ୟମରେ ପ୍ରକୃତରେ ବୌଦ୍ଧଧର୍ମ ପ୍ରଚାର କରୁଥିଲେ ନା ଆଉ କିଛି, ସେ ବିଷୟରେ ଗବେଷକମାନଙ୍କ ମଧ୍ୟରେ ଅସହମତି ଦେଖାଯାଏ। ଅନେକ ଗବେଷକ ବିଶ୍ୱାସ କରନ୍ତି ଯେ ଅଶୋକଙ୍କ ଧର୍ମ (ଧମ୍ମ) ସିଧାସଳଖ ବୌଦ୍ଧ ଧର୍ମ ନଥିଲା, ବରଂ ଏହା ଏକ ସାର୍ବଜନୀନ ମାନବ ଧର୍ମ ଅଥବା ଏକ ନୈତିକ ଆଚରଣ ବିଧି ହିଁ ଥିଲା। ଏ ସଂପର୍କରେ ପ୍ର. ନଳିନାକ୍ଷ ଦତ୍ତଙ୍କ ମତ ହେଲା ଅଶୋକଙ୍କ ଅଭିଲେଖଗୁଡ଼ିକରେ ନିର୍ବାଣ, ଶୂନ୍ୟତା, ଅନାତ୍ମା କିମ୍ବା ଦୁଃଖ ଆଦି ବିଷୟରେ ପଦଟିଏ ମଧ୍ୟ ଉଲ୍ଲେଖ ନାହିଁ। ଅନ୍ୟପକ୍ଷରେ ସେଗୁଡ଼ିକ ସ୍ୱର୍ଗ ଏବଂ ସ୍ୱର୍ଗୀୟ ସୁଖ ଆଦି ବିଷୟରେ କହିଥା'ନ୍ତି, ଯାହା ଆଦ୍ୟ ବୌଦ୍ଧଧର୍ମର ଆଦର୍ଶ ନଥିଲା। କାରଣ ପ୍ରାରମ୍ଭିକ ବୌଦ୍ଧଧର୍ମ କାମ, ରୂପ ଓ ଅରୂପ ଏହି ତିନୋଟି ଧାତୁ (ତିନି ପ୍ରକାରର ଅସ୍ତିତ୍ୱ) ମଧ୍ୟରୁ ଯେକୌଣସି ସ୍ଥାନରେ ଜନ୍ମ ନେବାକୁ ଦୁଃଖ ଭାବେ ଗ୍ରହଣ କରୁଥିଲା। ଏହାର ସ୍ୱଷ୍ଟ ସାରାଂଶ ହେଉଛି ଯେ ଅଶୋକଙ୍କ ଶିଳାଲେଖରେ ବୌଦ୍ଧଧର୍ମର ଦାର୍ଶନିକ ଶବ୍ଦ ନିର୍ବାଣ, ଶୂନ୍ୟତା ଆଦି ପରିବର୍ତ୍ତେ ଏକ ନୈତିକ ଧର୍ମ ଏବଂ ସ୍ୱର୍ଗପ୍ରାପ୍ତିର କଥା ଅଧିକ କୁହାଯାଇଛି। ଯାହା ମୂଳ ବୌଦ୍ଧଧର୍ମଠାରୁ ଭିନ୍ନ। ଅନ୍ୟପକ୍ଷରେ ପ୍ର. ଭଣ୍ଡାରକରଙ୍କ ମତରେ ଅଶୋକଙ୍କ 'ଧମ୍ମ' କୌଣସି ନୂତନ ଧର୍ମ ନଥିଲା। ବରଂ ପ୍ରାଚୀନ ବୌଦ୍ଧଧର୍ମର ଯେଉଁ ସବୁ ନୀତି, ଆଦର୍ଶ, ଶିକ୍ଷାଗୁଡ଼ିକ ସାଧାରଣ ଲୋକ (ଗୃହସ୍ଥ) ନିଜ ଦୈନନ୍ଦିନ ଜୀବନରେ ପାଳନ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଅଶୋକ ତାହାକୁ ହିଁ ନିଜ ପ୍ରଜାଙ୍କ ମଧ୍ୟରେ ସେମାନଙ୍କ ପାଇଁ ପ୍ରଚାର କରିଥିଲେ। ଏହା ପ୍ରାଥମିକ ପର୍ଯ୍ୟାୟର ବୌଦ୍ଧଧର୍ମର ନୈତିକ ସଂସ୍କରଣ ଥିଲା। ଅଶୋକଙ୍କ 'ଧମ୍ମ' ପ୍ରାଥମିକ ବୌଦ୍ଧଧର୍ମର ସେହିଅଂଶ ବ୍ୟତୀତ ଅନ୍ୟ କିଛି ନଥିଲା, ଯାହା ବୁଦ୍ଧଙ୍କର ସାଧାରଣ ଉପାସକ ବା ଗୃହସ୍ଥ ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

ଏଥିରେ ସନ୍ଦେହ ନାହିଁ ଯେ ବୌଦ୍ଧଧର୍ମ ଅଶୋକଙ୍କ ବ୍ୟକ୍ତିଗତ ଧର୍ମ ଥିଲା ଏବଂ ସେ ନିଜର ଶିଳାଲେଖଗୁଡ଼ିକରେ ଅନେକ ଥର ଏହି କଥା ଖୋଲା ଖୋଲି ଭାବେ ପ୍ରକାଶ କରିଥିଲେ। କିନ୍ତୁ ତାଙ୍କ ସମୟକୁ ବୌଦ୍ଧଧର୍ମ ଆଉ ଗୋଟିଏ ସମାନଧର୍ମୀ ଧର୍ମ ଭାବରେ ରହି ନଥିଲା। ଏହା ମୁଖ୍ୟତଃ ତିନୋଟି ଶାଖାରେ ବିଭକ୍ତ ହୋଇ ସାରିଥିଲା। ତାହା ଥିଲା ଥେରବାଦ, ସର୍ବାସ୍ତିବାଦ ଓ ମହାସଂଘିକ। ଆମେ ଏପର୍ଯ୍ୟନ୍ତ ମଧ୍ୟ ସ୍ଥିର ନିଶ୍ଚିତ ନୋହୁ କି ଅଶୋକ ନିଜେ ଏହି ତିନୋଟି ଖାଖା ମଧ୍ୟରୁ କେଉଁଟିର ଅନ୍ତର୍ଭୁକ୍ତ କିମ୍ବା ଅନୁଗାମୀ ଥିଲେ। ବୌଦ୍ଧଗ୍ରନ୍ଥ ମହାବଂଶ (ସିଂହଳ) ରୁ ଯାହା ଜଣାଯାଏ ସମ୍ରାଟ ଅଶୋକ ବିଭଜ୍ଜବାଦୀ ଅଥବା ଥେରବାଦୀ ବୌଦ୍ଧ ସଂପ୍ରଦାୟର ସମର୍ଥକ ଓ ପୃଷ୍ଠପୋଷକ ଥିଲେ ଏବଂ ଥେରବାଦ ଶାଖର ନେତା ମୋଗଲିପୁତ୍ତ ତିସ୍ସ ତାଙ୍କର ଆଧ୍ୟାତ୍ମିକ ଗୁରୁ ଥିଲେ। ଅନ୍ୟପକ୍ଷରେ ସଂସ୍କୃତ ବୌଦ୍ଧ ଗ୍ରନ୍ଥ 'ଅବଦାନ'ରେ ଲିପିବଦ୍ଧ ସର୍ବାସ୍ତିବାଦୀ ପରମ୍ପରା ଅନୁଯାୟୀ ଅଶୋକ ସର୍ବାସ୍ତିବାଦ ଶାଖାର ପ୍ରମୁଖ ଆଚାର୍ଯ୍ୟ ଉପଗୁପ୍ତଙ୍କର ଜଣେ ଜଣାଶୁଣା ଭକ୍ତ ଥିଲେ। (କ୍ରମଶଃ...)

ଓଡ଼ିଶାର ବୌଦ୍ଧ ପରମ୍ପରା



ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶା ଅଙ୍ଗ ଛେଦନ କରି ଆନ୍ଧ୍ରକୁ ବଳୁଆ କରୁଛି ଡବଲ ଇଞ୍ଜିନ: କଂଗ୍ରେସ




ଭୁବନେଶ୍ୱର,୩।୪(ସମିସ): ପ୍ରସ୍ତାବିତ ଦକ୍ଷିଣତଟ ରେଳପଥ ଜୋନ୍‌ର ଅଧିକାର କ୍ଷେତ୍ରକୁ ସଂଶୋଧନ ନିଷ୍ପତ୍ତିକୁ ଓଡ଼ିଶାରେ ପ୍ରବଳ ବିରୋଧ କରାଯାଉଛି। ଏହାଦ୍ୱାରା ଓଡ଼ିଶାର ବର୍ତ୍ତମାନ ପୂର୍ବତଟ ରେଳପଥ ଅଧୀନରେ ଥିବା ଖୋର୍ଦ୍ଧା ରୋଡ୍ ଡିଭିଜନର ପଲାସା ଓ ଇଚ୍ଛାପୁରମ୍ ଅଂଶକୁ ପ୍ରସ୍ତାବିତ ଦକ୍ଷିଣ ତଟ ଜୋନ୍‌ର ବିଶାଖାପାଟନା ଡିଭିଜନ୍ ଅଧୀନକୁ ସ୍ଥାନାନ୍ତରିତ କରାଯିବ। ଫଳରେ ଓଡ଼ିଶା ପ୍ରତି ଡବଲ ଇଂଜିନ ସରକାରର ପ୍ରତାରଣା ଜଳଜଳ ଦିଶୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଅଂଶର ପ୍ରଶାସନିକ ନିୟନ୍ତ୍ରଣ ପରିବର୍ତ୍ତନ ହେବ। ଏଥିସହ ଏହାର ପରିଚାଳନା ଏବଂ ଆଞ୍ଚଳିକ ସଂଯୋଗୀକରଣ ଉପରେ ମଧ୍ୟ ପ୍ରଭାବ ପଡ଼ିବ। ଏହି ସ୍ଥାନାନ୍ତରଣ ପରେ ପ୍ରଶାସନିକ ନିୟନ୍ତ୍ରଣ ଏବଂ ଆଞ୍ଚଳିକ ସ୍ୱାର୍ଥ ସାଉଥ୍ କୋଷ୍ଟ ରେଳପଥ ଅଧୀନରେ ଆସିବ। ଏହା ପୂର୍ବରୁ ପୂର୍ବତଟ ରେଳବାଇରୁ ୱାଲଟିୟର ଡିଭିଜନକୁ ଅଲଗା କରାଯାଇଥିଲା। ଖଣିଜ ପରିବହନରେ ଭାରତୀୟ ରେଳକୁ ପୂର୍ବତଟ ରେଳ ପଥ ବହୁ ପରିମାଣରେ ରାଜସ୍ୱ ଦେଉଛି। ସମ୍ବଲପୁର, ଖୋର୍ଦ୍ଧା ଓ ୱାଲଟିୟର ଡିଭିଜନକୁ ନେଇ ପୂର୍ବତଟ ରେଳପଥ ଗଠିତ ହୋଇଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଆନ୍ଧ୍ର ପ୍ରୀତି ଯୋଗୁଁ ୱାଲଟିୟର ଡିଭିଜନ ଆନ୍ଧ୍ରକୁ ଚାଲିଗଲା। ଏହାର ଆହୁରି ପୂର୍ବରୁ ଖଡ଼ଗପୁର ଜୋନରେ ଓଡ଼ିଶାର ବାଲେଶ୍ୱର ମୟୂରଭଞ୍ଜର ବହୁ ଖଣିଜ ବହୁଳ ଅଞ୍ଚଳ ପୂର୍ବରୁ ଚାଲିଯାଇଛି। ଚକ୍ରଧରପୁର ଡିଭିଜନରେ ଝାରସୁଗୁଡା, ବାଂଶପାଣି, କେନ୍ଦୁଝର, ବଣାଇ ଅଞ୍ଚଳ ରହିଯାଇଛି। ତେଣୁ ଏବେ ପୂର୍ବତଟ ରେଳପଥରେ ରହିଛି ଆଉ କ'ଣ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ରାଜ୍ୟର ଭୌଗୋଳିକ ସୀମା ଉପରେ ରେଳ ଡିଭିଜନର ଗଠନ ନିର୍ଭର କରେନାହିଁ ବୋଲି କୁହାଯାଉଛି। ଯୁକ୍ତି ଅନୁଯାୟୀ ଯଦି ଆନ୍ଧ୍ର ପ୍ରଦେଶ ସାଉଥ କୋଷ୍ଟରେ ପଲାସାଠାରୁ ଇଚ୍ଛାପୁରମ ପର୍ଯ୍ୟନ୍ତ ମିଶିବ, ତା'ହେଲେ ଓଡ଼ିଶାର ପୂର୍ବରେ ଥିବା ଲକ୍ଷ୍ମଣନାଥ, ବାଲେଶ୍ୱର ଓ ପଶ୍ଚିମରେ ଝାରସୁଗୁଡା, ବାଂଶପାଣି ଓ ବଣେଇ ଆଦି ଅଞ୍ଚଳ ମଧ୍ୟ ପୂର୍ବତଟରେ ମିଶିବା ଉଚିତ୍ ବୋଲି ସେ ଦାବି କରିଛନ୍ତି। ମହାନଦୀ, ପୋଲାଭରମର କ୍ଷତ ଲିଭିନାହିଁ। ଓଡ଼ିଶାକୁ ଖଣ୍ଡବିଖଣ୍ଡିତ କରିବା ପାଇଁ ରେଳବାଇର ଷଡ଼ଯନ୍ତ୍ର ଆଜି ପୁଣି ଧରାପଡ଼ିଛି। ବିଜେପିର ଡବଲ ଇଞ୍ଜିନ୍ ସରକାର ଓଡ଼ିଶା ଅସ୍ମିତା ଉପରେ ଏଭଳି କୁଠାରଘାତ କରିଚାଲିଛି। ପରିବହନ କ୍ଷେତ୍ରରେ ପୂର୍ବରୁ ପୂର୍ବତଟ ରେଳପଥ ପାଖାପାଖି ତିରିଶ ହଜାର କୋଟି ଅର୍ଥ ଦେଉଛି। ୱାଲଟିୟର ଡିଭିଜନ ୮ ରୁ ୧୦ ହଜାର କୋଟି ଦେଉଥିଲା। ଏବେ ଓଡ଼ିଶା ଏହି ରାଜସ୍ୱ ହରାଇସାରିଛି। ପଲାସା ଓ ଇଛାପୁରମ ଏବେ ସାଉଥ କୋଷ୍ଟକୁ ଚାଲିଗଲା ପରେ ପୂର୍ବତଟ ଏବେ ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇପଡିବ ବୋଲି ଭକ୍ତ କହିଛନ୍ତି।

■ ରାଜଧାନୀରେ ଦୁଷ୍କର୍ମ ପୀଡ଼ିତାଙ୍କୁ ପୁଲିସର ନିର୍ଯାତନା ପ୍ରସଙ୍ଗ

# ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୩।୪(ସମିସ): ରାଜ୍ୟ ରାଜଧାନୀରେ ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ପୁଲିସର ନିର୍ଯାତନା ଏବଂ ଅର୍ଥ ଆଦାୟ ବିଷୟକୁ ନେଇ ଓଡିଶା ପୁଲିସ ପୁଣି ଥରେ କଳା କାରନାମା ରଚିଛି ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ରାଜ୍ୟରେ ଆଇନ ଓ ମହିଳାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଚିନ୍ତା ପ୍ରକଟ କରି ଗୃହ ବିଭାଗ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ସତ୍ୟକୁ ଚୁପ୍ କରାଇବା ପାଇଁ ସରକାର ସଭାର ଲାଠି ଚଳାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା, ଶଶୁର ଘର ଜିଲ୍ଲା ଓ ବସବାସ କରୁଥିବା ଜିଲ୍ଲା ଯଥା କେନ୍ଦୁଝର, ମୟୂରଭଞ୍ଜ ଓ ଭୁବନେଶ୍ୱରରେ ମହିଳା ନିର୍ଯାତନାରେ ଏକ, ଦୁଇ ଓ ତିନି ନଂ ର୍‌ୟାଙ୍କରେ ରହିଛି। ବହୁ ଚର୍ଚ୍ଚିତ ବଳାତ୍କାରୀ ପୀଡିତା ଘୁଂଘୁର ମିଶ୍ରଙ୍କ ଘଟଣାର ତଦନ୍ତ ପ୍ରକ୍ରିୟା ଓଡ଼ିଶା ଶାସନ ଓ ପୁଲିସ ବ୍ୟବସ୍ଥାର ନଗ୍ନଚିତ୍ର ସାମ୍ନାକୁ ଆଣିଥିବା ସେ କହିଛନ୍ତି।

ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସାନ ଭାଇକୁ ଗିରଫ ନକରିବା ଘଟଣାକୁ ଉଦାହରଣ ଦେଇ, ପୁଲିସ ଆଇନର ରକ୍ଷକ ନୁହେଁ, ସତ୍ତାର ସୁରକ୍ଷା କର୍ମୀ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଆର୍ଥିକ ବଳକା ରାଜ୍ୟର ଡିଣ୍ଡିମ ପିଟୁଥିବା ସରକାର, ଆମ ଟିକସ ପଇସାରେ କଣ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଅଭିଯୁକ୍ତକୁ ଧରିବାକୁ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେବା ଘଟଣାର ନ୍ୟାୟିକ ତଦନ୍ତ ଦାବି ସହ ଭୁବନେଶ୍ୱରରେ ଯଦି ଏଭଳି ଅବସ୍ଥା, ତେବେ ଉପାନ୍ତ ଅଞ୍ଚଳ କଥା ଉଠାଇ ସେ ଚିନ୍ତା ପ୍ରକଟ କରିଛନ୍ତି। ପିସିସିର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ସଫଳତା ଉପରେ ପ୍ରଶ୍ନ କରିବା ସହ ଭୁବନେଶ୍ୱରରେ ରକ୍ଷକ ଭକ୍ଷକ ସାଜିଛି ବୋଲି କହିଛନ୍ତି। ରାଜଧାନୀ ଛାତି ଉପରେ ମହିଳାଙ୍କୁ ଦୁଷ୍କର୍ମ କରାଯିବ ଅଥଚ ଭୁବନେଶ୍ୱର ମହିଳା ସାଂସଦ ନୀରବଦ୍ରଷ୍ଟା କାହିଁକି ପ୍ରଶ୍ନ କରିବା ସହ ଡିଜି ପୁଲିସଙ୍କ ଅପାରଗତାକୁ ସେ ପ୍ରଶ୍ନ କରିଛନ୍ତି।

● ମା' ସାଜିଲା ହୃଦୟହୀନା

# ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା

ରାଇରଙ୍ଗପୁର/ଗୋରୁମହିଷାଣି, ୩।୪(ସମିସ): ଲୋକଲଜ୍ଜା ଭୟରେ ଜନ୍ମଦାତ୍ରୀ ମା' ହୃଦୟହୀନ ହୋଇଗଲା। ନବଜାତ ଶିଶୁକନ୍ୟାକୁ ଅଲୋଡ଼ା କରିଦେଲା। ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ଥାନା ଅଞ୍ଚଳରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମବାସୀ ଶିଶୁକନ୍ୟାକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଗୋରୁମହିଷାଣି ଥାନା ଅନ୍ତର୍ଗତ ସାନମୌଦା ଗ୍ରାମର ଖେଳପଡ଼ିଆ ନିକଟରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଉକ୍ତ ଗ୍ରାମର ଲୋକେ ପଡ଼ିଆ ନିକଟରେ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ଖୋଜାଖୋଜି କରିବାରୁ ପଡ଼ିଆ ନିକଟରୁ ନବଜାତ ଶିଶୁ କନ୍ୟାକୁ ଦେଖିବାକୁ ପାଇଥିଲେ। ନବଜାତକଟି ଅସହ୍ୟ ସୂର୍ଯ୍ୟତାପ ଯୋଗୁଁ



ଜୋରରେ କାନ୍ଦୁଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରିବା ସହ ଗୋରୁମହିଷାଣୀ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଶିଶୁକନ୍ୟାକୁ ଗୋରୁମହିଷାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ନବଜାତକ ଅସୁସ୍ଥ ହେବାରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତା'ର ଚିକିତ୍ସା ଜାରି ରହିଛି। କେହି ଜଣେ ଲୋକଲଜ୍ଜା ଭୟରେ ଶିଶୁକୁ ଜନ୍ମ ଦେଇ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଦଳ ବଦଳ କଲେ ସମବାୟ ସଂସ୍ଥା ସମୃଦ୍ଧ ହୁଏ ନାହିଁ: କଂଗ୍ରେସ

ଭୁବନେଶ୍ୱର,୩।୪(ସମିସ): ଗଣତନ୍ତ୍ରରେ ବିଭିନ୍ନ ରାଜନୈତିକ ଦଳ ଶାସନକ୍ଷେତ୍ରକୁ ଆସିବା ପରେ ସମବାୟ ସଂସ୍ଥାଗୁଡ଼ିକୁ କ୍ରିୟାଶୀଳ ଓ ସଶକ୍ତ କରୁଥିବା ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ସୁବିଧା ଦେଖି ନିଜର ରାଜନୈତିକ ପତିଆରା ଅଭିବୃଦ୍ଧି ଓ ନିଜକୁ ସୁରକ୍ଷିତ ରଖିବା ପାଇଁ ଦଳ ବଦଳ କରୁଥିବା ସମବାୟବିତଙ୍କ ଦ୍ୱାରା କେବେ ବି ସମବାୟ ସଂସ୍ଥାର ବିକାଶ ହୋଇପାରିବ ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ସମବାୟବିତମାନଙ୍କୁ ନିଶାଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଉତ୍କଳ ଗୌରବ ମଧୁସୂଦନଙ୍କ ଭାଷାରେ ବ୍ୟକ୍ତିକୁ ଧର୍ମ ଓ ନୈତିକତା ବିଷୟରେ ଶିକ୍ଷା ଦେବା ପୂର୍ବରୁ ତାକୁ ଉନ୍ନତ ଜୀବନ ଶୈଳୀରେ ବଞ୍ଚିବାକୁ ସୁଯୋଗ ଦେବା ହିଁ ସମବାୟ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ସାମଗ୍ରୀକ ବିକାଶ ଏବଂ ଦୁର୍ବଳ ବର୍ଗର ଲୋକମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସମବାୟ ଅନୁଷ୍ଠାନର ମହତ୍ୱପୂର୍ଣ୍ଣ ଭୂମିକା। ସମବାୟର ସଂଜ୍ଞା, ସ୍ୱରୂପ ଆଭିମୁଖ୍ୟ ଓ ସମବାୟ କ୍ଷେତ୍ରରେ ନିଷ୍ଠା, ସାଧୁତା ପ୍ରତି ଯତ୍ନଶୀଳ ହେଲେ ସମବାୟ ସଂସ୍ଥାଗୁଡ଼ିକର ବିକାଶ ହୋଇପାରିବ। ହେଲେ ସେହି ସଂସ୍ଥାର ଉନ୍ନତି ଓ ସଂସ୍ଥାରେ ନିୟୋଜିତ ଥିବା କର୍ମଚାରୀମାନଙ୍କ ପ୍ରଗତିକୁ ବାଦ୍ ଦେଇ କିମ୍ବା ଦଳ ବଦଳ କଲେ ସେହି ସମବାୟବିତ୍‌ମାନଙ୍କ ଦ୍ୱାରା କେବେ ବି ସମବାୟ ସଂସ୍ଥାର ବିକାଶ ହୋଇ ପାରିବନାହିଁ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, ପ୍ରଥମେ ଟାଣୁଆ ସମବାୟବିତ୍ କହିବାକୁ ହେଲେ ଥରେ ନିଜର ଅଭିଜ୍ଞତାକୁ ଉପଲବ୍ଧ କରି ଆତ୍ମ ସମୀକ୍ଷା କରିବା ଉଚିତ୍। କିନ୍ତୁ ଆଜିର ଦିନରେ ସମବାୟରେ "ସ" ଅକ୍ଷର ନ ଜାଣିଥିବା ଲୋକ ଅସଦ୍ ଉପାୟରେ ନିଜକୁ ସମବାୟବିତ୍ ବୋଲାଉଛନ୍ତି। ତାହା କେବଳ କବିସୂର୍ଯ୍ୟ ବଳଦେବ ରଥଙ୍କ ଭାଷାରେ 'ଜଗତେ କେବଳ ଜନେ ହସିବା କଥା'। ସମବାୟ ସଂସ୍ଥା ଆଜି ବ୍ୟକ୍ତି କୈନ୍ଦ୍ରୀକ ଓ ରାଜନିତିର ଚାରଣଭୂମି ପାଲଟିଛି। ସଭ୍ୟମାନଙ୍କର ଯୋଗ୍ୟତା ଓ ଅଧିକାରକୁ ବାଦ୍ ଦେଇ ସମବାୟବିତ୍‌ମାନେ ସମବାୟର ଶ୍ରେଷ୍ଠନେତା ବୋଲାଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ସଦର ଡାକ୍ତରଖାନାରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ସମ୍ବଲପୁର, ୩।୪ (ସମିସ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ-ଶିଶୁ ୱାର୍ଡରେ ଚିକିତ୍ସା ଅବହେଳାରୁ ଦୁଇ ଦିନର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏହାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ସିଡିଏମ୍‌ଓଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ସମ୍ବଲପୁର ସାକ୍ଷୀପଡ଼ାର ମହେଶ ବଗର୍ତ୍ତିଙ୍କ ପତ୍ନୀ ସୁସ୍ମିତା ବଗର୍ତ୍ତି ଗତ ବୁଧବାର ଏପ୍ରିଲ ୧ ତାରିଖ ରାତି ସାଢ଼େ ୮ଟା ବେଳକୁ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ୨୧୦୦ ଗ୍ରାମ ଓଜନର ହୋଇଥିଲା। ଗୁରୁବାର ଦିନ ଟୀକା ଦେଲା ପରେ ଛୁଆ କ୍ଷୀର ପିଇ ଶୋଇଥିଲା। ଦିନ ୧୨ଟା ବେଳୁ ହାକୁଟି ଆରମ୍ଭ ହୋଇ ଛୁଆ କାନ୍ଦୁଥିଲା। ନର୍ସମାନଙ୍କୁ କହିବାରୁ ଏହା ଆପେଆପେ ବନ୍ଦ ହୋଇଯିବ ବୋଲି କହିଥିଲେ। କିନ୍ତୁ ହାକୁଟି ବନ୍ଦ ହେଲାନି ଏବଂ ଛୁଆଟି କ୍ଷୀର ପିଇନଥିଲା। ଆଜି ଭୋର୍ ୪ଟା ବେଳେ ନର୍ସଙ୍କୁ କହିବାରୁ ଡାକ୍ତର ସକାଳ ୯ଟାରେ ଦେଖିବେ ବୋଲି କହିଥିଲେ। ଶିଶୁର ପରିବାର ଲୋକେ ବାରମ୍ବାର ଡାକ୍ତରଙ୍କୁ ଡାକିବା ପାଇଁ ଅନୁରୋଧ କରିଥିଲେ ବି ଭୋର୍ ୪ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଦେଖିବାକୁ ଆସିନଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ଜଣେ ଆଶାକର୍ମୀଙ୍କ ସହାୟତାରେ ଶିଶୁଟିକୁ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ମାତ୍ର ସେତେବେଳକୁ ଶିଶୁଟିର ମୃତ୍ୟୁ ହୋଇସାରିଥିଲା। ପରିବାର ପକ୍ଷରୁ ସକାଳେ ଡ୍ୟୁଟିରେ ଥିବା ଡାକ୍ତର ଓ ନର୍ସ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ପକ୍ଷରୁ ସମ୍ବଲପୁର ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଏଫ୍ ୩୫ ଖସାଇଲା...

ଏହି ଧ୍ୱଂସାବଶେଷର ଭିଡ଼ିଓ ସେୟାର କରି କହିଛନ୍ତି ଯେ, ଯଦି ଇରାନ ବୁଝାମଣା ନ କରେ, ତେବେ ଏମିତ ଆହୁରି ଅନେକ ଆକ୍ରମଣ କରାଯିବ। ଆମେରିକା ଦାବି କରିଛି ଯେ ଏହି ବ୍ରିଜ୍ ସାମରିକ ଉପକରଣ ପରିବହନ ପାଇଁ ବ୍ୟବହାର ହେଉଥିଲା। ମାତ୍ର ଇରାନ ଏହାକୁ ବେସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କହି ନିନ୍ଦା କରିଛି। ଏହାର ଜବାବରେ ଇରାନ ଗଲ୍ ସହଯୋଗୀ ଦେଶଗୁଡ଼ିରେ ଥିବା ୮ଟି ରଣନୈତିକ ବ୍ରିଜ୍‌କୁ ଟାର୍ଗେଟ କରିବାକୁ ତାଲିକା ପ୍ରସ୍ତୁତ କରିଛି। ଏହି ତାଲିକାରେ ଦୁବାଇ, କୁଏତ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସଂଯୋଗ ମାର୍ଗ ରହିଥିବା ଜଣାଯାଇଛି।

ଆମେରିକା ନେତୃତ୍ୱରେ ହୋଇଥିବା ସାମ୍ପ୍ରତିକ ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଏକ ବଡ଼ ଧରଣର ପାଲଟା ଆକ୍ରମଣ କରାଯାଇଛି। ଇରାନ ଦାବି କରିଛି ଯେ ସେମାନେ ଶତ୍ରୁ ପକ୍ଷର ୭ଟି ପ୍ରମୁଖ ଏୟାରବେସ୍ ଓ ଏକ ବୈଷୟିକ ସୁବିଧା କେନ୍ଦ୍ର ଉପରେ ଆକ୍ରମଣ କରିଛନ୍ତି। ଇରାନ ଏହି ଆକ୍ରମଣକୁ ନିଜର ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣର ଏକ ସିଧାସଳଖ ଜବାବ ବୋଲି କହିଛି। ଇରାନ ଅଧିକାରୀଙ୍କ ଅନୁଯାୟୀ, ଚୟନ କରାଯାଇଥିବା ଲକ୍ଷ୍ୟଗୁଡ଼ିକ ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଆକ୍ରମଣର ଉଦ୍ଦେଶ୍ୟ ହେଉଛି, ଶତ୍ରୁକୁ ଏକ ଶକ୍ତ ବାର୍ତ୍ତା ଦେବା ଓ ଭବିଷ୍ୟତର ଆକ୍ରମଣକୁ ରୋକିବା। ଗତ ସପ୍ତାହ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ପାଲଟା ଆକ୍ରମଣ ବୃଦ୍ଧି ପାଇଛି, ଯାହା ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟି କରିଛି। ବର୍ତ୍ତମାନର ଯୁଦ୍ଧ କେବଳ ସୈନ୍ୟବାହିନୀରେ ସୀମିତ ନ ରହି ଶକ୍ତିକେନ୍ଦ୍ର, ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଏବଂ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରୁଛି। କ୍ରମାଗତ ଆକ୍ରମଣ ଯୋଗୁଁ ବିଶ୍ୱ ଶକ୍ତି ବଜାର ଏବଂ ଆଞ୍ଚଳିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ପ୍ରତିଶୋଧ ପରାୟଣ ଚକ୍ର ଯୋଗୁଁ ଯୁଦ୍ଧ ଆହୁରି ବ୍ୟାପକ ରୂପ ଧାରଣ କରିପାରେ।

## ଭାରତ ଆସୁଥିଲା...

ଟଙ୍କା ପୈଠ ପାଇଁ ଚାପ ପକାଉଛନ୍ତି। ଇରାନ ଅନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା 'ସ୍ୱିଫ୍ଟ'ରୁ ବାଦ୍ ପଡ଼ିଥିବା ଟଙ୍କା କାରବାର କରିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଯଦି ପୈଠ ଜନିତ ସମସ୍ୟାର ସମାଧାନ ହୁଏ, ତେବେ ଏହି ଜାହାଜ ପୁଣି ଭାରତ ଆସିପାରେ ବୋଲି କୁହାଯାଉଛି।

## ଡବଲ ଇଞ୍ଜିନରେ...

ରେଳ ବିଭାଗକୁ ୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ଦେଇଛି ଏବଂ ଏହାର ୬୦ ପ୍ରତିଶତ ୱାଲଟିୟର ଡ଼ିଭିଜନରୁ ଆସିଛି। ଆନ୍ଧ୍ରପ୍ରଦେଶର ବିଭାଜନ ସମୟରେ ନୂଆ ରାଜ୍ୟକୁ ନୂଆ ରେଳ ଜୋନ୍ ପ୍ରଦାନ କରାଯିବ ବୋଲି ସର୍ତ୍ତ ରଖାଯାଇଥିଲା। ମାତ୍ର ପୁରୁଣା ଜୋନ୍‌କୁ ଭାଙ୍ଗି ନୂଆ ଜୋନ୍ ଗଠନ ସମ୍ପର୍କରେ କୌଣସିଠାରେ ଉଲ୍ଲେଖ କରାଯାଇ ନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବତଟ ରେଳବାଇକୁ ଭଙ୍ଗା ଗଲେ ଓଡ଼ିଶା ଯେ ବିପୁଳ କ୍ଷତିଗ୍ରସ୍ତ ହେବ, ସେ ସମ୍ପର୍କରେ ଜାଣି ସୁଦ୍ଧା ଏପରି ନିଷ୍ପତ୍ତି ନିଆଗଲା। ୱାଲଟିୟର ଡ଼ିଭିଜନ ଭାଙ୍ଗି ଏହାର ସିଂହ ଭାଗ ଆନ୍ଧ୍ରପ୍ରଦେଶରେ ମୁଖ୍ୟାଳୟ ଥିବା ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯିବା ଦ୍ୱାରା ରାୟଗଡ଼ା ଡ଼ିଭିଜନ ଭାଗରେ ମାତ୍ର ଅଳ୍ପ କିଛି ଅଞ୍ଚଳ ରହିବ। ତେଣୁ କେନ୍ଦ୍ରରେ ଏନ୍‌ଡ଼ିଏ ମେଣ୍ଟ ସହଯୋଗୀ ଚନ୍ଦ୍ରବାବୁଙ୍କୁ ଖୁସି କରିବା ପାଇଁ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି ଓ ୱାଲଟିୟର ଡ଼ିଭିଜନକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏବେ ପୁଣି ଖୋର୍ଦ୍ଧାରୋଡ଼ ଡ଼ିଭିଜନରୁ ପଲାସା ଓ ଇଚ୍ଛାପୁରମ୍ ସେକ୍ସନକୁ ଦକ୍ଷିଣତଟକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଏହାମଧ୍ୟରେ ଲୁଚି ଯାଇଛି ତାହା ହେଉଛି ପୂର୍ବତଟ ରେଳବାଇର ସଂକୋଚନ। ପୂର୍ବତଟ ରେଳବାଇରେ ୨୩୨୧ କିଲୋମିଟର ରେଳପଥ ରଖାଯିବାକୁ ଯୋଜନା ରହିଥିବାବେଳେ ନବଗଠିତ ଦକ୍ଷିଣତଟ ରେଳବାଇରେ ୱାଲଟିୟର ଡ଼ିଭିଜନ ସହ ମୋଟ ୩୪୯୬ କିଲୋମିଟର ରେଳପଥ ରହିବ । ସେହିପରି ରାଜସ୍ୱ ସଂଗ୍ରହର ପ୍ରମୁଖ ଉତ୍ସ କୁହାଯାଉଥିବା ଭାଇଜାଗ ଷ୍ଟିଲ, ଭାଇଜାଗ ବନ୍ଦର, ଗଙ୍ଗାଭରମ୍ ପୋର୍ଟ ଅଞ୍ଚଳ ଦକ୍ଷିଣତଟ ରେଳବାଇକୁ ଚାଲିଯିବ ଏବଂ ଏହାଦ୍ୱାରା ପୂର୍ବତଟ ରେଳବାଇ ବର୍ଷକୁ ଅନ୍ୟୂନ ୬ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତିର ସମ୍ମୁଖୀନ ହେବ । ଦକ୍ଷିଣ ପୂର୍ବ ରେଳବାଇରେ ଓଡ଼ିଶାର ବେଲପାହାଡ-ବ୍ରଜରାଜନଗର, ବାଂଶପାଣି-ବଡ଼ବିଲ, ରାଣୀତାଲ-ରୁପ୍‌ସା-ବାଙ୍ଗିରିପୋଷି, ଜରେଇକେଲା-ବନ୍ଧମୁଣ୍ଡା-ରାଉରକେଲା-ଝାରସୁଗୁଡ଼ା ଅଞ୍ଚଳରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଥିଲେ ହେଁ ଏହାଦ୍ୱାରା ଓଡ଼ିଶା ଉପକୃତ ହୋଇ ପାରୁ ନ ଥିଲା ଏବଂ ଏହି କ୍ଷତିର ଭରଣା ୱାଲଟିୟର ଡ଼ିଭିଜନରୁ ହେଉଥିଲା। ମାତ୍ର ୱାଲଟିୟର ଡ଼ିଭିଜନ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯାଇଥିବାବେଳେ ଉପରୋକ୍ତ ଅଞ୍ଚଳଗୁଡ଼ିକୁ ନେଇ ରାଉରକେଲାରେ ନୂତନ ଡ଼ିଭିଜନ ସ୍ଥାପନ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଓଡ଼ିଶା ଦୋହରା କ୍ଷତିର ସମ୍ମୁଖୀନ ହୋଇଛି । ରାଉରକେଲା ଓ ଯାଜପୁର ରୋଡ଼ରେ ନୂଆ ଡ଼ିଭିଜନ ସ୍ଥାପନ ସଂକ୍ରାନ୍ତ ଓଡ଼ିଶାର ଦାବି ଏବେ ବି କେନ୍ଦ୍ର ସରକାରଙ୍କ ଶୀତଳଭଣ୍ଡାରରେ ପଡ଼ି ରହିଛି ।

କେନ୍ଦ୍ର ସରକାରଙ୍କ ଏହି ପକ୍ଷପାତ ପଦକ୍ଷେପକୁ ବିଜେଡି ବିରୋଧ କରି ଆସିଛି । କେନ୍ଦ୍ରରେ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରି ଚାଲିଛି। ଡ଼ବଲ ଇଞ୍ଜିନ୍ ସରକାରରେ ଓଡ଼ିଶାକୁ ଡ଼ବଲ ଲାଭ ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ଯଦି ୱାଲଟିୟର ଡ଼ିଭିଜନ, ପଲାସା-ଇଚ୍ଛାପୁରମ୍ ସେକ୍ସନ ପୂର୍ବତଟ ରେଳବାଇରୁ ପ୍ରତ୍ୟାହାର କରାଯାଉଛି, ତେବେ ଚକ୍ରଧରପୁର ଓ ଖଡ଼ଗପୁର ଡିଭିଜନରେ ଥିବା ଓଡ଼ିଶାର ଲାଇନ ପୂର୍ବତଟ ରେଳବାଇକୁ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

## କନିଷ୍ଠ ହୋଇଗଲେ...

ପାଇଥିବା ଶିକ୍ଷକଙ୍କୁ ମଧ୍ୟ ଚାକିରିରେ ଯୋଗଦାନଠାରୁ ନିୟମିତ କରିବାକୁ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷରେ ସରକାରଙ୍କ ଏହି ନିଷ୍ପତ୍ତିରେ ଶିକାର ହୋଇଥିବା ଶିକ୍ଷକଶିକ୍ଷୟତ୍ରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## ନୌସେନାରେ ଅରିଦମନ୍...

ଏକ୍ସରେ ଲେଖିଛନ୍ତି ଯେ, ଅରିଦମନ କେବଳ ଏକ ଶବ୍ଦ ନୁହେଁ, ଏହା ଏକ ଶକ୍ତିର ପ୍ରତୀକ। ଏହି ବୁଡ଼ା ଜାହାଜଟି ବିଶାଖାପାଟଣାର ଶିପ ବିଲ୍ଡିଂ ସେଣ୍ଟର (ଏସ୍‌ବିସି)ରେ ନିର୍ମିତ ହୋଇଛି। ଏହା ଭାରତର ଅତ୍ୟନ୍ତ ଗୋପନୀୟ ନ୍ୟୁକ୍ଲିୟାର ବାଲିଷ୍ଟିକ ସବ୍‌ମାରିନ ପ୍ରୋଗାମର ଅଂଶବିଶେଷ। ଏହି ବର୍ଗର ବୁଡ଼ା ଜାହାଜଗୁଡ଼ିକ ପାରମାଣବିକ ଅସ୍ତ୍ରଶସ୍ତ୍ର ବହନ କରିବା ସହ ଦୀର୍ଘ ସମୟଧରି ସମୁଦ୍ର ମଧ୍ୟରେ ମୁତୟନ ରହିବାକୁ ସକ୍ଷମ। ଅରିଦମନ ନୌସେନାରେ ସାମିଲ ହେବା ସହ ଭାରତର ନ୍ୟୁକ୍ଲିୟାର ଟ୍ରାଏଡ଼ କ୍ଷମତା ଆହୁରି ଶକ୍ତିଶାଳୀ ହୋଇଛି। ଜଳ,ସ୍ଥଳ, ଆକାଶ- ଏହି ୩ଟି ମାଧ୍ୟମରୁ ପାରମାଣବିକ ଆକ୍ରମଣ କରିବାର କ୍ଷମତାକୁ ନ୍ୟୁକ୍ଲିୟାର ଟ୍ରାଏଡ୍ କୁହାଯାଇଥାଏ। ଏଥିସହ ଭାରତ ବିଶ୍ୱରେ କେତୋଟି ବଛାବଛା ଦେଶମାନଙ୍କ ତାଲିକାରେ ଅଛି। ଏହି ତାଲିକାରେ ଆମେରିକା, ରୁଷ, ବ୍ରିଟେନ, ଫ୍ରାନ୍ସ ଓ ଚୀନ୍ ରହିଛନ୍ତି। ଏହି ଦେଶଗୁଡ଼ିକ ନିକଟରେ ଏହି ୩ ପ୍ରକାର ଆକ୍ରମଣର କ୍ଷମତା ରହିଛି। ସାମ୍ପ୍ରତିକ ଭୂ-ରାଜନୈତିକ ପରିସ୍ଥିତି ଏବଂ ଭାରତ ମହାସାଗରରେ ବଢୁଥିବା ଚୀନର ପ୍ରଭାବକୁ ଦୃଷ୍ଟିରେ ରଖି ଏହି ବୁଡ଼ାଜାହାଜ ସାମିଲ ହେବା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଶତ୍ରୁ ପାଇଁ ଏକ ଶକ୍ତ ଚେତାବନୀ ଏବଂ ଭାରତର ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଏକ ନୂତନ ସ୍ତରକୁ ନେଇଯାଇଛି। ଏହି ବିକାଶ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବିବେଚନା କରାଯାଉଛି।

# କଳା ହଳଦୀ ଚାଷ କରି ଚର୍ଚ୍ଚାରେ ପୂର୍ବତନ ବିଧାୟକ ଅଙ୍ଗଦ କହଁର





ଫିରିଙ୍ଗିଆ,୩।୪(ସମିସ): ଫିରିଙ୍ଗିଆ ବ୍ଲକ ଦୂରର କଥା କନ୍ଧମାଳ ଜିଲ୍ଲାରେ ମଧ୍ୟ ଲୋକେ ପ୍ରକୃତରେ କଳା ହଳଦୀ ଅଛି ନା ନାହିଁ ସନ୍ଦେହରେ ଥିଲେ। ଏମିତିକି, କଳା ହଳଦୀର କିଲୋ ପ୍ରତି ମୂଲ୍ୟ ହଜାର ହଜାର ଟଙ୍କା ବୋଲି କେବଳ ଶୁଣିବାକୁ ମିଳୁଥିଲା। କିନ୍ତୁ, କେହି କଳା ହଳଦୀ ଦେଖି ମଧ୍ୟ ନଥିଲେ। ୪ବର୍ଷ ତଳେ ଅଙ୍ଗଦ କହଁର ଫୁଲବାଣୀ ବିଧାୟକ ଥିବା ବେଳେ ଭୁବନେଶ୍ୱରରେ ହଳଦୀ ଭଳି ଦେଖାଯାଉଥିବା ଜିନିଷକୁ ଦେଖିବା ପରେ ବେପାରୀକୁ ପଚାରି ତାହା କଳା ହଳଦୀ ବୋଲି ଜାଣିପାରିଥିଲେ। ନିଜେ ୭ଖଣ୍ଡକୁ ଷାଠିଏ ଟଙ୍କା ହିସାବରେ ୪୨୦ ଟଙ୍କାରେ କିଣି ଫିରିଙ୍ଗିଆ ବ୍ଲକ୍ ଉପାନ୍ତ ଅଞ୍ଚଳ କୁହାଯାଉଥିବା ପକାରୀ ପଞ୍ଚାୟତର ନିଜ ଗାଁ ପକାରୀରେ ବିହନ ଲଗାଇଥିଲେ। ବିଭିନ୍ନ ଲୋକଙ୍କୁ ପଚାରି ଏହା ପ୍ରକୃତରେ କଳା ହଳଦୀ ବୋଲି ଜାଣିବାକୁ ପାଇଥିଲେ। ବର୍ତ୍ତମାନ ୪ବର୍ଷ ଭିତରେ ସେହି ୭ଖଣ୍ଡ କଳା ହଳଦୀରୁ ପ୍ରାୟ ୫୦ କେଜି ହଳଦୀ ଉତ୍ପାଦନ ହୋଇଛି। ଏହି ଚାଷ କରି ସେ ଅଞ୍ଚଳ ତଥା ଜିଲ୍ଲାରେ ଚର୍ଚ୍ଚାରେ ରହିଥିବା ବେଳେ ଏଠାକାର ଚାଷୀ ମଧ୍ୟ କଳା ହଳଦୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ଅଙ୍ଗଦଙ୍କୁ ଆୟୁର୍ବେଦିକ ଡାକ୍ତରମାନେ ମଧ୍ୟ କଳା ହଳଦୀ ଚାଷ କରିବାକୁ ପ୍ରୋତ୍ସାହିତ କରିବା ସହ ଅଧିକ ଅମଳ ହେଲେ କିଣି ନେବେ ବୋଲି କହିଛନ୍ତି। କେହିକେହି ଆସି ତାଙ୍କର ଚାଷ ମଧ୍ୟ ବୁଲି ଦେଖିଥିବା ଶ୍ରୀ କହଁର କହିଛନ୍ତି। ଆଗାମୀ ଦିନରେ ଅଧିକ କଳା ହଳଦୀ ଚାଷ କରିବା ସହ ସ୍ଥାନୀୟ ଅଞ୍ଚଳର ଚାଷୀ କିଭଳି ଏହି ଚାଷ କରି ରୋଜଗାରକ୍ଷମ ହୋଇପାରିବେ, ସେ ନେଇ ସେ ପ୍ରୟାସ କରିବେ ବୋଲି କହିଛନ୍ତି।

ଶ୍ରୀ କହଁର ପୂର୍ବରୁ କଳା ଧାନ, ରକ୍ତ ଚନ୍ଦନ, ଚନ୍ଦନ ସହ ବିଭିନ୍ନ ଚାଷ କରି ଚର୍ଚ୍ଚାରେ ରହିଥିବା ବେଳେ କଳା ହଳଦୀ ଚାଷ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ବର୍ତ୍ତମାନ, କଳା ହଳଦୀ କେଜି ପିଛା ୨ ହଜାର ଟଙ୍କା ପର୍ଯ୍ୟନ୍ତ କିଣି ନେଇଯିବାକୁ ବେପାରୀ କହିଥିବା ବେଳେ ଅନ୍ୟ ଚାଷ ଅପେକ୍ଷା ଔଷଧୀୟ ଗୁଣ ଥିବା ଏହି କଳା ହଳଦୀ ଚାଷ କରି ଭଲ ରୋଜଗାର ହୋଇପାରିବ ବୋଲି ଚାଷୀଙ୍କୁ ପ୍ରେରଣା ଦେଇଛନ୍ତି।

ଅନ୍ୟପଟେ ପ୍ରକୃତରେ କେତେ ଟଙ୍କା କିଲୋ ପ୍ରତି ବିକ୍ରି ହେବ, ତାହା ଜଣା ପଡ଼ିନଥିଲେ ମଧ୍ୟ ସାଧାରଣ ହଳଦୀର ପରିଶ୍ରମ ଅପେକ୍ଷା କଳା ହଳଦୀ କେବଳ କଞ୍ଚାରେ ଖୋଳି କିଲୋ ପ୍ରତି ପାଞ୍ଚ ଶହ ଟଙ୍କାରେ ବିକ୍ରି ହେଲେ ମଧ୍ୟ ଜଣେ ଚାଷୀ ଭଲ ରୋଜଗାର କରିପାରିବ ବୋଲି କୁହାଯାଉଛି। ପ୍ରଶାସନ ତରଫରୁ ଅଞ୍ଚଳରେ କଳା ହଳଦୀ ଚାଷ ପାଇଁ ପ୍ରୋତ୍ସାହନ ସହ ସୁବିଧା ଯୋଗାଇଦେଇ ବିକ୍ରିବଟା ବ୍ୟବସ୍ଥା ଉପରେ ସହାୟତା ପ୍ରଦାନ କଲେ ଚାଷୀ ଉପକୃତ ହେବେ ବୋଲି ଶ୍ରୀ କହଁର କହିଛନ୍ତି।

■ ନୂଆ ଅବକାରୀ ନୀତିର ଭିତିରି କଥା

# ଗାଁରୁ ସହର ବୋହିବ ମଦର ସୁଅ

■ ମହାନଗରରେ 'ସୁପର ପ୍ରିମିୟମ; ପାଣି କୂଳରେ 'ମଦ କୁଟୀର'
■ ନଈ, ପୋଖରୀ, ଡ୍ୟାମ, ହ୍ରଦ କୂଳରେ ମିଳିବ ମଦ

ଭୁବନେଶ୍ୱର,୩।୪(ସମିସ): ଗତ ୧ ତାରିଖରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ନୂଆ ଅବକାରୀ ନୀତି । ଆଗାମୀ ୩ ବର୍ଷ ପାଇଁ ଏହାକୁ ଲାଗୁ କରାଯାଇଥିବା ସଂକ୍ରାନ୍ତରେ ଅବକାରୀ ମନ୍ତ୍ରୀ ବିଧାନସଭାରେ ଘୋଷଣା କରିଛନ୍ତି । ନୂଆ ନୀତିରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲାଯିବ ନାହିଁ, ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଊର୍ଦ୍ଧ୍ୱ ହୋଟେଲ ଓ କ୍ଲବ୍‌ରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ ବୋଲି ମନ୍ତ୍ରୀ ବିଧାନସଭାରେ କହିଥିଲେ। ମାତ୍ର ସରକାର ପ୍ରସ୍ତୁତ କରିଥିବା ଅବକାରୀ ନୀତିରେ ରହିଥିବା ଛିଦ୍ର ଓ ବାସ୍ତବ ଯୋଜନା ସମ୍ପୂର୍ଣ୍ଣ ଭିନ୍ନ ମନେ ହେଉଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ୧୦୦୦୦ କୋଟି ଅବକାରୀ ଟିକସ ଆଦାୟ ଲକ୍ଷ୍ୟ ଏହା ଜରିଆରେ ପୂରଣ କରାଯିବାକୁ ମଧ୍ୟ ଯୋଜନା ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ନୂଆ ଅବକାରୀ ନୀତିରେ ରାଜ୍ୟର ମହାନଗରଗୁଡ଼ିକରେ ସରକାର ସୁପର ପ୍ରିମିୟମ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ଅନୁମତି ଦେବେ। ଏହାର ଲିଜ୍ ଅବଧି ଲାଇସେନ୍ସ ପାଇବା ଦିନଠାରୁ ୫ ବର୍ଷ ରହିବ। ଏହାର ଆବେଦନ ଫି ୫ ଲକ୍ଷ ଓ ଲାଇସେନ୍ସ ଫି ୫୦ ଲକ୍ଷ ଟଙ୍କା ରଖାଯାଇଛି । ପ୍ରତିବର୍ଷ ଟିକସ ୧୦ % ବୃଦ୍ଧି କରାଯିବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ ରହିଛି । କୌତୂହଳର କଥା ହେଉଛି ଏହି ବିଶାଳ ସୁପର ପ୍ରିମିୟମ ଠିପି ବନ୍ଦ ଦୋକାନଗୁଡ଼ିକରେ ଗୋଟିଏ ଲେଖାଏ ମଦ ଚଖା କୋଠରୀ (ୱାଇନ୍ ଟେଷ୍ଟିଂ ରୁମ୍) ରହିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ନଈ, ପୋଖରୀ, ଡ୍ୟାମ, ହ୍ରଦ କୂଳରେ ମଦ ବିକ୍ରି ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛି ଅବକାରୀ ବିଭାଗ । ଲୋକମାନେ ଯେପରି ସହଜରେ ଓ ବିନା ଅସୁବିଧାରେ ମଦ ପାଇ ପାରିବେ, ସେଥିପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି । ରାଜ୍ୟର ବିଭିନ୍ନ ବେଳାଭୂଇଁଗୁଡ଼ିକରେ ମଦ କୁଟୀର ସ୍ଥାପନ ହେବ । 'ବିଚ୍ ସ୍ନାକ୍ସ' ନାମରେ ଏହି ମଦ କୁଟୀରଗୁଡ଼ିକୁ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ (ଓଟିଡ଼ିସି) ପରିଚାଳନା କରିବ । ଏପରିକି ଇକୋ-ରିଟ୍ରିଟ୍ (ପରିବେଶ ପର୍ଯ୍ୟଟନ ସ୍ଥଳ) ଗୁଡ଼ିକରେ ମଦ ବିକ୍ରି ପାଇଁ ମଧ୍ୟ ଓଟିଡ଼ିସି ଅସ୍ଥାୟୀ ଲାଇସେନ୍ସ ପାଇପାରିବ । କୌତୂହଳର କଥା ହେଉଛି ଅବକାରୀ ବିଭାଗର ଅନ୍ ସପ୍ (ଠିପି ଖୋଲା ମଦ ଦୋକାନ) ପାଇଁ ରେସ୍ତୋଁରାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ କଥିତ ମଦ କୁଟୀର ଲାଇସେନ୍ସ ପ୍ରଦାନରେ ଏହି ନୀତିକୁ କୋହଳ କରାଯାଇଛି । ଯେଉଁମାନେ ନଈ, ସମୁଦ୍ର, ହ୍ରଦ, ଝରଣା, ପୋଖରୀ କୂଳରେ ଏପରି ମଦ କୁଟୀର ଖୋଲିବାକୁ ଆଗ୍ରହ ଦେଖାଇବେ; ସେମାନଙ୍କୁ ଓଟିଡ଼ିସି ସବୁ ପ୍ରକାର ସହାୟତା ଯୋଗାଇ ଦେବ । ଏପରିକି ପାଣି, ବିଜୁଳି ସଂଯୋଗ ସହ ବର୍ଜ୍ୟ ପରିଚାଳନାରେ ପୂର୍ଣ୍ଣ ସହାୟତା ପ୍ରଦାନ କରିବ ବୋଲି ନୂଆ ନୀତିରେ ଉଲ୍ଲେଖ କରାଯାଇଛି । ମାତ୍ର ଗତବର୍ଷ ବିରୋଧ ହୋଇଥିବାରୁ ପୁରୀ ପୌରାଞ୍ଚଳ ଓ ପୁରୀ ବେଳାଭୂମିରେ ମଦ କୁଟୀର ଖୋଲାଯିବ ନାହିଁ ।


AFFIDAVIT

By virtue of an affidavit sworn before Executive Magistrate, Rajnagar, dated 30/03/2026, I, Niranjan Das, Address: At- Hariharpur, PO- Gopalpur, PS- Rajnagar, Dist- Kendrapara, Pin- 754225, Odisha declare that I have changed my name from Anil Kumar Nayak to Niranjan Das. Henceforth, I shall be known as Niranjan Das for all purposes.

Niranjan Das

## ଅଭିଶପ୍ତ ଗାଁ ଡୁଙ୍ଗୁରିସାହି

# ଚୁଆ ଓ ଝରଣା ପାଣି ପିଉଛନ୍ତି ୬୦ ଜନଜାତି ପରିବାର

ଶରତ/ଆନନ୍ଦପୁର, ୩।୪(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗୟଳମୁଣ୍ଡା ପଞ୍ଚାୟତର ଓଲେଇକୁଣ୍ଡି ରାଜସ୍ୱ ଗ୍ରାମର ୫ନଂ ୱାର୍ଡରେ ଅବସ୍ଥିତ ଡୁଙ୍ଗୁରିସାହି। ଉକ୍ତ ଡୁଙ୍ଗୁରିସାହି ଗ୍ରାମରେ ୬୦ରୁ ଅଧିକ ହୋ' ସମ୍ପ୍ରଦାୟର ଜନଜାତି ପରିବାର ବସବାସ କରୁଥିବାବେଳେ ସେମାନେ ଅତ୍ୟନ୍ତ ଦୟନୀୟ ଭାବେ ଗ୍ରାମରେ ଥିବା ଚୁଆ ଓ ଗାଗାରା ନାମକ ଝରଣା ପାଣିକୁ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ଏକଦା ଏହି ଓଲେଇକୁଣ୍ଡି ରାଜସ୍ୱ ଗ୍ରାମର ଉପରସାହି ବଡ଼ସାହି ଗ୍ରାମରେ ପ୍ରଶାସନ ପକ୍ଷରୁ ଗୋଟିଏ ନଳକୂପ ଖୋଳାଯାଇଥିଲା। ତାହା ଅଚଳ ହୋଇପଡିଛି। ବର୍ତ୍ତମାନ ସେଠାରେ ପାଣି ବାହାରୁନାହିଁ। ଉକ୍ତ ଓଲେଇକୁଣ୍ଡି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଛି। ବିଦ୍ୟାଳୟ ପ୍ରାଙ୍ଗଣ ମଧ୍ୟରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି। ଯଦ୍ୟପି ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ନଳକୂପ ଖନନ ହୋଇଛି, କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ପକ୍ଷଙ୍କ ଦ୍ୱାରା ବିଦ୍ୟାଳୟ ପାଚେରି ଗେଟରେ ତାଲା ପଡୁଛି, ତେଣୁ ପାଣି ବୁନ୍ଦାଏ ପାଇବା ପାଇଁ ଗ୍ରାମର ଜନଜାତି ହନ୍ତସନ୍ତ ହେଉଛନ୍ତି। ଗ୍ରାମର ଜନସାଧାରଣ ଦାରିଦ୍ର୍ୟତା ସୀମାରେଖା ତଳେ ଜୀବନ ବିତାଉ ଥିବାବେଳେ ଜଳକଷ୍ଟ ସେମାନଙ୍କ ଜୀବନକୁ ଆହୁରି ଦୁର୍ବିସହ କରି ପକାଉଛି। ବୋଧହୁଏ, ପାନୀୟ ଜଳ ପିଇବା ସେମାନଙ୍କ ଭାଗ୍ୟରେ ନାହିଁ। ଅନ୍ୟପକ୍ଷରେ ଏହି ଓଲେଇକୁଣ୍ଡି ରାଜସ୍ୱ ଗ୍ରାମର ଡୁଙ୍ଗୁରିସାହି ଗ୍ରାମରେ ମୂଳରୁ ହିଁ ପ୍ରଶାସନ ପକ୍ଷରୁ ଗୋଟିଏ ହେଲେ ନଳକୂପ ଖୋଳାଯାଇପାରି ନ ଥିବା ଗ୍ରାମବାସୀ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ପାଣି ପଞ୍ଚାୟତ ନାମରେ ସରକାରଙ୍କ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଆନନ୍ଦପୁର ବ୍ଲକର ଗୟଳମୁଣ୍ଡା ପଞ୍ଚାୟତ ଭଳି ଉପାନ୍ତ ଓ ଆଦିବାସୀ ବହୁଳ ଅଞ୍ଚଳରେ ଏହି ଯୋଜନା ବାସ୍ତବ ରୂପରେ କେମିତି କାର୍ଯ୍ୟକାରୀ ହେଉଛି, ତାହା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଗ୍ରାମରେ ନଳକୂପ ସ୍ଥାପନ କରାଯିବା ନିମନ୍ତେ ଗ୍ରାମର ନମିତା ବିରୁଆ, ସୁନାମଣି ବିରୁଆ, ନାମସୀ ବିରୁଆ, ସପ ବିରୁଆ, ରମେଶ ବିରୁଆ, ଅବର ବିରୁଆ ଓ ବିକେନ୍ଦ୍ର ସିର୍କା ପ୍ରମୁଖ ଆକୁଳ ନିବେଦନ କରିଛନ୍ତି। ଗ୍ରାମରେ ପାନୀୟଜଳ ସମସ୍ୟାର ସମାଧାନ ନ ହେଲେ ଦ୍ୱିତୀୟ ସପ୍ତାହରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଗୟଳମୁଣ୍ଡା ପଞ୍ଚାୟତର ସମାଜସେବିକା ଦୀପ୍ତିରେଖା ସିର୍କା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଆପଣଙ୍କ ଯୋଗେ ସମସ୍ୟା ସମ୍ପର୍କରେ ଅବଗତ ହେଲୁ। ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କୁ ଉକ୍ତ ଗ୍ରାମରେ ନଳକୂପ ଖୋଳିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଛୁ।

## ଜଙ୍ଗଲ ଭିତରେ ବେଆଇନ ମଦ ବିକ୍ରି; ତାଡିଲେ ମହିଳା



ତୁରୁମୁଙ୍ଗା, ୩।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଅଁରାପଶି ଆକାଶିଆ ଜଙ୍ଗଲ ଭିତରେ ତମ୍ବୁ ମାରି ବେଆଇନ ହାଣ୍ଡିଆ ଓ ମହୁଲି ମଦ ବିକ୍ରି କରୁଥିବା ସମୟରେ ସଅଁରାପଶି ଗ୍ରାମର ମହିଳାମାନେ ଶୁକ୍ରବାର ଅଚାନକ ଚଢ଼ଉ କରି ମଦ ବିକ୍ରି ସ୍ଥାନକୁ ଭାଙ୍ଗି ଦେବା ସହ ମଦ ନଷ୍ଟ କରିଛନ୍ତି। ମହିଳାଙ୍କ ଚଢ଼ାଉ ଦେଖି ଘଟଣାସ୍ଥଳରୁ ମଦ ବିକ୍ରେତା ଛାତ୍ରଭଙ୍ଗ ଦେଇଥିଲେ। ସଅଁରାପଶି ଆକାଶିଆ ଜଙ୍ଗଲରେ ଦୀର୍ଘଦିନ ଧରି ବେଆଇନ ଭାବେ ହାଣ୍ଡିଆ ଓ ମହୁଲି ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଜଙ୍ଗଲ ଭିତରେ ତମ୍ବୁ ମାରି ଚାଲିଥିବା ମଦ ବିକ୍ରି କେନ୍ଦ୍ରକୁ ମହିଳାମାନେ ଭାଙ୍ଗି ଦେବା ସହ ମଦ ପ୍ରସ୍ତୁତି ସାମଗ୍ରୀକୁ ମଧ୍ୟ ନଷ୍ଟ କରିଛନ୍ତି। ଗାଁ ନିକଟରେ ମଦ ବିକ୍ରି ଯୋଗୁଁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିଲା। ପୁଲିସ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ଏଭଳି ପଦକ୍ଷେପ ନେଇଥିବା ମହିଳାମାନେ କହିଛନ୍ତି। ଗ୍ରାମବାସୀ ବେଆଇନ ମଦ ବିକ୍ରି ଉପରେ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିବାବେଳେ ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଅବକାରୀ ବିଭାଗର ଚଢ଼ଉ, ଜଣେ ଗିରଫ

### ୧୫୦୦ ଲିଟର ମହୁଲ ପୋଚ ନଷ୍ଟ ଓ ୮୦ ଲିଟର ଦେଶୀମଦ ଜବତ

ମୋରଡା,୩।୪(ସମିସ): ମୋରଡା ଅବକାରୀ ବିଭାଗ ଗୁରୁବାର ଜଙ୍ଗଲ ମଧ୍ୟରେ ଚାଲିଥିବା ଏକ ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ଉ କରି ମଦ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ ଉକ୍ତ ଅବକାରୀ ଥାନା ଅଧୀନ ଚମାରଦଣି ଗ୍ରାମର ପଶ୍ଚିମ ଦିଗରେ ଥିବା ଏକ ଜଙ୍ଗଲରେ ମଦଭାଟି ଉପରେ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଅବକାରୀ ବିଭାଗ ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୮୦ ଲିଟର ଦେଶୀ ମଦ ଜବତ କରିଛି। ମୁନି ହେମ୍ବ୍ରମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ପାଠ




ବାରିପଦା, ୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଘର ପୂର୍ବତନ ସଭାପତି ହିମାଂଶୁ ପରିଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ପ୍ରଦୀପ ପରିଡା ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଜ୍ୟୋତିପ୍ରକାଶ ରଥ, ଉପସଭାପତି ସତ୍ୟବ୍ରତ ଦାସ, ସମ୍ପାଦକ ବିପ୍ଳବ ବାରିକ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ଯୁଗ୍ମସମ୍ପାଦକ ସ୍ୱରୂପ କୁମାର, ପଙ୍କଜ ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ଗିରିଶଚନ୍ଦ୍ର ମହାପାତ୍ର, ଦେବରାଜ ମିଶ୍ର ଓ ଗୌତମ ଶଙ୍କର ରାୟ, ସଦସ୍ୟା ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ସମସ୍ତଙ୍କୁ ବିଜୟୀ ପ୍ରମାଣ ପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ଅସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି
# ଦୁଇଘଣ୍ଟିଆ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କଲା ଜେଏମଏମ



ମୋରଡା,୩।୪(ସମିସ): ମୋରଡା ବ୍ଲକ ଅଧୀନ ଚିତ୍ରଡା-ମୋରଡା ମୁଖ୍ୟ ରାସ୍ତାର ଶିଳଦା ନିକଟରେ ଥିବା ଜମ୍ବୀରା ପୋଲ ନିକଟରେ ଶୁକ୍ରବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦୁଇ ଘଣ୍ଟିଆ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉକ୍ତ ପୋଲଟି ବ୍ଲକ ବାହାର ଜିଲ୍ଲାର ହଜାର ହଜାର ଲୋକେ ବ୍ୟବହାର କରୁଥିବାବେଳେ ପୋଲ ଦବିଯିବାରୁ ପ୍ରଶାସନ ତରଫରୁ ପୋଲ ଉପରେ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଫଳରେ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଉକ୍ତ ପୋଲର ରକ୍ଷଣାବେକ୍ଷଣର ଅଭାବରୁ ପୋଲଟି ବିପଦସଂକୁଳ ହେଲା ଓ ପୋଲ ତଳେ ହଜାର ହଜାର ଟ୍ରିପ ବାଲିର ଚାଲାଣ ହେବା ଫଳରେ ପୋଲର ଏପରି ଅବସ୍ଥା, ତେଣୁ ଏସବୁର ଉଚ୍ଚସ୍ତରୀୟ ତଦନ୍ତ ହେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସଭାପତି ଦାସ। ସେହିପରି ଯଥାଶୀଘ୍ର ଏକ ଅସ୍ଥାୟୀ ପୋଲର ନିର୍ମାଣ ନିମନ୍ତେ ଦାବି କରିଥିଲେ ଦାସ। ତେବେ ଆଜିର ଧାରଣାରେ ସଭାପତି ଦାସ ଭାଜପା ସରକାର ଓ ବର୍ତ୍ତମାନର ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବିଭିନ୍ନ କାରଣ ନେଇ କଡା ସମାଲୋଚନା କରିଛନ୍ତି।

## ଆର୍‌ଜିଏମ୍‌ପିଇଏସ୍ ଯୋଜନା ପ୍ରତି ଦୁଗ୍ଧ ଚାଷୀଙ୍କ ଅନାଗ୍ରହ



ଶୁକୃଳି,୩।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଚାଲୁଥିବା ଆର୍‌ଜିଏମ୍‌ପିଇଏସ୍ ପ୍ରୋଜେକ୍ଟକୁ ନେଇ ବିଭିନ୍ନ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଚାଷୀମାନଙ୍କ ଆର୍ଥିକ ସୁଧାର ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ଏବେ ଦୁଗ୍ଧ ଚାଷୀମାନଙ୍କ ମଧ୍ୟରେ ଅନାଗ୍ରହ ଦେଖାଦେଇଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଯୋଜନା ଅଧୀନରେ ବାହାର ରାଜ୍ୟରୁ ଅଣାଯାଇଥିବା ଗାଈମାନଙ୍କ ମଧ୍ୟରୁ ଅଧିକାଂଶ ଅସୁସ୍ଥ ଓ ଦୁର୍ବଳ ଥିବା ସହିତ କେତେକ ରୋଗୀଣା ଗାଈ ମଧ୍ୟ ବଣ୍ଟନ କରାଯାଇଥିବା ଅଭିଯୋଗ ଉଠିଛି। ଏହା ଫଳରେ ଚାଷୀମାନେ ଆଶା କରିଥିବା ଦୁଧ ଉତ୍ପାଦନ ହୋଇପାରୁନାହିଁ। ଏଥି ସହିତ ଚିକିତ୍ସା ଓ ଦୈନିକ ଦେଖା ଚାହାଁ ଖର୍ଚ୍ଚ ବଢ଼ି ଯାଇ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରିକି, ଗୋପାଳନ ସୁବିଧା ପାଇଁ ଗୁହାଳ ନିର୍ମାଣ ଓ ପଶୁଙ୍କ ପାଇଁ ଦାନା-ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ପ୍ରକଳ୍ପ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେହି ସୁବିଧା ମିଳୁନଥିବା ଅଭିଯୋଗ ହେଉଛି। ଏହା ଫଳରେ ଅନେକ ଚାଷୀ ଗୋପାଳନ ନେଇ ଅନିଚ୍ଛା ପ୍ରକାଶ କରୁଥିବା ବେଳେ କେହି କେହି ଯୋଜନାରୁ ହଟିବାକୁ ମଧ୍ୟ ଚିନ୍ତା କରୁଛନ୍ତି। ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ସରକାର ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ଯଥାଶୀଘ୍ର ତଦନ୍ତ କରି ପ୍ରୟୋଜନୀୟ ପଦକ୍ଷେପ ନେବାକୁ ଦାବି ହେଉଛି।

## ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



ବଡ଼ସାହି,୩।୪(ସମିସ): କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସାଂଗଠନିକ କର୍ମକର୍ତ୍ତା ଚୟନ କରାଯାଉଛି। ନିକଟ ଅତୀତରେ ବଡ଼ସାହି ବ୍ଲକ୍ କଂଗ୍ରେସ ସଭାପତି ଭାବେ ଯୁବ ନେତା ଶଶାଙ୍କଶେଖର କରଙ୍କ ନାମ ଉପରେ ମୋହର ଲାଗିଛି। ଫଳରେ ବଡ଼ସାହି ବ୍ଲକ୍ କମିଟି ପକ୍ଷରୁ ଶୁକ୍ରବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ବଳ, ନିର୍ବାଚନମଣ୍ଡଳୀ ସଭାପତି ଦୀପ୍ତିଭାନୁ ସେନାପତି, ବାରିପଦା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ, ପୂର୍ଣ୍ଣଚନ୍ଦ୍ର ହାଁସଦା, କଳ୍ପନା ମିଶ୍ର, ଶଶଧର ଅରକ୍ଷିତ ମହାପାତ୍ର, ଚନ୍ଦ୍ରଶେଖର ବଳ, ଖଗେଶ୍ୱର ନାୟକ, କାର୍ତ୍ତିକ ପାତ୍ର, ପ୍ରଭାକର ବାରିକ, ନୃସିଂହ ହାତୀ, ରବିନାରାୟଣ ମହାନ୍ତ, ପଙ୍କଜ ଦାସପଟ୍ଟନାୟକ, ବାସୁଦେବ ମିଶ୍ର, ଦେବାଶିଷ ପଣ୍ଡା ଓ ନଟବର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଦଳକୁ ସୁସଂଗଠିତ କରିବା ପାଇଁ ନିଜ ନିଜର ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି, ଦରଦାମ ବୃଦ୍ଧି, ଲୋକଙ୍କୁ ମିଛ ପ୍ରତିଶ୍ରୁତି ଓ ପ୍ରତାରଣା କରିବା, ବେକାରୀ, ନିଯୁକ୍ତି ପ୍ରସଙ୍ଗ, ମହିଳା, ଚାଷୀ, ଯୁବକ ଓ ସରକାରୀ ଚାକିରିଆ ସମସ୍ତେ ନିଜକୁ ଅସୁରକ୍ଷିତ ମଣିବା ଓ ଭୋଟ ଚୋରି ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ତୃଣମୂଳ ସ୍ତରରେ ଲୋକଙ୍କ ନିକଟକୁ ଯିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ରାଜରାସ୍ତାରେ ଲଢ଼ିବା ପାଇଁ ଉପସ୍ଥିତ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏ ଅବସରରେ ନୂତନ ଭାବେ ଦାୟିତ୍ୱ ପାଇଥିବା ବ୍ଲକ୍ ସଭାପତି ଶଶାଙ୍କଶେଖର କରଙ୍କୁ ଉପସ୍ଥିତ କର୍ମକର୍ତ୍ତା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଣେ ଯୁବ ନେତାଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଉପସ୍ଥିତ କର୍ମୀ ଏହାକୁ ସ୍ୱାଗତ କରିବା ସହିତ ରାଜ୍ୟ ପ୍ରଦେଶ କମିଟି ସଭାପତି ଭକ୍ତଚରଣ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଡସାହି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର ଏ ବିଷୟରେ ଅବଗତ ନ ଥିବା ଓ ଜିଲ୍ଲା ସଭାପତିଙ୍କ ଫଟୋ ବ୍ୟାନରରେ ନ ଥିବାକୁ ନେଇ ତାଙ୍କ ସହିତ କିଛି କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବୈତରଣୀରେ ବୁଡ଼ି ବାଳକ ମୃତ

ଆନନ୍ଦପୁର, ୩।୪(ସମିସ): ଘଷିପୁରା ବ୍ଲକ ବାତୋ ପଞ୍ଚାୟତ ଅଞ୍ଜୀରା ଗ୍ରାମର ଚିନ୍ତାମଣି ଜେନାଙ୍କ ପୁଅ ବାପୁଜୀ (୧୨) ନଦୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଆଜି ଦିନ ୧୦ଟା ସମୟରେ ବାପୁଜୀ ବୈତରଣୀ ନଦୀର ଅଞ୍ଜିରା ଘାଟକୁ ଗାଧୋଇବାକୁ ଯାଇଥିଲା। ଗଭୀର ପାଣିରେ ଗୋଡ଼ ଖସିଯିବାରୁ ବୁଡି ଯାଇଥିଲା। ସାଙ୍ଗରେ ଯାଇଥିବା ଅନ୍ୟ ପିଲାମାନେ ଡାକ ପକାଇବା ପରେ ଗାଁଲୋକ ଆସି ଉଦ୍ଧାର କରିଥିଲେ ହେଁ ସାଇଁକୁଳ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ହୋଇଥିବା ବେଳେ ରାମଚନ୍ଦ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ବୋଲେରୋ ଧକ୍କାରେ ୨ ଗୁରୁତର

ତୁରୁମୁଙ୍ଗା,୩।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସରାସପଶି ନିକଟରେ ବୁଧବାର ଅପରାହ୍ନରେ ଏକ ବୋଲେରୋ ପଲସର ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍‌ରେ ଥିବା ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତୁରୁମୁଙ୍ଗା ଗ୍ରାମର ଅରୁଣ ସାହୁ ଏବଂ କଇଣ୍ଡା ଗ୍ରାମର ଦୀପକ ସାହୁ। ଉଭୟଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଓଡି୦୯ଇ୨୯୫୯ ନମ୍ବର ବିଶିଷ୍ଟ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବିପୁଳ ମଦ ସହ ବାଇକ୍ ଜବତ, ୪ ଗିରଫ



ଚମ୍ପୁଆ,୩।୪(ସମିସ): ଚମ୍ପୁଆ ପୁଲିସ ଉପଖଣ୍ଡ ଅଧିକାରୀ ରଶ୍ମିରଂଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ସ୍ୱରୂପ ରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ସବଇନସପେକ୍ଟର ଭଜରାଜ ସାହୁ, ହାବିଲଦାର ଲକ୍ଷ୍ମୀଧର ସେଠୀ, ସୁଶୀଳ ଅମାନ୍ତ, ସସ୍ମିତା ପ୍ରଧାନ, ବାହାଦୁଲା ମୁଣ୍ଡା ଓ ଦେବେନ୍ଦ୍ର ମୁଣ୍ଡା ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢଉ କରି ବିପୁଳ ପରିମାଣରେ ବିଦେଶୀ ମଦ ସହିତ ଦୁଇଟି ମଟର ସାଇକଲ ଜବତ କରିଥିବା ବେଳେ ୪ ଜଣକୁ ଗିରଫ କରିଛନ୍ତି। ଚଢଉ ସମୟରେ ବିକ୍ରି ପାଇଁ ଯାଉଥିବା ବିଦେଶୀ ମଦ ସହ ବଡନଇ ଗ୍ରାମରେ ବିକ୍ରି ପାଇଁ ଥିବା ବିଦେଶୀ ଓ ଦେଶୀ ମଦ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ଜଗେଶ୍ୱର ହାଇବୁରୁ, ଚୈତନ୍ୟ ଗୋପ, ରାଜେଶ ପ୍ରଧାନ ଓ ବାବୁଲୁ ଦିଗି। ପୁଲିସ ପକ୍ଷରୁ ଏହି ଚଢାଉରେ ୨୫ ଲିଟର ବିଦେଶୀ ମଦ ସହ ୩୮ ଲିଟର ଦେଶୀ ମଦ ଜବତ ହୋଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଆହତଙ୍କୁ ଡାକ୍ତରଖାନା ଆଣିଲେ ବିଧାୟକ



ଆନନ୍ଦପୁର, ୩।୪ (ସମିସ): ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡବାନ୍ଦଗୋଡା ପଞ୍ଚାୟତ ଭଣ୍ଡାରିପଡ଼ା ଛକରେ ଏକ ବୋଲେରୋ ଗାଡ଼ି ଧକ୍କାରେ କଣ୍ଟାବଣିଆଁ ଗ୍ରାମର ସତ୍ୟବ୍ରତ ଜେନା (୩୬) ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ରହିଥିଲେ। ସେହି ରାସ୍ତା ଦେଇ ଘଷିପୁରା ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯାଉଥିବା ବେଳେ ସେ ଆହତ ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିଧାୟକଙ୍କ ଏଭଳି ମାନବିକତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## କଲେଜ ଅଫ୍ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟରେ ଉତ୍କଳ ଦିବସ




ବାରିପଦା,୩।୪(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ସିରାମ ଟୁଡୁ, ଅଧ୍ୟାପିକା ଲକ୍ଷ୍ମୀ ଚାପିଆର, ସସ୍ମିତା ରାଉତ, ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ, ମହାବିଦ୍ୟାଳୟର ହିସାବ ରକ୍ଷକ ଆଶିଷ ଦାସ ପ୍ରମୁଖ ଉତ୍କଳ ଦିବସ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନିକଟସ୍ଥ ମହାରାଜପୁରଠାରେ ସଫେଇ କାର୍ଯ୍ୟ କରିଥିଲେ।

## ପିଲାଚୋର ସନ୍ଦେହରେ ଅଟକ ଯୁବକ ଉଦ୍ଧାର

ମୋରଡା,୩।୪(ସମିସ): ମୋରଡ଼ା ଥାନା ଅଞ୍ଚଳରେ ପିଲା ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଗତକାଲି ରାତିରେ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ମୋରଡା ଥାନା ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଛି। ଶିଳଦା ପଟାକୁଣ୍ଡିଆ ନିକଟରେ ସ୍ଥାନୀୟ ଲୋକ ଜଣେ ଅଚିହ୍ନା ଯୁବକଙ୍କୁ ଦେଖି ଅଟକ ରଖି ପଚରାଉଚରା କରିଥିଲେ। ଯୁବକ ଘର ବିହାର କହିଥିବାବେଳେ ନାମ, ପରିଚୟ ଦେଇ ନଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି କିଛି ଦୂରରେ ଥିବା ଦେଖି ଲୋକେ ସେମାନଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ସେମାନେ ଏକ ବ୍ୟାଗରୁ ତମ୍ବା ତାର କାଢି ଦେଖାଇ ସେମାନେ ଏସି ମରାମତି କରନ୍ତି ବୋଲି କହିଥିଲେ ଓ ଚାଲିଯାଇଥିଲେ। ତେବେ ଗ୍ରାମବାସୀ ଯୁବକଙ୍କୁ ଅଟକ ରଖିଥିଲେ। ପରେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲା।

## ଓଡ଼ିଆ ପକ୍ଷର ତୃତୀୟ ଦିନରେ 'ଆମ ପୋଷାକ ଆମ ପରିଚୟ'

# ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ପିନ୍ଧିଲେ ପାରମ୍ପରିକ ପୋଷାକ



କେନ୍ଦୁଝର, ୩।୪(ସମିସ): ଓଡ଼ିଶା ଦିବସରୁ ଏପ୍ରିଲ ୧୪, ଓଡ଼ିଆ ନବବର୍ଷ ଯାଏଁ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ, ୨୦୨୬'ର ଦ୍ୱିତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' ରୂପେ ପାଳିତ ହୋଇଛି। ଏହି ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ନିଜ ନିଜର କର୍ମକ୍ଷେତ୍ରକୁ ଆସିବା ସହ ନିଜ ମୋବାଇଲରେ ସେଲ୍ଫି ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ହସ୍ତତନ୍ତ ପୋଷାକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାପାଇଁ ସଚେତନତା ଅଭିଯାନରେ ନିଜକୁ ସାମିଲ କରିଛନ୍ତି।

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ମହମ୍ମଦ ଫିରୋଜ, ଅଭିଳାଷ ପୁରୋହିତ, ସତ୍ୟବ୍ରତ ସାହୁ, ଲଲାଟେନ୍ଦୁ ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ଶୁଚିସ୍ମିତା ନାୟକ, ସରୋଜ ମଲ୍ଲିକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସେହିପରି ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଅଫିସ କାର୍ଯ୍ୟ କରିବା ସହ ଏହି ଅଭିଯାନରେ ସାମିଲ ହୋଇଛନ୍ତି।

## ରାମନବମୀ ଶୋଭାଯାତ୍ରାରେ ଅତ୍ୟଧିକ ଡିଜେ ଶବ୍ଦରେ ହୃଦ୍‌ରୋଗୀ ଅସୁସ୍ଥ ଘଟଣା

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ବାରିପଦା ବାସିନ୍ଦା

ବାରିପଦା, ୩।୪(ସମିସ)



ବାରିପଦା ସହରରେ ରାମନବମୀ ଶୋଭାଯାତ୍ରା ସମୟରେ ଅତ୍ୟଧିକ ଡିଜେ ଶବ୍ଦ ଯୋଗୁଁ ପ୍ରାକ୍ତନ ରଣଜୀ କ୍ରିକେଟ ଖେଳାଳି ତଥା ଜିଲ୍ଲା ବିଜେଡି ନେତା ଲଲାଟେନ୍ଦୁ ବେହେରା ହୃଦଘାତରେ ଆକ୍ରାନ୍ତ ହୋଇଥିବା ଘଟଣା ସ୍ଥାନୀୟ ନାଗରିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ବାରିପଦା ବାସିନ୍ଦା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପୂର୍ବକ ଡିଜେ କଟକଣା ପାଇଁ ହସ୍ତକ୍ଷେପ ଲୋଡିଛନ୍ତି। ଅତ୍ୟଧିକ ଶବ୍ଦ କେବଳ ଏକ ଉପଦ୍ରବ ନୁହେଁ, ବରଂ ସାଧାରଣ ଜନସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ। ଏହା ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଶ୍ରବଣ ଶକ୍ତି ହ୍ରାସ, ମାନସିକ ଚାପ ଭଳି ସମସ୍ୟା ସୃଷ୍ଟି କରିପାରେ ବୋଲି ଉଲ୍ଲେଖ କରାଯାଇଛି। ବାରିପଦା ବାସିନ୍ଦା ନବୀନ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ନୋଇଜ ପଲ୍ୟୁସନ୍ (ରେଗୁଲେସନ୍ ଆଣ୍ଡ କଣ୍ଟ୍ରୋଲ) ରୁଲ୍ସ ୨୦୦୦କୁ କଠୋରତାର ସହିତ ଲାଗୁ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ତତସହିତ ଶୋଭାଯାତ୍ରା ଓ ସାର୍ବଜନିକ କାର୍ଯ୍ୟକ୍ରମରେ ଡିଜେ ସାଉଣ୍ଡର ସର୍ବୋଚ୍ଚ ସ୍ତର ନିୟନ୍ତ୍ରଣ (ଆଇନ ଅନୁଯାୟୀ ଆମ୍ବିଏଣ୍ଟ ଶବ୍ଦର ୧୦ ଡେସିବଲ୍ ଉପରେ ନୁହେଁ), ସାର୍ବଜନିକ ସ୍ଥାନରେ କୌଣସି ଆମ୍ପ୍ଲିଫାଇଡ୍ ସାଉଣ୍ଡ ସିଷ୍ଟମ ବ୍ୟବହାର ପାଇଁ ପୂର୍ବ ଅନୁମତି ବାଧ୍ୟତାମୂଳକ, ଉତ୍ସବ ସମୟରେ ମନିଟରିଂ ଟିମ୍ ମୁତୟନ, ନିୟମ ଲଘଂନ କରୁଥିବା ଆୟୋଜକ ଓ ଡିଜେ ଅପରେଟରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆଦି ଦାବି ରଖିଛନ୍ତି। ଜିଲ୍ଲା ଓକିଲ ସଂଘ ସଭାପତି ଜ୍ୟୋତିପ୍ରକାଶ ରଥ, ମଳୟ ଜେନା, ବିଶ୍ୱଜିତ ଦାସ ପ୍ରମୁଖ ଆଶା କରିଛନ୍ତି ଯେ, ଜିଲ୍ଲାପାଳ ଶୀଘ୍ର ପଦକ୍ଷେପ ନେବେ ଓ ଭବିଷ୍ୟତରେ ଏପରି ଦୁର୍ଘଟଣା ରୋକିବା ପାଇଁ ନିୟମ ଲାଗୁ କରିବେ। ଏହା ବୟସ୍କ, ହୃଦ୍‌ରୋଗୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି।

# ବେତନଟୀ-ଅଁଳା ରାସ୍ତା ପାଲଟିଛି ମରଣଯନ୍ତା



■ ପ୍ରତିଦିନ ଘଟୁଛି ଦୁର୍ଘଟଣା
■ ଛାତ୍ରଛାତ୍ରୀଙ୍କ ଯାତାୟାତ ଅସୁରକ୍ଷିତ

ବେତନଟୀ, ୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବେତନଟୀ-ଅଁଳା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅମଣିଦାଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ଅଂଶ ଦୀର୍ଘବର୍ଷ ଧରି ମରାମତି ନ ହେବାରୁ ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି। ଦହିକୋଟିଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ଛାତ୍ରଛାତ୍ରୀଙ୍କ ଯାତାୟାତ ଅସୁରକ୍ଷିତ। ତେଣୁ ଏହି ରାସ୍ତାର ମରାମତି କରାଯିବାକୁ ଦାବି ହେଉଛି।

ସୂଚନା ମୁତାବକ, ଅମଣିଦା ପର୍ଯ୍ୟନ୍ତ କିଛି ଅଂଶରେ ମରାମତି କାମ ହୋଇଥିବା ସତ୍ତ୍ୱେ ଅନ୍ୟପଟେ ପ୍ରାୟ ୧ କିମି ରାସ୍ତା ଅବହେଳିତ ହୋଇ ରହିଯାଇଛି। ଫଳରେ ସମଗ୍ର ରାସ୍ତା ଖାଲଖମାରେ ଭର୍ତ୍ତି। ଅନେକ ସ୍ଥାନରେ ବଡ଼ ବଡ଼ ଗଡ଼ିଆ ଆକାର ନେଇଛି। ଯାହା ଯାତାୟାତକୁ ବିପଦଜନକ କରିଦେଇଛି। ଏହି ରାସ୍ତାଟି ମୋରଡା ଓ ରସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରିବା ସହ ପଶ୍ଚିମବଙ୍ଗ ସହିତ ବାଲେଶ୍ୱର ଜିଲ୍ଲାର ବସ୍ତା, ଅମର୍ଦା, ଜଳେଶ୍ୱର, ବାଲିଆପାଳ ଓ ଚନ୍ଦନେଶ୍ୱର, ପର୍ଯ୍ୟଟନ ସ୍ଥଳୀ ଦିଘାକୁ ଯାଇଥିବା ଏକ ମୁଖ୍ୟ ସଡ଼କ ଅଟେ। ପ୍ରତିଦିନ ସରକାରୀ ଓ ବେସରକାରୀ ବସ ଏହି ରାସ୍ତା ଦେଇ ଚଳାଚଳ କରୁଥିବାରୁ ଯାତ୍ରୀ ବିପଦର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଦୈନିକ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ବହୁବାର ଦୁର୍ଘଟଣାର ଶିକାର ହେଉଛନ୍ତି। ବାଇକ ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିଚାଲିଛି। ଏହି ସମସ୍ୟାର ଶୀଘ୍ର ସମାଧାନ ଦାବି କରି ସରପଞ୍ଚ ଚୈତନ୍ୟ ହେମ୍ବ୍ରମଙ୍କ ସହିତ ବରିଷ୍ଠ ନାଗରିକ ଅକ୍ଷୟ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରଭାକର ମହାନ୍ତ ଓ ସରୋଜ ମହାନ୍ତ ପ୍ରମୁଖ ଜୋରଦାର ଦାବି ଉଠାଇଛନ୍ତି। ଯଦି ଶୀଘ୍ର ରାସ୍ତା ମରାମତି କାମ ଆରମ୍ଭ ନ ହୁଏ, ତେବେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଶିଶୁକନ୍ୟା ମୃତ

ସାରସକଣା, ୩।୪(ସମିସ): ସାରସକଣା ବ୍ଲକ ପୋଖରୀଆ ପଞ୍ଚାୟତ ଧଲଙ୍ଗସାହି ଗ୍ରାମର ରାମ ମାଝୀଙ୍କ ୫ ବର୍ଷ ୧୦ ମାସର ଝିଅର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ନାବାଳିକାର ପରିବାର ଲୋକଙ୍କ ସୂଚନା ମୁତାବକ ରାମମାଝୀଙ୍କ ସ୍ତ୍ରୀ ପ୍ରସବ ସମୟ ହୋଇଯାଇଥିବାରୁ ସୋମବାର ଦିନ ରାମ ନିଜ ସ୍ତ୍ରୀଙ୍କୁ ଆଣି ଶୀର୍ଷା ଡାକ୍ତରଖାନାରେ ଆଡ଼ମିସନ କରିଥିଲେ। ପାଞ୍ଚବର୍ଷର ଝିଅକୁ ଘରେ ଜେଜେମା ପାଖରେ ଛାଡି ଆସିଥିଲେ। ଜେଜେମା ଛେଳି ଚରାଇବାକୁ ଯାଇ ଫେରିବା ପରେ ଦେଖୁଥିଲା ଝିଅ ଝୁଲି ରହିଛି। ଖବର ପାଇ ରାମ ଘଟଣା ସ୍ଥଳରେ ପହଞ୍ଚି ଝିଅକୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ିନି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

## ତରଭୁଜ ଚାଷ କରି ଦେବେନ୍ଦ୍ର ସ୍ୱାବଲମ୍ବୀ

ଉଦଳା, ୩।୪(ସମିସ): ନିଜ ଉଦ୍ୟମରେ ପ୍ରଥମ ଥର ହଳଦିଆ ତରଭୁଜ ଚାଷ କରି ସ୍ୱାମୀ ଓ ସ୍ତ୍ରୀ ସ୍ୱାବଲମ୍ବୀ ହେବା ସହ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତ ଅନ୍ତର୍ଗତ କଳାପାହାଡ଼ ଓ କିରିକିଚିଆ ଗ୍ରାମର ଦେବବ୍ରତ ସୋରେନ ନିଜ ଉଦ୍ୟମର ହୋଇପାରିଛନ୍ତି ସ୍ୱାବଲମ୍ବୀ। ଖରିଫ ଫସଲ ପରେ ନିଜର ଏକ ଏକର ପାଖାପାଖି ଜାଗାରେ ତରଭୁଜ ଚାଷ କରିଥିଲେ। ଫଳ ଆସିବା ପରେ ଏହାର ରଙ୍ଗ ପୁରା ହଳଦିଆ ଦେଖାଯାଇଥିଲା। ତରଭୁଜର ରଙ୍ଗ ଦେଖିବାକୁ ଯେମିତି ସ୍ୱାଦବି ଠିକ ସେମିତି। ତରଭୁଜ ଅମଳ ପରେ ଏହାର ଚାହିଦା ମଧ୍ୟ ବେଶ ଦେଖିବାକୁ ମିଳିଛି। ତେବେ କିଲୋ ପିଛା ଏହାର ଦାମ ରହିଛି ୩୦ ଟଙ୍କା। ଯାହାକି ପାଇକାରି ମୂଲ୍ୟରେ ବିକ୍ରି କରୁଛନ୍ତି ଦେବବ୍ରତ। ତେବେ ତରଭୁଜ ଅମଳ ପରେ ଏହା ବିକ୍ରି ପାଇଁ ରହିଥିବା କଥା କହିଥିବାବେଳେ ଆଗାମୀ ବର୍ଷରେ ଚାଷକୁ କେମିତି ଦ୍ୱିଗୁଣିତ କରିପାରିବେ, ତାହା ଏବେଠୁ ଚିନ୍ତାରେ ଅଛନ୍ତି ଦେବବ୍ରତ। ଆହୁରି ଅଧିକ ସ୍ୱାବଲମ୍ବୀ ହେବା ପାଇଁ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଯଦି କିଛି ସହାୟତା ଯୋଗାଇ ଦିଆଯିବ, ତେବେ ଆଗାମୀ ଦିନରେ ଅଧିକରୁ ଅଧିକ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଚାଷ ପାଇଁ ନିୟୋଜିତ ଶ୍ରମିକଙ୍କ ରୋଜଗାର ବଢ଼ିପାରିବ ବୋଲି ଦେବବ୍ରତ ସୋରେନ କହିଛନ୍ତି।



## ଜାତୀୟ ପ୍ରତିଯୋଗିତାରେ ଲିପିକାଙ୍କ ସଫଳତା



ବାରିପଦା, ୩।୪(ସମିସ): ବରିଷ୍ଠ କୁରାଶ ପ୍ରତିଯୋଗିତା ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷ ବର୍ଗରେ ୪ ଜଣ ଓ ମହିଳା ବର୍ଗରେ ୪ ଜଣ ଥିଲେ। ୮୭ ଓଜନରୁ କମ୍ ବର୍ଗରେ ଲିପିକା ମହାନ୍ତ କାଂସ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ରାଜ୍ୟ କୁରାଶ ସଂଘ ସଭାପତି ରମାକାନ୍ତ ମହାନ୍ତି ଓ ସାଧାରଣ ସମ୍ପାଦକ ଈଶ୍ୱର ମହାନ୍ତ, ସଂଘର ସମସ୍ତ କର୍ମକର୍ତ୍ତା ଲିପିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଆନ୍ତର୍ଜାତିକ ସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ଆଶା ପ୍ରକଟ କରିଛନ୍ତି।

## ଶିକ୍ଷକ ସୋମନାଥ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୩।୪ (ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ସମଗ୍ର ଶିକ୍ଷାର ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ବାରିକ, ଏଫସି ଅଶୋକ ସାମଲ, ଶିକ୍ଷକ ନେତା ବିମଳ ଆଚାର୍ଯ୍ୟ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ହରେକୃଷ୍ଣ ବାରିକ, ପ୍ରଦୀପ ନାଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସାଇ କୋଚ ବିନୋଦ ରାମ, ତ୍ରିରଙ୍ଗା କ୍ଲବର ସଭାପତି ଆଲୋକ ମହାନ୍ତି, ଉପସଭାପତି ରବୀନ୍ଦ୍ର ମହାନ୍ତି, ସମାଜସେବୀ ଅମର ସେଠୀ, ସରୋଜ ମହାପାତ୍ର, ଡଃ ନିରୋଜ ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ମହାନ୍ତି, ନବକିଶୋର ପାଲବାବୁ, ବଳରାମ ନାଥ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ଓ ସମାଜ ପାଇଁ ଶ୍ରୀ ସିଂହଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ, ଜିଲ୍ଲାପାଳ ହେମକାନ୍ତ ସୟ ପ୍ରଦାନ କରିଥିବା ଅଭିନନ୍ଦନ ପତ୍ରକୁ ଡିସିପିଓ ଶ୍ରୀମତୀ ବିଶ୍ୱାଳ ପାଠ କରିଥିଲେ। ଶିକ୍ଷକ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଅଧ୍ୟାପକ ଶିଶିର ବେହେରାଙ୍କୁ ବାନାମ୍ବର ସାହିତ୍ୟ ସମ୍ମାନ



ବାରିପଦା, ୩।୪(ସମିସ): ଉତ୍କଳ ଦିବସରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବାନାମ୍ବର ପଟ୍ଟଯୋଶୀଙ୍କ ସ୍ମୃତିରେ ପୁରୀରେ ପ୍ରତିଷ୍ଠିତ ବାନାମ୍ବର ସାହିତ୍ୟ ପରିଷଦର ପ୍ରଥମ ବାର୍ଷିକ ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରାଙ୍କୁ 'ବାନାମ୍ବର ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଭଞ୍ଜଭୂମି ମୟୂରଭଞ୍ଜରେ ପ୍ରତିଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ସହ ଯୁବ ସାହିତ୍ୟିକ ଭାବେ ନିଷ୍ଠାପର ସାଧନା ପାଇଁ ଚଳିତବର୍ଷ ବାନାମ୍ବର ସାହିତ୍ୟ ପରିଷଦ ପୁରୀ ପକ୍ଷରୁ ଯୁବ ସାହିତ୍ୟିକ ଶିଶିର ବେହେରାଙ୍କୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏହି ଉତ୍ସବରେ ମାନପତ୍ର, ଉତ୍ତରୀୟ ସହ ପାଞ୍ଚହଜାର ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରିଷଦର ସଭାପତି ମୀନକେତନ ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଆଇନ୍ ପରାମର୍ଶଦାତା ସମୀର ପଟ୍ଟନାୟକ ଯୋଗଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଡକ୍ଟର ସୁଧାଂଶୁ ଶେଖର ମହାନ୍ତି ଯୋଗଦାନ କରିଥିଲେ। ଉତ୍କଳ ଦିବସ ପାଳନ ଅବସରରେ ପରିଷଦ ପକ୍ଷରୁ 'ଓଡ଼ିଆ ଭାଷା ଓ ସାହିତ୍ୟ ଅନୁଚିନ୍ତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପରିଷଦର ସମ୍ପାଦକ ଡକ୍ଟର ପ୍ରଭାତ ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଡକ୍ଟର ଶିଶିର ବେହେରାଙ୍କୁ ଅନୁଷ୍ଠାନର ପ୍ରଥମ ବାନାମ୍ବର ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ରାମଚନ୍ଦ୍ର କଳ୍ପନା ମାଧ୍ୟମିକ ବିଦ୍ୟାଳୟ, କମାଗୁରୁ ଖୋର୍ଦ୍ଧାର ଅଧ୍ୟକ୍ଷ ଡକ୍ଟର ସୁଧାଂଶୁ ଶେଖର ମହାନ୍ତିଙ୍କୁ ରମାମଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ଷଡ଼ଙ୍ଗୀ, ଚଣ୍ଡୀପ୍ରସାଦ ଭଟ୍ଟ, ଶିକ୍ଷୟିତ୍ରୀ ମିନତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୁବକବି ମୃତ୍ୟୁଞ୍ଜୟ ପଣ୍ଡା, ତୃପ୍ତିମୟୀ ପଟ୍ଟଯୋଶୀ, ହାସ୍ୟମୟୀ ପାଟ୍ଟଯୋଶୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଗବେଷକ ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହନୁମାନ ଜୟନ୍ତୀ ଶୋଭାଯାତ୍ରା ପ୍ରସ୍ତୁତି ବୈଠକ



ବାରିପଦା, ୩।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ୧୪ ତାରିଖରେ ହେବାକୁ ଯାଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ସକାଶେ ରାମ ଲାଲା, ବାହୁବଳୀ ହନୁମାନ, ନନ୍ଦି ମହାରାଜ, ନୃସିଂହ ଅବତାର ସହିତ ୫୦ ଜଣିଆ ଘଣ୍ଟା ବାଦ୍ୟ, ଖୋର୍ଦ୍ଧା ପାଇକ ଆଖଡା, ଜିଲ୍ଲାର ବହୁ ସାଂସ୍କୃତିକ କଳାକାର ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ବାରିପଦା ମ୍ୟୁନିସିପାଲଟି ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅମର ସେଠୀ, ପ୍ରସନ୍ନ ମହାପାତ୍ର, ସୁବ୍ରମଣ୍ୟମ ମହାନ୍ତି, ସତ୍ୟସରୂପ ଦାଶ, ଅରୁଣ ବେହେରା, ଶ୍ରବଣ ଗପ, ଦେବାଶିଷ ବିଶ୍ୱାଳ, ଅମିତ ବେଉରିଆ, ଅବଦୁଲ ହବିବ, ଏସକେ ରାଜା ଖାନ, କମଲେଶ ଅଗ୍ରୱାଲ, ସୁରଜ ବେହେରା, ସୁଶାନ୍ତ ନାୟକ, ସନ୍ତୋଷ ପ୍ରିୟଦର୍ଶନ, ରିଙ୍କୁ ପାଲ, କୁନୁ ଦାସ ପ୍ରମୁଖଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ଥିଲେ ବୋଲି ବରିଷ୍ଠ ସଦସ୍ୟ ଅରୁଣ ବରାଡ଼ ଜଣାଇଛନ୍ତି।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ଶୁଳିଆପଦା, ୩।୪(ସମିସ): ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୭ଦିନିଆ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦଯାପିତ ହୋଇଯାଇଛି। ଶିବିରରେ ୫୦ ଜଣ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନା ଏଡିପିଓ ତଥା ବାଙ୍ଗିରିପୋଷୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ମନୋଜ ଦାଶ, ସମ୍ମାନିତ ଅତିଥି ଭାବେ ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳ ଯୋଗ ଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଜନ୍ମେଜୟ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅରୁଣ ଦତ୍ତ ପ୍ରାରମ୍ଭିକ ଭାଷଣ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଫିସର ବ୍ରହ୍ମାନନ୍ଦ ମହାନ୍ତି, ବିଦ୍ୟାଳୟର ଅଧ୍ୟାପକ ରାଣା ଦିଗବିଜୟ ରାଉଳ, ଅଧ୍ୟାପକ ବିକଶିତ ଶିବ ସର୍ଦ୍ଦାର, ଗ୍ରନ୍ଥାଗାରିକ ହରେକୃଷ୍ଣ ଜେନା, ଯୋଗ ଶିକ୍ଷକ ସୁମନ୍ତ ଗିରି, ସାମ୍ବାଦିକ ଗୌରାଙ୍ଗ ଚରଣ ଗିରି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେବା ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

## ରାଣୀବନ୍ଧ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଆମରା, ୩।୪(ସମିସ): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ରଣୀବନ୍ଧ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ସ୍ୱତନ୍ତ୍ର ଅତିଥି ସରପଞ୍ଚ ମମତା ଖଟୁଆ, ମୁଖ୍ୟବକ୍ତା ଖୁଣ୍ଟା ବନ ଅଧିକାରୀ ଅର୍ପିତା ଦେବାଙ୍ଗିନି, ସମ୍ମାନିତ ଅତିଥି ସମିତି ସଭ୍ୟା ଅନୁସୂୟା ସେଠୀ, ବ୍ଲକ ଟେକ୍ନିକାଲ ମ୍ୟାନେଜର ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଜଣେ ଜଣେ ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବଙ୍କିମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ କ୍ରୀନା ବରିଷ୍ଠ ବି ବିଭାଗ ଚାମ୍ପିଅନ ବାଳକ ବିଭାଗର ଅମିତ୍ କୁଆଁର, ବାଳିକା ବି ବିଭାଗର ରାଜସ୍ୱିନୀ କିସ୍କୁ, କନିଷ୍ଠ ବାଳକ ବି ବିଭାଗର ପ୍ରଶାନ୍ତ ନାଏକ, ବାଳିକା ବିଭାଗର ପୂର୍ଣ୍ଣିମା ହେମ୍ବ୍ରମ, ସର୍ବ କନିଷ୍ଠ ବାଳକ ବିଭାଗର ସୁରଞ୍ଜୟ ନାଏକ ଓ ବାଳିକା ବିଭାଗର ପ୍ରିୟଙ୍କା ଗିରିଙ୍କ ସମେତ ୧୫୦ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ଶିକ୍ଷା ବର୍ଷର କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ରାଜ୍ୟ ସ୍ତରରେ ୧୨ ଜଣ ଓ ଜିଲ୍ଲା ସ୍ତରରେ ୬୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅଙ୍କିତା ଉପାଧ୍ୟାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁନୀଲ ମହାଳିକ, ସୁମିତ୍ରାରାଣୀ ଦାସ, ପ୍ରତୀମା ଜେନା, ଶିବଚରଣ ଦାସ, ବେଣୁଧର ପଶା, ସନ୍ତୋଷୀ ରାଉତ, ତିଳୋତ୍ତମା ପାତ୍ରୀ, ଅଜୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅବୁଝା ଆଖିର ଅବୁଝା ଲୁହ ନାଟକ ପରିବେଷଣ ହୋଇଥିଲା।

## ପାଣ୍ଡରଶିଳ ଉପାସନା ସ୍ଥଳୀରେ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ

ଖୁଣ୍ଟ, ୩।୪(ସମିସ): ଶୁକୁଳି ବ୍ଲକ ଅନ୍ତର୍ଗତ ପାଣ୍ଡରଶିଳ ଗ୍ରାମର ମନୋରମ ପ୍ରାକୃତିକ ପରିବେଶରେ ବହୁ ଦେବଦେବୀଙ୍କ ମନ୍ଦିର ବିଦ୍ୟମାନ। ବର୍ଷର ବିଭିନ୍ନ ସମୟରେ ଏହି ଗ୍ରାମର ଆଧ୍ୟାତ୍ମିକପ୍ରେମୀ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଗତ ୨୭ରୁ ୨୮ ତାରିଖ ଯାଏଁ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ପରିସମାପ୍ତି ପରେ ୨୯ ତାରିଖରୁ ଆରମ୍ଭ ହେଇଥିବା ଚବିଶ ପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ୧ ତାରିଖରେ ଶେଷ ହୋଇଛି। ଏହି ବାର୍ଷିକ କାର୍ଯ୍ୟକ୍ରମରେ ଚାକଦର (ବାଙ୍ଗିରିପୋଷି), ରାଇକଳା (କେନ୍ଦୁଝର), ପୁଟକିଶୋଳ, ଚହଲାପଦା ଓ କାଣିମହୁଲି (ବାରିପଦା) ପ୍ରମୁଖ ନିମନ୍ତ୍ରିତ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିବାବେଳେ ଯଥାବିଧି ପୂଜାର୍ଚ୍ଚନା ଓ ଯଜ୍ଞାଦି ପରିଚାଳନା ନିମନ୍ତେ କୃଷ୍ଣଚନ୍ଦ୍ର ପତି, ବିଭୂତି ଦାଶ, ଜୟନାରାୟଣ ମିଶ୍ର ଓ ପ୍ରଭାତ ପଣ୍ଡା (ଟିକି ନନା) ପ୍ରମୁଖ ପୁରୋହିତ ନିୟୋଜିତ ହୋଇଥିଲେ। ଗ୍ରାମବସୀଙ୍କ ଦ୍ୱାରା ଆୟୋଜିତ ଏହି ବିଶ୍ୱଶାନ୍ତି ଧାର୍ମିକ କାର୍ଯ୍ୟକ୍ରମରେ 'ହରେକୃଷ୍ଣ ହରେରାମ' ମହାମନ୍ତ୍ର ଶ୍ରବଣ ନିମନ୍ତେ ଦୂରଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ

ବାରିପଦା, ୩।୪(ସମିସ): ବାରିପଦା କଲ୍ୟାଣୀ ମହିଳା ସମିତି ସଭାଗୃହରେ ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି।



ସକାଳେ ମଧୁସୂଦନ ଗୋଲେଇସ୍ଥ ମଧୁସୂଦନ ଦାସ, ପୌର ପରିଷଦସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସ, କଚେରୀସ୍ଥ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପୂର୍ବାହ୍ନ ୧୦ଟାରେ ଉପସଭାପତି ଡ ଶ୍ୟାମସୁନ୍ଦର ଦାସଙ୍କ ସଞ୍ଚାଳନରେ ସଭା ହୋଇଥିଲା। ସଭାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ନାରାୟଣ ପ୍ରସାଦ ବେହେରା ମୁଖ୍ୟତିଥି, ଜଗନ୍ନାଥ ସଂସ୍କୃତି ଧାରାବିବାରଣୀ ପ୍ରବର୍ତ୍ତକ ପଣ୍ଡିତ ଭାଗବତ ପଣ୍ଡା ମୁଖ୍ୟବକ୍ତା, ସମ୍ପାଦକ କୁଞ୍ଜବନ ପୃଷ୍ଟି, ଓଡ଼ିଆ ସ୍ୱାଭିମାନ ଓ କୈବଲ୍ୟ ପ୍ରସାଦ ମହାପାତ୍ର ଅସ୍ମିତା ଉପରେ ବକ୍ତବ୍ୟ ରଖି ଭାଷା ସାହିତ୍ୟକୁ ଦରବାରରେ ବିଖ୍ୟାତ କରିବାକୁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ସବିତା ମିଶ୍ର ଓ ସୁଧାମୟୀ ଦାସ କବିତା ପାଠ କରିଥିଲେ। ଉପସଭାପତି ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ମହୁଲଡିହା:** ଠାକୁରମୁଣ୍ଡାରେ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଧରିତ୍ରୀ ମହାନ୍ତ ଉତ୍କଳ ଦିବସ ସମ୍ପର୍କରେ ଆଲୋକପାତ



କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ବେଶରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ ସମ୍ପର୍କରେ ଏକକ ଅଭିନୟ କରିଥିଲେ। ଏ ଅବସରରେ ଆରଆରଡିଓ ନିର୍ଦ୍ଦେଶକ ମନୋଜ ଜେନା, ଗଣେଶ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୁଷ୍ପାଞ୍ଜଳି ସେଠି ଧନ୍ୟବାଦ ଦେଇଥିଲେ।

**ବେତନଟୀ:** ବେତନଟୀ ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ବନ୍ଧନ ମଣ୍ଡପରେ ଉତ୍କଳ ଦିବସ ପାଳନ କରାଯାଇଛି। ଏଥିରେ ବେତନଟୀର ବହୁ ସାମାଜିକ ଅନୁଷ୍ଠାନର ସଦସ୍ୟସଦସ୍ୟା, ମୁଖ୍ୟ ଯୋଗ ଦେଇଥିଲେ। କବି ସଙ୍ଗମର ସଭାପତି ବାସୁଦେବ ନାପିତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ବେତନଟୀ



ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ଜୀ ଓ ମୁଖ୍ୟବକ୍ତା ଭାବେ ମୟୂର ସାହିତ୍ୟ ସଂସଦ ସଭାପତି ଭାସ୍କର ଦ୍ୱିବେଦୀ, ବିଶେଷ ଅତିଥି ଭାବେ କାଣିମହୁଲୀ ଶ୍ରୀବିଦ୍ୟା ବିହାରର ଅଧ୍ୟକ୍ଷ କୃତ୍ତିବାସ ଦାସ, ସମ୍ମାନିତ ଅତିଥି ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ପଦ୍ମମାଳୀର ସମ୍ପାଦିକା ପ୍ରଭାତୀ ମହାନ୍ତି, ଅଧ୍ୟାପିକା କଳ୍ପଲତା ବେହେରା, ଅବସରପ୍ରାପ୍ତ ପ୍ରଫେସର ଉଷା ଶତପଥୀ ପ୍ରମୁଖ ମଞ୍ଚାସୀନ ଅତିଥି ଉତ୍କଳ ଦିବସ ପାଳନର ବିଶେଷତା ଉପରେ ଆଲୋକପାତ କରିଥିଲେ। ରୋଟାରୀ କ୍ଲବ୍ ସଭାପତି ଗିରିଧାରୀ ସାହୁ ଓ ସମ୍ପାଦକ ରବୀନ୍ଦ୍ର ମିଶ୍ର, ଆଇନଜୀବୀ ଅର୍ଣ୍ଣବ ଘୋଷ, ଗୌତମ ବେହେରା, ମୀନକେତନ ମହାନ୍ତି, ପର୍ଶୁରାମ ସାହୁ, ରାଜନେତା ବିଶ୍ୱନାଥ ହେମ୍ବ୍ରମ, ସିଦ୍ଧାର୍ଥ ଅଗ୍ରୱାଲ, ପ୍ରକାଶ ବେହେରା ଯୋଗ ଦେଇଥିବାବେଳେ କମଳଲୋଚନ କର, ପପୁବାବୁ, ଚନ୍ଦନ ଦାସ ସହଯୋଗ କରିଥିଲେ। ମୟୂର ସାହିତ୍ୟ ସଂସଦର ଉପସଭାପତି ଗୌତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ମହୁଲଡିହା:** ଉତ୍କଳ ଦିବସ ଅବସରରେ ଠାକୁରମୁଣ୍ଡା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ମନ୍ଦିର ସାହି ସ୍କୁଲ ପରିସରରେ ଏବିଇଓ ସନ୍ତୋଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ଶିକ୍ଷକମାନେ ସମାଜର



ଦର୍ପଣ ବୋଲି କହିଥିଲେ। ଶିକ୍ଷକ ସମାଜ ସଂସ୍କାରକ, ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବା ସହିତ ପିଲାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଯେପରି ଆମ ପିଲା ଭାଷା, ସଂସ୍କୃତି, ପରମ୍ପରାକୁ ନେଇ ଗର୍ବ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ଶିକ୍ଷକ କେବଳ ଶିକ୍ଷାଦାନରେ ସନ୍ତୁଷ୍ଟ ନ ହୋଇ ସମାଜକୁ ସୁଧାରିବା ଭଳି ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସମାଜ ଏକାଠି ହୋଇ ଉତ୍କଳ ଦିବସ ଓ ପଖାଳ ଦିବସ ପାଳନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଭାଗ୍ୟରଥୀ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। କରଞ୍ଜିଆ ବ୍ଲକ ଶିକ୍ଷକ ସଂଘ ସଭାପତି ଓ ସମ୍ପାଦକ ଗୋବିନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ଶିକ୍ଷକ ରବୀନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ



ପୌରୋହିତ୍ୟରେ ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇଟି ବିଭାଗର ଶିକ୍ଷକ ମଞ୍ଚ ପରିଚାଳନା କରିବା ସହ ଓଡ଼ିଆ ବିଭାଗ ଶିକ୍ଷୟିତ୍ରୀ ଯେଶି ମାର୍ଶାଲ ସୋରେନ କହିଥିଲେ, ଓଡ଼ିଶାକୁ ସଂଗଠିତ କରି ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିଥିବା ମହାପୁରୁଷଙ୍କ ଜୀବନ ଶୈଳୀକୁ ମନେ ରଖି ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ପାଇଁ ଭଲ କାମ କରିବାକୁ ପ୍ରେରିତ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ସାରସକଣା:** ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ଝାରପୋଖରିଆ ଆନୁକୂଲ୍ୟରେ ଉତ୍କଳ ଦିବସ ସ୍ଥାନୀୟ ଜାଭିୟସ୍ର୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଝାରପୋଖରିଆ ବଜାର ଦେଇ ଅଞ୍ଚଳର ବୁଦ୍ଧିଜୀବୀ, ଯୁବସମାଜ, ସୀମାନ୍ତ କଲେଜ, ସୀମାନ୍ତ ଇଂଜିନିୟରିଂ କଲେଜ୍ ଓ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଏକ ସାଂସ୍କୃତିକ ଶୋଭାଯାତ୍ରା ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ସାହିତ୍ୟ ସମ୍ମିଳନୀର ପତାକା ଉତ୍ତୋଳନ ହୋଇଥିଲା। ପରେ ଅଧ୍ୟାପକ ନିହାର ମହାନ୍ତଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କ୍ରମେ ସମ୍ମିଳନୀର ସଭାପତି ତଥା ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ପୌରୋହିତ୍ୟରେ ଉତ୍ସବ ଆରମ୍ଭ ହୋଇଥିଲା। ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପଦ୍ମନାଭ ସାହୁ



କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ, ଡଃ ବିନି ଷଡ଼ଙ୍ଗୀ, ଓଡ଼ିଶା ଭାଷା ସାହିତ୍ୟର ସାହିତ୍ୟିକା, ଡଃ ପ୍ରକାଶ ଚନ୍ଦ୍ର ମହିପାତ୍ର, ପୂର୍ବତନ ଅଧ୍ୟକ୍ଷ ଶ୍ରୀମା ମହିଳା ମହାବିଦ୍ୟାଳୟ, ସୁମନ ରାଜା ମହାନ୍ତି, ଯୁବ ସାହିତ୍ୟିକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରହ୍ଲାଦ ଅଗସ୍ତି, ଅଧ୍ୟକ୍ଷ ସୀମାନ୍ତ କଲେଜ, ଅର୍ଦ୍ଧେନ୍ଦୁ କୁମାର ପ୍ରହରାଜ, ବିଚ୍ଛିନ୍ନାଞ୍ଚଳ ଭାଷା ସୁରକ୍ଷାର ବର୍ଷିୟାନ ସଂଗ୍ରାମୀ ମୁଖ୍ୟଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି, ବିଶେଷ ସମ୍ମାନିତ ଅତିଥି, ବିଶେଷ ସମ୍ମାନିତ ବକ୍ତା ଓ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ବିଚ୍ଛିନ୍ନାଞ୍ଚଳର ପ୍ରବୀଣ ଭାଷାବିତ ଓ ସାହିତ୍ୟିକ ଗୋବିନ୍ଦ ସାହୁ, କାବେରୀ ମିଶ୍ର, ଶକ୍ତିପଦ ଦାଶ, ଅଶୋକ ପୃଷ୍ଟି, ହରିଶ ଚନ୍ଦ୍ର ହୋତା, ସମାଜସେବୀ ଅମୀୟ ଦ୍ୱାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧକ୍ଷ ଶିଉଲାଲ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ଶୋଚନୀୟ

ବାଲେଶ୍ୱର, ୩।୪(ସମିସ)




ବାଲେଶ୍ୱର ସିଜିଏସଟି ଏବଂ ସେଣ୍ଟ୍ରାଲ ଏକ୍ସସାଇଜ ଡିଭିଜନ ପକ୍ଷରୁ ପ୍ରଦାନ କରାଯାଇଥିବା ସାଧାରଣ ଶୌଚାଳୟ ଏବେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡି ରହିଛି। ୫ ବର୍ଷ ପୂର୍ବରୁ ଷ୍ଟେସନ ଛକ ନିକଟସ୍ଥ ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ଏକ ସାଧାରଣ ଶୌଚାଳୟ। ଏହି ଶୌଚାଳୟକୁ ବାଲେଶ୍ୱର ସିଜିଏସଟି ଏବଂ ସେଂଟ୍ରାଲ ଏକ୍ସସାଇଜ ଡିଭିଜନ ପକ୍ଷରୁ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦୁଇ ବର୍ଷ ତଳେ ଝଡ ତୋଫାନରେ ଶୌଚାଳୟର ଟିଣ ଛାତ ଉଡିଯାଇଥିଲା। ସେବେ ଠାରୁ ଏହି ଶୌଚାଳୟ ଉପରେ ଆଉ ଛାତ ପଡିନାହିଁ। କେବଳ କାନ୍ଥରେ ଛାତ ପାଇଁ ଲୁହା ଫ୍ରେମ ହିଁ ରହିଯାଇଛି। ଏହାବ୍ୟତିତ ପରିଷ୍କାର ପରିଚ୍ଛନ୍ନତା ଅଭାବରୁ ଏହି ଅଂଚଳ ଅତ୍ୟନ୍ତ ଦୁର୍ଗନ୍ଧମୟ ହେଉଛି। ଫଳରେ ସାଧାରଣ ଲୋକେ ଏହି ଶୌଚାଳୟକୁ ବ୍ୟବହାର କରିବା ତ ଦୂରର କଥା ଏପାଖ ଦେଇ ଯିବା ମଧ୍ୟ କଷ୍ଟକର ହୋଇପଡିଛି। ଏହି ଶୌଚାଳୟର ଗୋଟିଏ ପଟେ ବସ ଷ୍ଟାଣ୍ଡ ଥିବା ବେଳେ ଅନ୍ୟପଟେ କାରଷ୍ଟାଣ୍ଡ ସହ ଅନ୍ୟାନ୍ୟ ଦୋକାନମାନ ରହିଛି। ଦୈନିକ ଏଠାକୁ ଶହ ଶହ ଲୋକ ଆସୁଥିବା ବେଳେ ଏହି ଶୌଚାଳୟ ଉପରେ ନିର୍ଭର କରନ୍ତି। ହେଲେ ଏବେ ରକ୍ଷଣାବେକ୍ଷଣା ଅଭାବରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏନେଇ ସ୍ଥାନୀୟ ଲୋକ ସୁରେନ୍ଦ୍ର ନାଥ ମହାନ୍ତିଙ୍କ କହିବା ଅନୁସାରେ, ସେ କାର ଷ୍ଟାଣ୍ଡ ଆସୋସିଏସନର ଜଣେ ମେମ୍ବର ଅଟନ୍ତି। ଦୀର୍ଘ ୫ବର୍ଷ ପୂର୍ବରୁ ଏଠାରେ ଏକ ସାଧାରଣ ଶୌଚାଳୟ ନିର୍ମାଣ ହୋଇଥିଲା ଯାହାକି ସମସ୍ତଙ୍କ ପାଇଁ ଏକ ଖୁସିର ଖବର ଥିଲା। କିଛି ଦିନ ଏହି ଶୌଚାଳୟ ଭଲରେ ଚାଲୁଥିବା ବେଳେ ପାଖାପାଖି ୨ରୁ ୩ବର୍ଷ ପୂର୍ବେ ଝଡତୋଫାନରେ ଏହି ଶୌଚାଳୟର ଛାତକୁ ଉଡେଇ ନେଇଥିଲା। ସେବେଠାରୁ ଏହାର କୌଣସି ଯତ୍ନ ନିଆଯାଉ ନାହିଁ। ଫଳରେ ଏହି ଶୌଚାଳୟ ଅଦରକାରୀ ହୋଇପଡିଛି। ଏ ବାବଦରେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଯେ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଏହି ଶୌଚାଳୟକୁ ବହୁ ବର୍ଷ ପୂର୍ବରୁ ପୌରପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିଲା। ନିର୍ମାଣ ପରେ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର ମଧ୍ୟ କରାଯାଇଥିଲା। ଅଭିଯୋଗ ଆସିଲେ ଏହାର ମରାମତି ମରାଯିବ।

## ସମବାୟ ସମିତି ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚନ୍ଦନେଶ୍ୱର,୩।୪ (ସମିସ) : ଦେଶର ନଂ ୧ ସେବା ସମବାୟ ସମିତି ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ଭୋଗରାଇର ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସମ୍ପାଦକ ଗଣପତି ସେନାପତିଙ୍କୁ ଆଡ଼ମ୍ବର ଭାବେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅୟୋଜିତ ସଭାକୁ ସମିତିର ସଭାପତି ଦେବାଶିଷ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ ପାତ୍ର ଯୋଗଦେଇ ଶ୍ରୀ ସେନାପତିଙ୍କ କଠୋର ନିଷ୍ଠା ଏବଂ ପ୍ରଚଣ୍ଡ ତ୍ୟାଗ ପାଇଁ ଦୀର୍ଘ ବର୍ଷ ହେଲା ଏହା ଶୀର୍ଷସ୍ଥାନ ବଜାର ରଖିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆରସିଏସ ସରୋଜିନୀ ନାୟକ, ଏଆରସିଏସ ଏକାଦୋଶୀ ଦାସ, ବ୍ରଜ କିଶୋର କର, ଭୋଗରାଇ ଶାଖା ପରିଚାଳକ ଅନନ୍ତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜିବ ସାହୁ, ପୂର୍ବତନ ସରପଞ୍ଚ ଆଶିଷ ଦାସ, ବଳାଇ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ନାଥ ମହାନ୍ତି, ଅର୍ଜୁନ ପ୍ରହରାଇ, ନିର୍ଦ୍ଦେଶକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସମିତିର ଭାରପ୍ରାପ୍ତ ସମ୍ପାଦକ ସଦାଶିବ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁନିଲ କର ଧନ୍ୟବାଦ ଦେଇଥିଲେ।



## ବାବୁରାମ ମହାନ୍ତି ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୩।୪ (ସମିସ) : ଭୋଗରାଇ ବ୍ଲକର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତ ଅଧୀନ ବାବୁରାମ ମହାନ୍ତି ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାକୁ ପ୍ରଧାନ ଶିକ୍ଷକ ମଙ୍ଗଲ ସିଂ ସଂଚାଳନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ତଥା ରଜନୀକାନ୍ତ ଏକାଡେମୀ ପରିଚାଳନା କମିଟିର ସଭାପତି ପ୍ରଦୀପ ବେହେରା, ସମିତି ସଭ୍ୟ ବିଜୟ ଗିରି, ଶ୍ରଦ୍ଧାପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦେବ କୁମାର ପାତ୍ର, ବାବୁରାମ ନୋଡାଲ ଉ:ପ୍ରା ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବଂଶୀଧର ମଣ୍ଡଳ, ରଜନୀକାନ୍ତ ଏକାଡେମୀର ପ୍ରଧାନ ଶିକ୍ଷିକା ସଂଗୀତା ଜେନା ଓ ୱାର୍ଡ ସଭ୍ୟା ଲିପିକା କର ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଛାତ୍ର, ଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଶିକ୍ଷକ ଅଶୋକ କୁମାର ସେନାପତି ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ସହକାରୀ ଶିକ୍ଷକ ହରେକୃଷ୍ଣ ପ୍ରଧାନ ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବାୟୁସେନାର ମହିଳା ସଂଗଠନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର, ୩।୪(ସମିସ): ବାୟୁସେନା ସଂଗଠନର ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ଉତ୍କଳ ଦିବସ ପାଳନ ଅବସରରେ ବାୟୁସେନାର ମହିଳା ସଂଗଠନ 'ସଙ୍ଗିନୀ' ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭେଟରାନ ସଭାପତି ଶିବଦାସ କୁଣ୍ଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ବଂଶୀଧର ସାହୁ, ଅଶ୍ୱନୀ ବର୍ଦ୍ଧନ, ଅଶୋକ ଦାଶ ଓ ସଂପାଦକ ମହେଶ୍ୱର ବେହେରା ମଞ୍ଚାସୀନ ଥିଲେ। ଏଥିରେ ମିନତି ସାହୁ, ଅନିମା ନାୟକ, ବେବି ପତି, ଅନୁପମା ଜେନା, ଅନ୍ନପୂର୍ଣ୍ଣା ସ୍ୱାଇଁ, ମାଳତୀ ମିସ୍ତ୍ରୀ, ବୈଜୟନ୍ତୀ ଦେ, ଅନୁପମା ଜେନା, ପୁଷ୍ପା ମହନ୍ତ, ଅପର୍ଣ୍ଣା ବେହେରା, ଜୋସ୍ନା ମହାପାତ୍ର ଓ ସଦସ୍ୟ ମାନଙ୍କ ମଧ୍ୟରୁ ବିଷ୍ଣୁ ଚରଣ ମହାପାତ୍ର, ରାଜେଶ ସାହୁ, ଅଶୋକ ଦାଶ, ଦେବେନ୍ଦ୍ର ସ୍ୱାଇଁ, ଶ୍ୟାମସୁନ୍ଦର ମିସ୍ତ୍ରି, ନବ କିଶୋର ମହାରଣା, ଉମାକାନ୍ତ ମହାପାତ୍ର, ପଦ୍ମଲୋଚନ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଦସ୍ୟା ମୁକ୍ତି ଦାସ ମଞ୍ଚ ପରିଚାଳନା କରିଥିଲେ।



## ୬ଟି ପଞ୍ଚାୟତର ଚାଷୀଙ୍କ ମେଳି

ଜଳେଶ୍ୱର ବ୍ଲକ, ୩।୪ (ସମିସ): ଗ୍ରାମାଞ୍ଚଳ ଚାଷୀମାନଙ୍କ ଜୀବନ ଜୀବିକା ଓ ପରିଶ୍ରମକୁ ସୁରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ମାଙ୍କଡ ଓ ବୁଲା ଷଣ୍ଢଙ୍କ କବଳରୁ ଚାଷ ଜମି ସହିତ ସହିତ ଫସଲକୁ ରକ୍ଷା କରିବା ପାଇଁ ପଶ୍ଚିମବାଡର଼୍‌ସ୍ଥିତ ଶ୍ରୀମନ୍ତ ପ୍ରଧାନଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଚାଷୀମାନଙ୍କ ସମସ୍ୟାକୁ ଗଭୀର ଭାବେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ପରେ ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଚାଷୀ ସୁରକ୍ଷା କମିଟିର ସଭାପତି ତଥା ପାଇକସିଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ରମାନାଥ ଗିରି, ଯୁବ ନେତା ରାଜୀବ ଗିରି, ସମ୍ପାଦକ ତଥା ବର୍ଡନାର ପୂର୍ବତନ ସରପଞ୍ଚ ଅନନ୍ତ ରାଉଳ, ବାଇଗଣ ବାଡ଼ିଆ ସରପଞ୍ଚ ବିଷ୍ଣୁପଦ ପାତ୍ର, ବର୍ଜନା ପୂର୍ବତନ ସରପଞ୍ଚ ପଦ୍ମଲୋଚନ ଦେହେରା, ଶ୍ରୀମନ୍ତ ପ୍ରଧାନ, ଭୂପତି ଚରଣ ମିଙ୍ଘା, ସୁଧିର ପାତ୍ର, ଗୌତମ ପାତ୍ର, ପଶ୍ଚିମବାଡର଼୍ ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ରାୟ, ଜଗବନ୍ଧୁ ଜେ ଜେନା ପ୍ରମୁଖଙ୍କ ସହ ୬ଟି ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ ହଣ କରିଥିଲେ।

## ବାଲେଶ୍ୱରରେ ପାଳିତ ହେଲା ଶୁଭ ଶୁକ୍ରବାର



ବାଲେଶ୍ୱର, ୩।୪ (ସମିସ): ପ୍ରଭୁ ଯୀଶୁଙ୍କ ବଳିଦାନର ଦିବସ ଭାବେ ସମଗ୍ର ବିଶ୍ୱରେ ଆଜି ଗୁଡ୍ ଫ୍ରାଇଡେ ବା ଶୁଭ ଶୁକ୍ରବାର ବାଲେଶ୍ୱରରେ ମଧ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରାଯାଇଛି। ସକାଳୁ ନୂଆବସ୍ତ୍ର ପରିଧାନ ପୂର୍ବକ ଖ୍ରୀଷ୍ଟଧର୍ମୀମାନେ ଚର୍ଚ୍ଚରେ ପହଞ୍ଚି ପ୍ରଭୁଯୀଶୁଙ୍କୁ ପ୍ରାର୍ଥନା କରିଥିଲେ। ସହରର ରୋମାନ କ୍ୟାଥୋଲିକ ଡାଇଓସିସର ମୁଖ୍ୟ ବିଶପ ଥୋଟମକରାଙ୍କ ତତ୍ତ୍ୱାବଧାନରେ ଅପରାହ୍ନରେ ସହରର ଶ୍ରୀକଣ୍ଠପୁର କ୍ୟାଥୋଲିକ୍ ପଡ଼ାର ଷ୍ଟାର କ୍ଲବ ନିକଟରୁ ପ୍ରଭୁଙ୍କର କ୍ରୁଶଯାତ୍ରା ବା ଯାତନାର ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯନ୍ତ୍ରଣାର ଯାତ୍ରା ସହର ପରିକ୍ରମା ସହ ସ୍ଥାନୀୟ ଚର୍ଚ୍ଚରେ ପହଞ୍ଚିଥିଲା। ସେଠାରେ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର କ୍ୟାଥୋଲିକ ଧର୍ମମଣ୍ଡଳର ମୁଖ୍ୟ ଯାଜକ ଫାଦର୍ ପଲ୍ କୁନମ ପରମପଥ ଏଥିରେ ଯୋଗ ଦେଇଥିଲେ।

## ସହିଦ୍ ସ୍ମାରକ ଜନକଲ୍ୟାଣ ପରିଷଦ ପକ୍ଷରୁ ଉତ୍କଳ ଦିବସ

ଖଇରା, ୩।୪ (ସମିସ): ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡିଗଡିଆରେ ସହିଦ୍ ସ୍ମାରକ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ୯୧- ତମ ଉତ୍କଳଦିବସ ପାଳିତ ହୋଇ ଯାଇଛି। ପରିଷଦର ସଭାପତି ବିଷ୍ଣୁମୋହନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ତୁଡିଗଡିଆ ଗାୟତ୍ରୀ ପ୍ରଜ୍ଞାପୀଠର ତତ୍ତ୍ୱବଧାରକ ପଣ୍ଡିତ କୈଳାସ ଚନ୍ଦ୍ର ପୃଷ୍ଟି, ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ ମହାବଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ଯୋଗଦାନ କରିଥିଲେ। ବାହାନଗା ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଯଦୁନାଥ ଶିଅଳ, ଗଗନଧୂଳୀ ସରପଞ୍ଚ ମଦନ ମୋହନ ସାନ୍ତରା, ପରିଷଦ ସହ ସଂପାଦିକା ତୁଳସୀ ପରିଡ଼ା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତି ସଂପାଦକ ଦୀନବନ୍ଧୁ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ସଦସ୍ୟ ବିରଜନ ଜେନା, ଚିତ୍ତରଞ୍ଜନ ଜେନା, ଭରତଚନ୍ଦ୍ର ଶିଅଳ,ସୁରେନ୍ଦ୍ର ବେଜ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା ଭିତ୍ତିକ ପ୍ରତିଭା ଚୟନ କାର୍ଯ୍ୟକ୍ରମ



ବାଲେଶ୍ୱର, ୩।୪(ସମିସ): ସ୍ଥାନୀୟ ଉଦ୍ୟୋଗ ଭବନରେ ସୁମହନ ମ୍ୟୁଜିକ ପକ୍ଷରୁ ଓଡ଼ିଆ ଭାଷା ଭିତ୍ତିକ ପ୍ରତିଭା ଚୟନ କାର୍ଯ୍ୟକ୍ରମ 'ଆମେ ଓଡ଼ିଆ' ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବୟସର ପ୍ରତିଯୋଗୀମାନେ ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ କୌତୁକିଆ ବେଶଭୁଷା ଇତ୍ୟାଦି ବିଭାଗରେ ନିଜ ପ୍ରତିଭା ନିର୍ଣ୍ଣାୟକ ମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ସୁବ୍ରତ କର ଓ ଦେବେନ୍ଦ୍ର ନାଥ ରାଏ ସୁମହନ ମ୍ୟୁଜିକର ସଭାପତି ସୁଜିତ ଭୋଇଙ୍କ ଏହି ସ୍ପୃହଣୀୟ ନୂତନ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଂସ୍କୃତି ଭାବାପନ୍ନ ଓଡ଼ିଆ ଯୁବ ଉଦ୍ୟୋଗପତି ସଂଗ୍ରାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ସମ୍ପାଦକ ନରତ୍ତୋମ ଜେନା। କାର୍ଯ୍ୟକ୍ରମ ସଂଗଠିତ କରିଥିଲେ ଉପ ସଭାପତି ସମରେନ୍ଦ୍ର ମହାପାତ୍ର ଓ ପରିଚାଳନାରେ ସହଯୋଗ କରିଥିଲେ ସଭ୍ୟ ପ୍ରକାଶ, ମନୋରଞ୍ଜନ ଓ ନୀତେଶ।

## ଉତ୍ସର୍ଗ ବୃଦ୍ଧାଶ୍ରମରେ ଓଡ଼ିଆ କବିତା ଆସର



ବାଲେଶ୍ୱର, ୩।୪ (ସମିସ): 'ଆମ ପରମ୍ପରା ଟ୍ରଷ୍ଟ' ଓ ଉତ୍ସର୍ଗ ବୃଦ୍ଧାଶ୍ରମର ମିଳିତ ଆନୁକୂଲ୍ୟରେ ଉତ୍ସର୍ଗ ବୃଦ୍ଧାଶ୍ରମରେ ଓଡ଼ିଶା ଦିବସ ପାଳନ ଅବସରରେ ଓଡ଼ିଆ କବିତା ଆସର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମୁରଲୀ ଧର ନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି, ଶିକ୍ଷକ ଅମରେନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ବେହେରା, କଳ୍ପନା ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ଅଭୟ କୁମାର ପାଣି, ସୁରଭି ପାଣି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସିଂହ, ସ୍ୱର୍ଣ୍ଣଲତା ପଣ୍ଡା, ସୁଲୋଚନା ପାଣ୍ଡିଆ, ସୁନିଲ ଗିରି ଓ ଅନ୍ତେବାସୀ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ସ୍ୱରଚିତ ଓଡ଼ିଆ କବିତା ପଠନ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ନୀଳଗିରି, ୩।୪ (ସମିସ): ବାବା ପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଗୌରହରି ଜେନାଙ୍କ ଅଧ୍ୟକ୍ଷତାରେ ଅକ୍ଷୟ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଜୀବନୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟାପିକା ହରିପ୍ରୀୟା ସେଠୀ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ଅଧ୍ୟାପକ ଗଦାଧର ବେହେରାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଗୁଣଗାନ କରିଥିଲେ। ଦ୍ୱିତୀୟଅଧିବେଶନରେ ଯୁକ୍ତତିନି ଶେଷବର୍ଷର ଛାତ୍ରଛାତ୍ରୀଙ୍କ ଉପଲକ୍ଷେ ବିଦାୟୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗଜେନ୍ଦ୍ର ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର



ଲଙ୍ଗଳେଶ୍ୱର, ୩।୪ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଯାମ୍ବିରାଇ ପଞ୍ଚାୟତ ଆରୁଆଦାମ ଗଜେନ୍ଦ୍ର ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଅବସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ବିଶ୍ୱାଳ ଓ ସୁଧାସିନ୍ଧୁ ପରିଡ଼ାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉପଲକ୍ଷେ ଆଜି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସୁବଳ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏଇ ଶିବିରରେ ମୋଟ ୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବ୍ରହ୍ମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବାଜୀ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ମୂରଲୀଧର ଦାସ, ଗୋପୀ କୃଷ୍ଣ ବିଶ୍ୱାଳ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ବ୍ଲଡ ବ୍ୟାଙ୍କରୁ କର୍ମଚାରୀ ମନୋଜ ଗନ୍ତାୟତ, ଜଗନ୍ନାଥ ପଣ୍ଡା, ବିନୋଦ ବିହାରୀ ଦାସ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଛାତ୍ର ସଂସଦ ସଭାପତି ମହେନ୍ଦ୍ର ବିଶ୍ୱାଳ, କମଳାକାନ୍ତ ବିଶ୍ୱାଳ, ଗୋପୀ କୃଷ୍ଣ ବିଶ୍ୱାଳ, ଲକ୍ଷ୍ମୀଧର ବିଶ୍ୱାଳ, ମୃତ୍ୟୁଞ୍ଜୟ ରାଉତ, ଶମ୍ଭୁନାଥ ବିଶ୍ୱାଳ, କମଳ ଲୋଚନ ପାତ୍ର, ପଦ୍ମଲୋଚନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହଜରତ କରାମତ ଅଲ୍ଲୀ ସାହା ପୀର ସାହେବଙ୍କ ବାର୍ଷିକ ଉତ୍ସବ

ଜଳେଶ୍ୱର, ୩।୪ (ସମିସ): ଜଳେଶ୍ୱର ପୌର ପରିଷଦ ଅନ୍ତର୍ଗତ ଫଂଚୁଘଣ୍ଟାସ୍ଥିତ ହଜରତ କରାମତ ଅଲ୍ଲୀ ସାହା ପୀର ସାହେବଙ୍କ ୩୭ତମ ବାର୍ଷିକ ଉତ୍ସବ ୨ଦିନ ବ୍ୟାପି ପାଳିତ ହୋଇଯାଇଛି। ହିନ୍ଦୁ ଓ ମୁସଲିମ ଉଭୟ ଧର୍ମର ଲୋକଙ୍କ ଏହା ଉପାସ୍ୟ ସ୍ଥଳୀ ଭାବେ ଏ ଅଂଚଳରେ ବିଖ୍ୟାତ। ଏହି ଉପଲକ୍ଷେ ଦିନ ୧୦ଟାରେ ଗୋସଲ ଖାନି ଓ ଚାଦର ପୋଷି, ଦିନ ୧ଟାରୁ ୫ଘଟିକା ପର୍ଯ୍ୟନ୍ତ କୋରାନ ଖାନି, ସନ୍ଧ୍ୟା ୬ଟାରେ ବାବାଙ୍କର ଲଙ୍ଗର ଓ ଚାଦର ଶୋଭାଯାତ୍ରା ରାତ୍ରୀ ୯ଟାରୁ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ରାଜ୍ୟରୁ ଆସିଥିବା ବିଖ୍ୟାତ ଧର୍ମଗୁରୁଙ୍କ ଓ କୱାଲି ଗାୟକଙ୍କ ଦ୍ୱାରା ୨ଦିନ ଧରି ପ୍ରବଚନ ଓ ଝଲସା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ମହିଦ ସାହା, ସମ୍ପାଦକ ମୀର ଆସିରୁଦ୍ଦିନ, ସଦସ୍ୟ ମୀର ଲାଲଚାନ୍ଦ, ଫରୀଦ ଅହମ୍ମଦ, ଗୁଫରାନ ଖାନ, ଇରସାଦ ଖାନ, ମହମ୍ମଦ ସୁଲତାନ, ସେକ ସବ୍ବୁ, ମୀର ଜବାଲ, ସେକ ନାସିରୁଦ୍ଦିନ, ସେକ ଜୁମନ ପ୍ରମୁଖ ପରିଚାଳନା କରିଥିଲେ।



## ବୁଲା ଗୋରୁଙ୍କ ବେକରେ ସେଫ୍‌ଟି ବେଲ୍ଟ ବାନ୍ଧିଲେ

ଜଳେଶ୍ୱର, ୩।୪ (ସମିସ): ବୁଲା ଗୋରୁଗାଈଙ୍କ ଯୋଗୁଁ ଘଟୁଥିବା ରାସ୍ତା ଦୁର୍ଘଟଣାକୁ ରୋକିବା ପାଇଁ ବୁଲା ଗୋରୁଗାଈଙ୍କ ବେକରେ କଲର ସେଫଟି୍ ବେଲ୍ଟ ବାନ୍ଧିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନରସିମା କ୍ଲବର ବରିଷ୍ଠ ଉପଦେଷ୍ଟା ତଥା ମୁଖ୍ୟ ରାଜେଶ ଖଟୁଆଙ୍କ ନେତୃତ୍ୱରେ ସଦସ୍ୟମାନେ ଗତ ବର୍ଷ ଗୋରୁଗାଈଙ୍କ ବେକରେ ସେଫଟି ବେଲ୍ଟ ଲଗାଇବା କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଚଳିତ ବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇ ଗତ ରାତ୍ରୀରେ ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କ ବେକରେ ଏହି ବେଲ୍ଟ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ମୁଖ୍ୟ ରାଜେଶ ଖଟୁଆ, ନରସିମା କ୍ଲବର ସଭାପତି ରନିତ ଦାସ, ସମ୍ପାଦକ କ୍ଷିତୀଶ ବ୍ରହ୍ମ, ଉପ ସଭାପତି ଆଲୋକ ଡଗର, କାର୍ଯ୍ୟକାରୀ ସଭାପତି ସ୍ୱାଭିମାନ ସେନାପତି, ସତ୍ୟ ନାରାୟଣ ଦାସ, ସୌମ୍ୟରଂଜନ କର, ଆକାଶ ପାତ୍ର, ଦିବ୍ୟ ପ୍ରକାଶ ଦାସ, ସୁଜିତ ବେହେରା, ଆଦିତ୍ୟ କର୍ମକାର, ସ୍ୱର୍ଗତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



# କାମରେ ଆସୁନି ବାଲିଆପାଳ ସରକାରୀ ବସ୍‌ଷ୍ଟାଣ୍ଡ

କାଳିପଦା, ୩।୪ (ସମିସ)




ବହୁ ବାଦ୍ ବିବାଦ ପରେ ବାଲିଆପାଳ ସରକାରୀ ବସ୍ ଷ୍ଟାଣ୍ଡ ବାଲିଆପାଳ ଗ୍ରାମ ପଞ୍ଚାୟତ ସାମ୍ନା ପଡିଆରେ ନିର୍ମିତ ହେଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଏହି ବସ୍ ଷ୍ଟାଣ୍ଡକୁ ଲୋକାର୍ପଣ କରିଥଲେ। ବର୍ତ୍ତମାନ ଏହି ବସ୍ ଷ୍ଟାଣ୍ଡରେ କେବଳ ସରକାରଙ୍କ ଲକ୍ଷ୍ମୀ ବସ୍ ଛଡ଼ା ଅନ୍ୟ କୌଣସି ଘରୋଇ ବସ୍‌କୁ ଦେଖିବାକୁ ମିଳୁ ନାହିଁ। ଯାତ୍ରୀ ମାନଙ୍କୁ ବସ୍ ଯାତାୟାତ୍ ନେଇ ସେ ସମ୍ପର୍କରେ କୌଣସି ସୂଚନା ମଧ୍ୟ ନାହିଁ। ଯାତ୍ରୀ ମାନେ ବସ୍ ଚଳାଚଳ ନେଇ କିଛି ଜାଣି ପାରୁ ନାହାଁନ୍ତି। ଫଳରେ ବହୁ କୋଟି ଟଙ୍କା ରେ ନିର୍ମିତ ଏହି ବସ୍ ଷ୍ଟାଣ୍ଡଟି ଏବେ ଅଦରକାରୀ ହୋଇ ପଡ଼ିଛି କହିଲେ ଚଳେ। ଅନ୍ୟପକ୍ଷରେ ବାଲିଆପାଳ ତହସିଲ୍ ନିକଟ ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରାୟ ପୂରା ମାତ୍ରାରେ କାମ କରୁଥିବା ଦେଖିବାକୁ ମିଳିଛି। ପ୍ରାୟ ସବୁ ଘରୋଇ ବସ୍ ଏହି ଷ୍ଟାଣ୍ଡକୁ ଆସି ଅନ୍ୟ ଆଡ଼େ ଯାଉଛି। କେତେକ ବସ୍ ରାତିରେ ଏହି ପୁରୁଣା ବସ୍ ଷ୍ଟାଣ୍ଡରେ ରହୁଥିବା ଦେଖିବାକୁ ମିଳିଛି। ଯାତ୍ରୀ ମାନେ ମଧ ଯିବା ଆସିବା କରିବା ପାଇଁ ପୁରୁଣା ବସ୍ ଷ୍ଟାଣ୍ଡରେ ହିଁ ଅପେକ୍ଷା କରୁଛନ୍ତି। ଘରୋଇ ବସ୍ ଗୁଡିକ ମଧ୍ୟ ନୂଆ ସରକାରୀ ବସ୍ ଷ୍ଟାଣ୍ଡକୁ ନ ଯାଇ ସିଧା ରୋଡ଼ରେ ଚାଲି ଯାଉ ଛନ୍ତି। ଘରୋଇ ବସ୍ ଗୁଡିକ ସରକାରୀ ନୂଆ ବସ୍ ଷ୍ଟାଣ୍ଡକୁ ଯିବା ପାଇଁ ସରକାରୀ ନିୟମ ରହିଥିଲେ ବି ଘରୋଇ ବସ୍ ମାଲିକ ମାନେ ତାହାକୁ ମାନୁ ନାହାଁନ୍ତି। ଫଳରେ ସରକାରଙ୍କ ଏହି ଯୋଜନା ଏଠାରେ ପ୍ରହସନରେ ପରିଣତ ହୋଇଛି କହିଲେ ଚଳେ। ସରକାର ଲକ୍ଷ୍ମୀ ବସ୍ ବାବଦରେ ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ଏକ ତୃତୀୟାଂଶ ଟଙ୍କା ମଧ୍ୟ ଉଠୁ ନାହିଁ। ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ। ପରିବାର ଲୋକଙ୍କ ସହିତ ହସ ଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବୃଷ:** ଭାବି ଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପୁରୁଣା ନିବେଶରୁ ଲାଭ ମିଳିପାରେ। ସଙ୍ଗୀତପ୍ରେମୀଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମନ ପ୍ରସନ୍ନ ରହିବ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ସଫଳତା ପାଇବା ପାଇଁ ପରିଶ୍ରମ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଅଯଥା ଖର୍ଚ୍ଚ ବୃଦ୍ଧି ପାଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ହୋଇପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ସିଂହ:** ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଚାକିରିରେ ସଫଳତା ମିଳିବ।

**କନ୍ୟା:** ମନୋସ୍କାମନା ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅଫିସ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ପାଇପାରନ୍ତି। ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ରାଜନୀତିରେ ସଫଳତା ମିଳିବ।

**ବିଛା:** ଆୟ ଅନୁସାରେ ବ୍ୟୟ ଅଧିକ ହୋଇପାରେ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଅନୁକୂଳ ସମୟ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ମଜାମସ୍ତିରେ ଦିନ ବିତିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଧୈର୍ଯ୍ୟ ରଖି କାମ କରିବା ଭଲ।

**କୁମ୍ଭ:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଥକ୍କା ଅନୁଭବ କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନକାରାତ୍ମକ ଚିନ୍ତା ଦୂର ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଚକ୍ଷୁ ସମସ୍ୟା ହୋଇପାରେ।

## ଆଜିର ଇତିହାସ

- ୧୯୦୯- ହିମାଚଳ ପ୍ରଦେଶର କାଙ୍ଗଡ଼ା ଘାଟିରେ ଆସିଥିବା ଭୂମିକମ୍ପ ଯୋଗୁଁ ୨୦,୦୦୦ ଲୋକ ମୃତ।
- ୧୯୪୯- ଉତ୍ତର ଆଟ୍‌ଲାଣ୍ଟିକ୍ ସୈନ୍ୟ ସଂଗଠନ(ନାଟୋ)ର ସ୍ଥାପନା।
- ୧୯୬୮- ନାସା ଆପୋଲୋ ୬ ପ୍ରକ୍ଷେପଣ କଲା।
- ୧୯୭୯- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର୍ ଅଲ୍ଲୀ ଭୁଟ୍ଟୋଙ୍କୁ ଫାଶୀ ଦିଆଗଲା।

## ଆଜି ବାହୁଡ଼ିଥିଲେ

# ସ୍ୱଭାବକବି ଗଙ୍ଗାଧର ମେହେର



ଆଧୁନିକ ଯୁଗର ଅନ୍ୟତମ ପ୍ରଭାବଶାଳୀ ସାହିତ୍ୟରଥୀ ଭାବରେ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର ଅମର ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। ତାଙ୍କର ଭାଷା ଶୈଳୀ, ପ୍ରକୃତି ଚିତ୍ରଣ ଓ ଜନଜୀବନର ଚିତ୍ର ତାଙ୍କୁ "ସ୍ୱଭାବକବି"ର ସ୍ୱତନ୍ତ୍ର ପରିଚୟ ଦେଇଛି। 'ତପସ୍ୱିନୀ', 'କୀଚକ ବଧ', 'ପ୍ରଣୟବଲ୍ଲରୀ' ତାଙ୍କର ଉଲ୍ଲେଖନୀୟ କୃତି। ଗଙ୍ଗାଧର ମେହେର ୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲିରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। ହେଲେ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କ ରଚନାର ଏକ ମୁଖ୍ୟ ଆକର୍ଷଣ ହେଲା ପାରମ୍ପରିକ ରଚନା କଳାକୁ ଆଣି ଆଧୁନିକ ଓଡ଼ିଆ ଶୈଳୀରେ ସଜେଇବା। ଯଦିଓ ନିଜର ରଚନାର ଆରମ୍ଭରେ ସେ ପାରମ୍ପରିକ ରଚନା ଶୈଳୀକୁ ଅନୁକରଣ କରୁଥିଲେ ହେଲେ ସମୟକ୍ରମେ ତାଙ୍କ ଲେଖାକୁ ଆଧୁନିକ ଢାଞ୍ଚାରେ ପକାଇ ସେ ନିଜସ୍ୱ ଶୈଳୀରେ ଲେଖିଲେ। ଯାହା ତାଙ୍କର ପରିଚୟ ହୋଇ ଯାଇଥିଲା। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟା ସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ସେହିପରି ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକ ବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ। 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ତାଙ୍କ ରଚିତ 'ତପସ୍ୱିନୀ' କାବ୍ୟର "ମଙ୍ଗଳେ ଅଇଲା ଉଷା, ବିକଟ ରାଜୀବ ଦୃଶା" ଘରେ ଘରେ ପରିଚିତ। ୧୯୨୪ ମସିହା ଆଜିର ଦିନରେ ଏହି ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା।

# ଶହୀଦ ରଘୁ-ଦିବାକର



ରଣପୁର ରାଜା ଓ ରାଜକର୍ମଚାରୀଙ୍କ ଅନ୍ଧାରି ଶାସନ ଅଧୀନରେ ପ୍ରଜାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅବହେଳା ଓ ଅତ୍ୟାଚାର ବିରୋଧରେ ଲଢ଼ି ପ୍ରାଣବଳି ଦେଇଥିବା ଦୁଇଜଣ ବିପ୍ଳବୀ ବୀର ହେଉଛନ୍ତି ଶହୀଦ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି। ପରାଧୀନ ଭାରତରେ ଓଡ଼ିଶାର ଅଧିକାଂଶ ଗଡ଼ଜାତର ରାଜାମାନେ, ବ୍ରିଟିଶ୍ ସରକାରର ବାହୁଛାୟା ତଳେ ରହି ପ୍ରଜା-ଶୋଷଣରେ ମାତିଥିଲେ। ପ୍ରଜାଙ୍କୁ ବଳପୂର୍ବକ ବେଠି ଖଟାଯାଉଥିଲା, ମାଗଣା ଭେଟି ଦେବାକୁ ପଡୁଥିଲା। ରଣପୁର ପ୍ରଜା ମଣ୍ଡଳର ସଂପାଦକ ଓ ସଂଗଠନ ସଂପାଦକ ଥିଲେ ଯଥାକ୍ରମେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା। ଏହି ଦୁଇ ପ୍ରଚଣ୍ଡ ଦେଶପ୍ରେମୀ ଯୁବକଙ୍କ ନେତୃତ୍ୱରେ ରଣପୁର ପ୍ରଜା ଆନ୍ଦୋଳନ କ୍ରମଶଃ ଶକ୍ତିଶାଳୀ ହୋଇଥିଲା। ନିଜର ଜ୍ଞାନ ବୁଦ୍ଧି ବଳରେ ସେମାନେ ବିଦ୍ରୋହକୁ ତୀବ୍ର, ଶାଣିତ ଓ କୋଠର କରିପାରିଥିଲେ। ବ୍ରିଟିଶ ସରକାରଙ୍କ ଅକଥନୀୟ ଅତ୍ୟାଚାରକୁ ବିରୋଧ କରି ୧୯୩୯ ମସିହାରେ ରଣପୁର ଅଞ୍ଚଳର ହଜାର ହଜାର ପ୍ରଜା ମେଳିବାନ୍ଧି ଅତ୍ୟାଚାରୀ ରାଜାଙ୍କ ରାଜବାଟି ଅଭିମୁଖେ ଅଗ୍ରସର ହୋଇଥିଲେ। ଏହାଦେଖି ତତ୍କାଳୀନ ରାଜା ତାଙ୍କ ରାଜନୈତିକ ଅନୁଚର ବେଜେଲଗେଟ ସାହେବଙ୍କୁ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁର ଡକାଇଥିଲେ। ଉତ୍ୟକ୍ତ ପ୍ରଜାମାନେ ବେଜଲଗେଟଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହି ଜନ ସମାଗମକୁ ଦମନ କରିବାକୁ ଆସିଥିବା ବେଜେଲଗେଟ, ସେଠାରେ ଘଟିଥିବା ଗଣ୍ଡଗୋଳରେ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ବ୍ରିଟିଶ ପ୍ରଶାସନ ରଘୁ-ଦିବାକରଙ୍କୁ ଗିରଫ କରି ହତ୍ୟାକାଣ୍ଡ ମକଦ୍ଦମା ଚଳାଇଥିଲେ। ରଘୁ-ଦିବାକରଙ୍କ ବିରୋଧରେ ମିଛ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ଏବଂ ଉଭୟଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରାଯାଇଥିଲା। ୧୯୪୧ ମସିହା ଆଜିର ଦିନରେ ଏହି ଦୁଇ ବୀର ସଂଗ୍ରାମୀଙ୍କୁ ଫାଶୀ ଦିଆଗଲା। ଦେଶମାତୃକା ପାଇଁ ଶହୀଦ ହୋଇ ଯୁଗଯୁଗ ପାଇଁ ଅମର ହୋଇଗଲେ ଏହି ଦୁଇ ବୀର ସଂଗ୍ରାମୀ।



# 'କ୍ୱିନ୍ ୨'ରେ କଙ୍ଗନା

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାୱତଙ୍କ ଫିଲ୍ମ 'କ୍ୱିନ୍'କୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହା ୨୦୧୪ରେ ଆସିଥିଲା। ବିକାଶ ବହଲ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ରାଜକୁମାର ରାଓ ଓ ଲିଜା ହେଡେନ୍ ମଧ୍ୟ ଅଭିନୟ କରିଥିଲେ। ଏବେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମୂଳ ଫିଲ୍ମ ଭଳି ଏହାର ସିକ୍ୱେଲରେ ବି କଙ୍ଗନା ଲିଡ୍ ରୋଲରେ ନଜର ଆସିବେ। ଏଥିରେ ସେ ରାନୀ ଭୂମିକାରେ ଦେଖାଯିବେ। ମୂଳ ଫିଲ୍ମରେ ସେ ଏକ ଛୋଟ ସହରର ଝିଅ ଭାବେ ଦେଖାଯାଇଥିବାବେଳେ ଏହାର ସିକ୍ୱେଲରେ ସହରୀ ଝିଅ ଭାବେ ନଜର ଆସିବେ। ଏଥିରେ ସେ ଦେଶର ବିଭିନ୍ନ ସହର ବୁଲୁଥିବାର ଦେଖାଯିବେ। ଏହାର ସୁଟିଂ ଚଳିତ ମାସ ଶେଷଆଡ଼କୁ ଆରମ୍ଭ ହେବ। କଙ୍ଗନାଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ଇମରଜେନ୍ସି' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୨୫ରେ ଆସିଥିଲା। 'କ୍ୱିନ୍ ୨' ବ୍ୟତୀତ କଙ୍ଗନା ଏକ ସାଇକୋଲଜିକାଲ ଥ୍ରିଲର୍ ଫିଲ୍ମରେ ମଧ୍ୟ ନଜର ଆସିବେ। ଏହାବାଦ୍ ସେ 'ଭାରତ ଭାଗ୍ୟ ବିଧାତା'ରେ ମଧ୍ୟ ଅଭିନୟ କରୁଛନ୍ତି।

## ରହସ୍ୟମୟ ଗୁମ୍ଫା

# ରୁହନ୍ତି ଦୃଷ୍ଟିବାଧିତ ମାଛ



ଛତିଶଗଡ଼ର ଘଞ୍ଚ ଜଙ୍ଗଲ ଭିତରେ କୁଟୁମସର ଗୁମ୍ଫା ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସଂରଚନା ପାଇଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହା ଏକ ଚୂନପଥର ଗୁମ୍ଫା। ହଜାର ହଜାର ବର୍ଷ ଧରି ଏହି ଗୁମ୍ଫା ମଧ୍ୟକୁ ସୂର୍ଯ୍ୟକିରଣ ପହଞ୍ଚି ନ ଥିବା କୁହାଯାଏ। ଏଠାରେ ଅନେକ ପ୍ରଜାତିର ଜୀବ ବସବାସ କରୁଥିବାବେଳେ ଗୁମ୍ଫା ମଧ୍ୟରେ ଥିବା ଦୃଷ୍ଟିବାଧିତ ମାଛ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ତେବେ ଏହି ମାଛଗୁଡ଼ିକ ଜନ୍ମରୁ ଏପରି ନ ଥାନ୍ତି। ଦୀର୍ଘ ଦିନ ଧରି ଅନ୍ଧକାର ମଧ୍ୟରେ ରହିବା ଦ୍ୱାରା ମାଛଗୁଡ଼ିକ ଆଖିରେ ଚର୍ବି ଭଳି ଏକ ଧଳା ପରସ୍ତ ଚଢ଼ିଯାଏ। ଫଳରେ ସେମାନେ ଦୃଷ୍ଟିଶକ୍ତି ହରାଇ ବସନ୍ତି। ଏହି ମାଛଗୁଡ଼ିକର ଦୃଷ୍ଟିଶକ୍ତି ନ ଥିଲେ ବି ସେମାନେ ଖୁବ୍ ସହଜରେ ରାସ୍ତା ଖୋଜି ନିଅନ୍ତି। ଏହାକୁ ଛତିଶଗଡ଼ର ପାତାଳଲୋକ କୁହାଯାଏ। ଗୁମ୍ଫା ଭିତରକୁ ଦେଖିଲେ ଏହା ଏଲିୟନ୍ ରହୁଥିବା ଅନ୍ୟ ଏକ ଗ୍ରହ ଭଳି ଲାଗିଥାଏ। କେବଳ ସେତିକି ନୁହେଁ, ଗୁମ୍ଫାର ଛାତରୁ ଓହଳି ଥିବା ଚୂନ ପଥର ପ୍ରାକୃତିକ ଝୁମରର ଅନୁଭବ ଦେଇଥାଏ। ଗୁମ୍ଫା ଭିତରର ପରିବେଶ ଏତେ ଶାନ୍ତ ଯେ, ଏଠାରେ ଜଣେ ନିଜର ହୃଦ୍‌ସ୍ପନ୍ଦନ ଶୁଣିପାରିବେ। ଗୁମ୍ଫା ଭିତର ସଦାସର୍ବଦା ଅନ୍ଧାର ରହୁଥିବାରୁ ଏଠାକୁ ଆସୁଥିବା ଲୋକେ ସାଥିରେ ଟର୍ଚ୍ଚ ନେଇ ଆସିଥାନ୍ତି। ବର୍ଷାଦିନେ ଗୁମ୍ଫା ମଧ୍ୟରେ ପାଣି ଭରିଯାଉଥିବାରୁ ଜୁନ୍ ୧୫ରୁ ଏହାକୁ ଚାରିମାସ ପାଇଁ ବନ୍ଦ କରି ଦିଆଯାଏ।

## ପ୍ରହେଳିକା



- ଗଛ ଗୋଟିଏକୁ କାନ୍ଧି ଗୋଟିଏ
ସେ କାନ୍ଧିରେ ଫଳ ଅନେକ ଥାଏ
ଫଳ ପାଚିଗଲେ ହୁଅଇ ଭୋଗ
କଞ୍ଚାବେଳେ ଭଜା ପାଟିକୁ ବାଗ
ତରକାରୀ ପାଇଁ ଲୋଡ଼ା
ପତରରେ ତା'ର ଠାକୁର ପ୍ରସାଦ
ମନ୍ଦିରରେ ହୁଏ ବଢ଼ା।

ଉତ୍ତର :- କଦଳୀ

- କଞ୍ଚାବେଳେ ତରକାରୀ ହୁଅଇ
ପାଚିଲେ ଖାଇବ ଚୋପା କଟେଇ
ଭିଟାମିନ୍ ଭରପୁର ରହିଛି
ପାଞ୍ଚୋଟି ଅକ୍ଷର ନାମ ବହିଛି
ବିଷ ବିପରୀତ ଯାହା ହୋଇବ
ତା' ପାଖରେ ଭଣ୍ଡା ଶବ୍ଦ ଥୋଇବ
ଫଳଟିର ନାମ କହିବ ଯିଏ
ସବୁଠାରୁ ବଡ଼ ବୁଦ୍ଧିଆ ସିଏ।

ଉତ୍ତର :-ଅମୃତଭଣ୍ଡା



- ମାଟି ତଳେ ଫଳ ଫଳିଥାଏ
ଭଜା ଚଟଣି ଓ ଝୋଳହୁଏ
ଦରକାର ତରକାରୀ ପାଇଁ
ତା' ବିନା ତିଅଣ ହୁଏନାଇଁ
ପରଟା ଭିତରେ ଗଲେ ପଶି
ପାଟିକୁ ସୁଆଦ ଲାଗେ ବେଶି
ପଖାଳ ଭାତର ମିତ ସିଏ
ନାଆଁଟି ତାହାର କୁହ କିଏ ?

ଉତ୍ତର :- ଆଳୁ

ଜଗଦୀଶ ସାହୁ
ସଂଜପଡା, ଢେଙ୍କାନାଳ

## ବୈଶାଖ ମାସ

ବର୍ଷ ଆରମ୍ଭରେ ବୈଶାଖ ମାସ,
ସାଥୀରେ ଆଣଇ ଝଡ଼ ବତାସ
ତହ ତହ ତାତି ସହି ନୁହଁଇ
କାଳ ବୈଶାଖୀ ମାଡ଼ି ଆସଇ ॥
ଅକ୍ଷୟ ତୃତୀୟା, ଚନ୍ଦନ ଯାତ
ଚାପରେ ଖେଳନ୍ତି ଶ୍ରୀଜଗନ୍ନାଥ
ଆମ୍ବ ପାଚେ, ପଣସ ପାଚେ
ପାଚଇ ଜାମୁ କୋଳି
ଖରାରେ ବୁଲି କଷ୍ଟେଇ କୋଳି,
ଖାଆନ୍ତି ପିଲେ ତୋଳି ॥
ଖଣ୍ଡିଆ ଭୂତ ଘୁରି ଘୁରିକା
ଆକାଶେ ଯାଏ ଉଠି
ତାଳି ମାରିଣ ପିଲେ ନାଚନ୍ତି
ହୋଇଣ ବଡ଼ ଖୁସି ॥
ଖରାରେ ସିନା ବୁହଇ ଝାଳ
ଲାଗଇ ବଡ଼ ଥକ୍କା
ମାଆ କୁହନ୍ତି ପିଦେ ପଣା
ଲାଗଇ ବଡ଼ ମଜା। ■



ପୁଷ୍ପଲତା ସାହୁ

ଝାରସୁଗୁଡ଼ା

## କାଳବୈଶାଖୀ



ଗ୍ରୀଷ୍ମ କାଳ ଉପରବେଳା
କାଳବୈଶାଖୀ ଆସେ
ଆକାଶ ବକ୍ଷେ କଳା ବାଦଲ
ବିଜୁଳି ସହ ହସେ।
ଝଡ଼ ବେଗରେ ପବନ ବହେ
ବରଷା ଦାଉ ସାଧେ
ଘଡ଼ଘଡ଼ିର ଶବଦ ଶୁଭେ
ଘନ ବିଜୁଳି ମଧ୍ୟେ।
କିଛି ସମୟ ପାଇଁ ସେ ଆସି
ରଚଇ ତା'ର ଖେଳ
ବଜ୍ରାଘାତରେ ନେଇ ଯାଏ ସେ
ବହୁ ନିରୀହ ପ୍ରାଣ।
କାଳବୈଶାଖୀ ଆସୁଛି ଦେଖି
ସତର୍କ ହେବା ଆମେ
ଘର ଭିତରେ ନିରାପଦରେ
ରହିବା ସର୍ବ ଜନେ।
ଗଛ ମୂଳରେ ଆଶ୍ରୟ ନେବା
ନୁହଁଇ ନିରାପଦ
ଗଛ ଉପରେ ବିଜୁଳି ଖସେ
ଏହି କଥାଟି ସତ।
ଆମ ଜୀବନ ଅଟେ ମହାନ
ଏକଥା ମନେ ଭରି
କାଳବୈଶାଖୀ ବିଜୁଳି ଠାରୁ
ରହିବା ହୋଇ ଦୂରୀ। ■



ରାମଚନ୍ଦ୍ର ବେହେରା

ତେନ୍ତୁଳିପଦା, ଜଗତସିଂହପୁର

## ସୁମନ

# ଅସୁବିଧାରେ ଭାଇ ହିଁ ସାହା

ସାନୁ ସବୁବେଳେ ତା'ର ସାନଭାଇ ସିନୁକୁ ଚିଡ଼ାଏ। କେବେ କଥାରେ ତ କେବେ ଇସାରାରେ ତ ଆଉ କେବେ ତା' ଚୁଟିକୁ ଭିଡ଼ି। ବାପାମାଆ ସାନୁ ଉପରେ ରାଗନ୍ତି। କୁହନ୍ତି କାହିଁକି ଛୋଟ ପିଲାଟାକୁ ହଇରାଣ କରୁଛୁ ? ସାନୁ କିନ୍ତୁ କାହାରି କଥା ଶୁଣେ ନାହିଁ। ବାରମ୍ବାର ସେ ସିନୁ ସହିତ ଲାଗେ। ଥରେ ସିନୁକୁ ସାନୁ ଏମିତି ଚିଡ଼େଇଲା ଯେ ସିନୁ କିଛି ନ ଖାଇ ନ ପିଇ କାନ୍ଦି କାନ୍ଦି ଶୋଇପଡ଼ିଲା। ସାନୁକୁ ତା'ର ମାଆ କହିଲେ, ଦେଖିଲୁ ତ ସେ କେତେ ନିରୀହ। ଏସବୁରେ କିନ୍ତୁ ସାନୁକୁ କିଛି ଫରକ ପଡୁ ନ ଥିଲା। ସାନୁର ସାଙ୍ଗ ଇନୁ। ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟରେ ସାଙ୍ଗ ହୋଇ ଦୁହେଁ ପଢ଼ନ୍ତି। ସାନୁର ତ ଚିଡ଼ାଇବା ଅଭ୍ୟାସ ଅଛି। ସେ ଇନୁକୁ ବି ସେମିତି ଚିଡ଼େଇବାକୁ ଲାଗିଲା। ସାନୁର ବ୍ୟବହାରରେ ଅତିଷ୍ଠ ହୋଇ ଇନୁ ତାକୁ ପାନେ ଦେବାକୁ ଉପାୟ ପାଞ୍ଚିଲା। ଦିନେ ଇନୁ ସାନୁକୁ ବିଦ୍ୟାଳୟ ପାଖରେ ଥିବା ଏକ ଖାଲ ପାଖକୁ ଡାକି ସେହି ଖାଲକୁ ଠେଲିଦେଲା। ସ୍କୁଲ ଛୁଟି ହେବା ସମୟ ହେଲା। ସମସ୍ତେ ଯେ ଯୁଆଡ଼େ ଚାଲିଗଲେ। ସଞ୍ଜ ନଇଁ ଆସୁଥାଏ। ଖାଲ ଭିତରେ ପଡ଼ି ସାନୁ ଭୟରେ ଥରୁଥାଏ। କାରଣ ତାକୁ ରାତିସାରା ସେହି ଖାଲରେ ରହିବାକୁ ପଡ଼ିବ। ସେ ଜୋରରେ ଡାକ ପକାଇଲା। ସାନୁର ଡାକ କିନ୍ତୁ କାହାରି କାନରେ ପଡୁ ନ ଥାଏ। ତା' ପାଟିରୁ ବାହାରୁଥାଏ ସିନୁ ମୋତେ ବଞ୍ଚା। ସ୍କୁଲରୁ ଫେରିବାବେଳ ଡେରି ହେବାରୁ ସିନୁ ତା' ଭାଇ ସାନୁକୁ ଖୋଜିଲା। ବାପାଙ୍କୁ ବି କହିଲା। ବାପା ଓ ସିନୁ ମିଶି ସାନୁକୁ ଖୋଜିବାକୁ ବାହାରିଲେ। ବିଦ୍ୟାଳୟ ଚାରିପାଖ ସିନୁ ଖୋଜୁଥାଏ। ହଠାତ୍ ତା'ର ନଜର ଏକ ଖାଲ ଉପରେ ପଡ଼ିଲା। ସେହି ଖାଲପାଖକୁ ଯାଇ ଦେଖେତ ସାନୁ ତା' ଭିତରେ ବସି କାନ୍ଦୁଛି। ଡେରି ନ କରି ବଡ଼ ଦଉଡ଼ିଟିଏ ଆଣିଲା। ପାଖରେ ଥିବା ଏକ ବଡ଼ ଗଛର ଗଣ୍ଡିରେ ଦଉଡ଼ିକୁ ବାନ୍ଧି ଦେଲା। ଦଉଡ଼ିର ଅନ୍ୟ ପାଖକୁ ଖାଲ ଭିତରକୁ ପକାଇଦେଲା। ଦଉଡ଼ି ସାହାଯ୍ୟରେ ସାନୁ ଉପରକୁ ଉଠି ଆସିଲା। ସିନୁ ତା' ପାଖରେ ଥାଏ। ଏତିକିବେଳେ ବାପା ଆସି ପହଞ୍ଚିଲେ। କହିଲେ ଦେଖିଲୁ ତ ସାନୁ ସିନୁର ବୁଦ୍ଧିକୁ। ସାନୁ ଆଉଁସି ଦେଲା ସିନୁର ମୁଣ୍ଡକୁ। ଜେଜେଙ୍କଠାରୁ ଶୁଣିଥିଲା ଅସୁବିଧାରେ ଭାଇ ହିଁ ସାହା। ଆଉ ସିନୁକୁ ଓ ତାର ସାଙ୍ଗମାନଙ୍କୁ କେବେ ସାନୁ ଚିଡ଼ାଇବାର କେହି ଦେଖି ନାହାଁନ୍ତି। ଦୁଇ ଭାଇ ଖୁବ୍ ଖୁସିରେ ଚଳିଲେ। ■





ଶୁଭନାରାୟଣ ଶତପଥୀ

ବିଜିପୁର, ବ୍ରହ୍ମଗିରି, ପୁରୀ

## ତୁମ ଅଙ୍କା ଛବି





ବେଦାନ୍ତ କୁମାର ସାହୁ
ଅଷ୍ଟମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର





ଶୁଭମ୍ ମହାନ୍ତି
ତୃତୀୟ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର





ସୌରଭ ରଞ୍ଜନ କର
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ସ୍କୋୟାର, କଟକ





ଏସ୍. ସାଇ ସଙ୍କେତ
ତୃତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା

**ଚେନ୍ନଇ ସୁପରକିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ**

# ସାମ୍ସନ୍ ଫେଲ୍; ମାହତ୍ରେଙ୍କ ଲତୁଆ ଅର୍ଦ୍ଧଶତକ

ଚେନ୍ନଇ,୩।୪(ଏଜେନ୍ସି)

ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ୍-୨୦୨୬ର ପଞ୍ଜାବ କିଙ୍ଗ୍ସ ବିପକ୍ଷ ୭ମ ଲିଗ୍ ମ୍ୟାଚ୍‌ରେ ଚେନ୍ନଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ସୁପରଷ୍ଟାର ସଞ୍ଜୁ ସାମସନ ୭ରନ୍ କରି ଫେଲ୍ ମାରିଛନ୍ତି। ରାଜସ୍ଥାନ ରୟାଲ୍ସରୁ ଆଣିଥିବା ସାମସନ ଦୁଇଟି ମ୍ୟାଚ୍‌ରେ କ୍ଲିକ୍ କରି ନାହାନ୍ତି। ରାଜସ୍ଥାନ ରୟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସେ ମାତ୍ର ୬ ରନ୍ କରିବାକୁ ସମର୍ଥ ହୋଇଥିଲେ। ସାମସନଙ୍କ ବିଫଳତା ପରେ ଯୁବ ଖେଳାଳି ଆୟୁଷ ମାହତ୍ରେ ଲତୁଆ ବ୍ୟାଟିଂ କରିଛନ୍ତି। ଯାହା ଫଳରେ ପାୱାର ପ୍ଲେ'ରେ ଦଳ ୧ ୱିକେଟ ହରାଇ ୫୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଶେଷ ଖବର ସୁଦ୍ଧା ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ୧୩ ଓଭରରେ ୩ ୱିକେଟ ହରାଇ ୧୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଶିବମ ଦୁବେ ୪ ଓ କାର୍ତ୍ତିକ ଶର୍ମା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଓପନର ତଥା ଟି-୨୦ ବିଶ୍ୱଚାମ୍ପିଅନ ଭାରତୀୟ ଦଳର ଷ୍ଟାର ଖେଳାଳି ସଞ୍ଜୁ ସାମସନ ୭ବଲ୍‌ରେ ୭ ରନ୍ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ଖେଳାଳି ଆୟୁଷ ମାହତ୍ରେ ସର୍ବାଧିକ ୭୩ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ୨୮ ରନ୍ କରି ଆଉଟ



ହୋଇଥିଲେ। ପଞ୍ଜାବ ପକ୍ଷରୁ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜାଭିୟର ବାର୍ଟଲେଟ, ଭାରତର ବିଜୟକୁମାର ବ୍ୟାସକ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ସିଏସ୍‌କେ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ୮ ୱିକେଟରେ ପରାଜିତ ହୋଇଥିଲା। ପଞ୍ଜାବ କିଙ୍ଗ୍ସ କିନ୍ତୁ ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ଖେଳି ଗୁଜରାଟ ଟାଇଟନ୍ସକୁ ୩ ୱିକେଟରେ ହରାଇଥିଲା। ଆଜି ଖେଳାଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସିଏସ୍‌କେ ୨୧ ବର୍ଷ କିମ୍ବା ତା'ଠାରୁ କମ୍ ବୟସର ୪ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ଦେଇଛି। ଏହା ମଧ୍ୟରେ ୧୪.୨୦ କୋଟି ଟଙ୍କାରେ କିଣିଥିବା ଯୁବ ଖେଳାଳି ଉତ୍ତରପ୍ରଦେଶର ଅଲରାଉଣ୍ଡର ପ୍ରଶାନ୍ତ ବୀର ସାମିଲ ରହିଛନ୍ତି।

ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ଟସ୍ ଜିତିବା ପରେ ଚେନ୍ନଇକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସିଏସ୍‌କେର ମୁଖ୍ୟ ଖେଳାଳି ସଞ୍ଜୁ ସାମସନ ଦଳୀୟ ସ୍କୋର ୧୪ ରନ୍ ବେଳେ ୭ ରନ୍ କରି ଆଉଟ ହୋଇଯାଇଥିଲେ। ଏହା ପରେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ସହ ଯୋଗଦେଇ ଆୟୁଷ ମାହତ୍ରେ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଧୈର୍ଯ୍ୟର ସହ ଖେଳି ଏହି ଦୁଇ ବ୍ୟାଟର ପାୱାର ପ୍ଲେ'ରେ ୫୭ ରନ୍ ଉଠାଇବା ପରେ ଆକ୍ରମଣାତ୍ମକ ଖେଳିଥିଲେ। ଏମାନେ ଦ୍ୱିତୀୟ ୱିକେଟରେ ୫୫ ବଲ୍‌ରୁ ୯୬ ରନ୍ ଉଠାଇ ଦଳକୁ ଏକ ଭଲ ପ୍ଲାଟଫର୍ମ ଦେଇଥିଲେ। ଏହା ମଧ୍ୟରେ ମାହତ୍ରେ ୩୮ ବଲ୍‌ରେ ୬୭ ଓ ଗାଏକ୍ୱାଡ ୧୭ ବଲ୍‌ରେ ୨୨ ରନ୍‌ର ଯୋଗଦାନ ଥିଲା। ଏହା ପରେ କ୍ୟାଚ୍ ଡ୍ରପ୍‌ରୁ ମାହତ୍ରେ ଫାଇଦା ଉଠାଇ ପାରି ନ ଥିଲେ। ସେ ୬୮ ରନ୍ କରିଥିଲାବେଳେ ଶଶାଙ୍କ ସିଂ କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଆଉଟ ହେଲା ବେଳକୁ ମାହତ୍ରେ ୪୩ ବଲ୍‌ରେ ୬ ଚୌକା ଓ ୫ ଛକା ସହ ୭୩ରନ୍‌ରେ ଆଉଟ ହୋଇଥିଲେ।

### ଆୟୁଷଙ୍କ ବ୍ୟାଟ୍ ଅଯୋଗ୍ୟ

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଆୟୁଷ ମାହତ୍ରେଙ୍କ ବ୍ୟାଟ୍‌କୁ ଅଯୋଗ୍ୟ ଘୋଷଣା କରିଛନ୍ତି ଅମ୍ପାୟାର। ଯାହା ଫଳରେ ସେ ତାଙ୍କ ପ୍ରଥମ ପସନ୍ଦର ବ୍ୟାଟରେ ଖେଳିବାକୁ ସମର୍ଥ ହୋଇ ନ ଥିଲେ। କିନ୍ତୁ ଏହି ବ୍ୟାଟରେ କିଛି ଅସୁବିଧା ଥିଲା ଭଳି ମନେ ହେଉ ନ ଥିଲା। ବୋଧହୁଏ ଅମ୍ପାୟାର ଠିକ୍ ଭାବେ ବ୍ୟାଟ୍‌କୁ ମାପି ନ ଥିଲେ ବୋଲି ଆଶଙ୍କା କରାଯାଉଛି। ଦୋଷ ଯାହା ହେଉ ନା କାହିଁକି, ମାହତ୍ରେଙ୍କୁ ଏହାର ଶିକାର ହେବାକୁ ପଡ଼ିଛି।

## ହାଇଦରାବାଦ୍ ପାଇଁ ୧୦୦ ଛକା ମାରିଲେ ଅଭିଷେକ

କୋଲକାତା, ୩।୪ (ଏଜେନ୍ସି): ସନରାଇଜର୍ସ ହାଇଦରାବାଦ୍ ବ୍ୟାଟର ଅଭିଷେକ ଶର୍ମା ଇଡେନ ଗାର୍ଡେନ୍ସରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ୨୧ ବଲରେ ୪୮ ରନର ଦ୍ରୁତ ପାଳି ଖେଳିବାରୁ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ୬୫ ରନରେ ପରାସ୍ତ ହୋଇଛି। ଅଭିଷେକ ଏହି ପାଳିରେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଏହି ଅବସରରେ ସେ ଏକ କୀର୍ତ୍ତିମାନ ମଧ୍ୟ ସ୍ଥାପନ କରିଛନ୍ତି। ଆଇପିଏଲ୍‌ରେ ହାଇଦରାବାଦ୍ ପାଇଁ ୧୦୦ ଛକା ମାରିବାରେ ଡେଭିଡ୍ ୱାର୍ଣ୍ଣରଙ୍କ ପରେ ଅଭିଷେକ ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ଅଭିଷେକ ବର୍ତ୍ତମାନ ସୁଦ୍ଧା ହାଇଦରାବାଦ୍ ପାଇଁ ୧୦୧ଟି ଛକା ମାରିଛନ୍ତି। ପୂର୍ବତନ ଅଧିନାୟକ ୱାର୍ଣ୍ଣର ସନରାଇଜର୍ସ ପାଇଁ ୧୪୩ ଛକା ମାରି ଶୀର୍ଷରେ ରହିଛନ୍ତି। ହେନରିଚ କ୍ଲାସେନ (୮୯ଟି) ଓ କେନ ୱିଲିୟମସନ (୬୪ଟି) ଏହି ତାଲିକାରେ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।




**ଆଜିର ଆଇପିଏଲ୍ ମ୍ୟାଚ୍**

| | |
|---|---|
| ଦିଲ୍ଲୀ ବନାମ ମୁମ୍ବଇ | ଗୁଜରାଟ ବନାମ ରାଜସ୍ଥାନ |
| ଭେନ୍ୟୁ-ଦିଲ୍ଲୀ | ଭେନ୍ୟୁ-ଅହମ୍ମଦାବାଦ୍ |
| ଖେଳ ଆରମ୍ଭ : ଅପରାହ୍ଣ ୩ଟା ୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଅଭିଷେକଙ୍କ ୨୫ ପ୍ରତିଶତ ମ୍ୟାଚ୍ ପାଉଣା କଟିବ

କୋଲକାତା, ୩।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯ରେ ସନରାଇଜର୍ସ ହାଇଦରାବାଦ୍ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଗତକାଲି ଇଡେନରେ ଅନୁଷ୍ଠିତ ମ୍ୟାଚରେ ହାଇଦରାବାଦ ୬୫ ରନରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ସନରାଇଜର୍ସର ବିସ୍ଫୋରକ ଓପନର ଅଭିଷେକ ଶର୍ମା ୪ଟି ଲେଖାଏ ଚୌକା



ଓ ଛକା ସହ ୨୧ ବଲରେ ୪୮ ରନର ଦ୍ରୁତ ପାଳି ଖେଳିଥିଲେ। ତେବେ ମ୍ୟାଚ୍ ପରେ ଅଭିଷେକଙ୍କ ଉପରେ ବଡ଼ ଜରିମାନା ଲାଗିଛି। ଆଇପିଏଲ୍‌ର ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ରେଫରୀ ଅଭିଷେକଙ୍କ ମ୍ୟାଚ ପାଉଣାର ୨୫ ପ୍ରତିଶତ ଅର୍ଥ ଜରିମାନା କରିଛନ୍ତି। ଅଭିଷେକ ଆଚରଣ ସଂହିତାର ଧାରା ୨.୩ ଉଲ୍ଲଂଘନ କରି ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଧାରା ମ୍ୟାଚ ସମୟରେ ଅଶ୍ଳୀଳ ଭାଷା କିମ୍ବା ଅପମାନଜନକ ଭାଷା ବ୍ୟବହାର ସହିତ ଜଡ଼ିତ। ପ୍ରତିପକ୍ଷ ବୋଲର ବ୍ଲେସିଙ୍ଗ ମୁଜାରବାନିଙ୍କ ବଲରେ ଆଉଟ୍ ହୋଇ ଫେରିବା ସମୟରେ ଅଭିଷେକ ନୈରାଶ୍ୟବ୍ୟକ୍ତ କରି କିଛି ଖରାପ ଭାଷା ପ୍ରୟୋଗ କରିଥିବା ଜଣାପଡ଼ିଛି।

## ଏନ୍‌ସିଏ କ୍ୟାମ୍ପରେ ଓଡ଼ିଶାର ୩ କ୍ରିକେଟର୍

ଭୁବନେଶ୍ୱର, ୩।୪ (ସମିସ): ବିସିସିଆଇ ଦ୍ୱାରା ପରିଚାଳିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର ୧୬ ବର୍ଷରୁ କମ୍ ଏଲିଟ୍ କ୍ୟାମ୍ପକୁ ଓଡ଼ିଶାର ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଗୁଞ୍ଜନ ସାହୁ, ହିମନିଶ ସାହୁ ଓ ଆଶୁତୋଷ କୁମାର ନାୟକ। ଗତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାରୁ ଏହି ୩ଜଣଙ୍କୁ ଏନ୍‌ସିଏ କ୍ୟାମ୍ପରେ ସାମିଲ କରାଯାଇଛି। ଗୁଞ୍ଜନ ଅହମ୍ମଦାବାଦରେ, ହିମନିଶ ଡେରାଡୁନରେ ଏବଂ ଆଶୁତୋଷ ଜୟପୁରରେ ମେ ୧୧ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶିବିରରେ ଭାଗନେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଗୁଞ୍ଜନ, ଆଶୁତୋଷ ଓ ହିମନିଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

■ ଏସିଆନ୍ ବକ୍ସିଂ ଚାମ୍ପିଅନସିପ୍

## ୩ଟି ପଦକ ନିଶ୍ଚିତ କଲା ଭାରତ



ନୂଆଦିଲ୍ଲୀ,୩।୪(ଏଜେନ୍ସି): ମଙ୍ଗୋଲିଆର ଉଲ୍ଲାନବାତରଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିଅନସିପରେ ଭାରତ ୩ଟି ପଦକ ନିଶ୍ଚିତ କରିଛି। ଭାରତର ୩ଜଣ ବକ୍ସର ନିଖତ ଜରୀନ୍, ପ୍ରିୟା ଓ ପ୍ରୀତି ପାୱାର ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଭାରତକୁ ଅତିକମ୍‌ରେ ୩ଟି କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ସେମିରେ ପରାଜିତ ଖେଳାଳିଙ୍କୁ କାଂସ୍ୟ ପଦକ ମିଳିଥାଏ। ମହିଳା ୫୧ କିଲୋଗ୍ରାମ୍ ଶ୍ରେଣୀରେ ଜରୀନ୍, ୬୦ କେଜିରେ ପ୍ରିୟା ଓ ୫୪ କେଜିରେ ପ୍ରୀତି ପାୱାର ସହଜ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ସେମିଫାଇନାଲରେ ଏମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ବେଶ ମଜଭୁତ ରହିଛନ୍ତି। ପୁରୁଷ ବିଭାଗ ୭୦ କେଜିରେ ଭାଗନେଇଥିବା ଦୀପକ କ୍ୱାର୍ଟର ଫାଇନାଲରୁ ବିଦାୟନେଇଛନ୍ତି।

■ କ୍ୟାଣ୍ଡିଡେଟ୍ସ ଚେସ୍

## ସାଣ୍ଡାରୋଭ୍ ଏକକ ଅଗ୍ରଣୀ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଉଜ୍‌ବେକିସ୍ତାନର ୨୦ ବର୍ଷୀୟ ଖେଳାଳି ଜାଭୋଖୀର ସାଣ୍ଡାରୋଭ୍ ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୪ର୍ଥ ରାଉଣ୍ଡ ସୁଦ୍ଧା ପୁରୁଷ ବିଭାଗରେ ଏକକ ଅଗ୍ରଣୀ ରହିଛନ୍ତି। ୪ର୍ଥ ରାଉଣ୍ଡରେ ସେ ବିଶ୍ୱର ନଂ-୩ ଖେଳାଳି ଫାବିଆନୋ କାରୁଆନୋଙ୍କୁ ପରାସ୍ତ କରି ୩.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ୨.୫ ପଏଣ୍ଟ ସହ କାରୁଆନା ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନିଶ ଗିରି ଓ ଭାରତର ରମେଶବାବୁ ପ୍ରଜ୍ଞାନନ୍ଦ ୨ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ୫ମ ରାଉଣ୍ଡରେ ପ୍ରଜ୍ଞାନନ୍ଦଙ୍କ ସହ ରମେଶ ବାବୁଙ୍କର ମୁକାବିଲା ହେବ। ମହିଳା ବିଭାଗରେ ଆନ୍ନା ମୁଜିଚୁକ ଓ ବିବିସାରା ଆସାଉବାୟେଭା ୨.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଭାରତର ଦୁଇ ପ୍ରତିଯୋଗୀ ପ୍ରଥମ ୪ ରାଉଣ୍ଡରେ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲାବେଳେ ବୈଶାଳୀ ୨ ପଏଣ୍ଟ ଓ ଦିବ୍ୟାଦେଶମୁଖ ୧.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି।

**ବୋଧନା ଶିବାନନ୍ଦନ**

## ଇଂଲଣ୍ଡର ନଂ-୧ ଚେସ୍ ଖେଳାଳି

ଲଣ୍ଡନ,୩।୪(ଏଜେନ୍ସି): ୧୧ ବର୍ଷିୟା ଭାରତୀୟ ବଂଶୋଦ୍ଭବ ଖେଳାଳି ବୋଧନା ଶିବାନନ୍ଦନ ଏବେ ଇଂଲଣ୍ଡର ନଂ-୧ ମହିଳା ଚେସ୍ ଖେଳାଳି ବିବେଚିତ ହୋଇଛନ୍ତି। ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ (ଫିଡେ) ରେଟିଂରେ ବୋଧନା ୨୩୬୬ ରେଟିଂ ପାଇଛନ୍ତି। ଫଳରେ ଇଂଲଣ୍ଡର ଲାନ୍ ୟାଓଙ୍କୁ ଅତିକ୍ରମ କରି ନଂ-୧ ଖେଳାଳି ହୋଇଛନ୍ତି। ତାମିଲନାଡୁର ତିରୁଚିରାପ୍ପଲୀର ବାସିନ୍ଦା ବୋଧନା ୨୦୦୭ରେ ମାତାପିତାଙ୍କ ସହ ଲଣ୍ଡନ ଚାଲିଆସିଥିଲେ। କରୋନାବେଳେ



ଚେସ୍ ଖେଳ ପ୍ରତି ଆଗ୍ରହ ପ୍ରକାଶ କରିଥିବା ଏହି ୧୧ ବର୍ଷିୟା ଖେଳାଳି ଗତବର୍ଷ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଛନ୍ତି। ବର୍ତ୍ତମାନ ପ୍ରକାଶିତ ରେଟିଂରେ ସେ ପ୍ରଥମଥର ଟପ୍-୧୦୦ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଓ ତାଙ୍କ ସ୍ଥାନ ୭୨ରେ ରହିଛି। ସେ ଏବେ ନର୍ଥଲଣ୍ଡନର ବାସିନ୍ଦା। ବୋଧନାଙ୍କ ଏହି ସଫଳତା ଲାଗି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ରିଷି ସୁନକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରିଷି ମଧ୍ୟ ଜଣେ ଭାରତୀୟ ବଂଶୋଦ୍ଭବ ଓ ଇନ୍‌ଫୋସିସ୍ ପ୍ରତିଷ୍ଠାତାଙ୍କ ଜ୍ୱାଇଁ।

## କିଟ୍‌ରେ ଆଇପିଏଲ୍ ଫ୍ୟାନ୍ ପାର୍କ

ଭୁବନେଶ୍ୱର, ୩।୪(ସମିସ): ଆଇପିଏଲ୍‌ର ସମର୍ଥକମାନଙ୍କ ଲାଗି ଏକ ଖୁସିର ଖବର। ଷ୍ଟାଡିୟମ୍‌ରେ ଖେଳ ଦେଖିବାଭଳି ଅନୁଭୂତି ମିଳିବା ସହ ମାଗଣାରେ ଖେଳ ଦେଖିବା ଲାଗି କିଟ୍ ପକ୍ଷରୁ ଏକ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ବିସିସିଆଇର ଅନୁମତିକ୍ରମେ ଏହି ପାର୍କ ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମ୍‌ରେ ସ୍ଥାପନା କରାଯାଇଛି। ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା କରିବାରେ କିଟ୍ ଦେଶରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇଥିବାରୁ ଏଠାରେ ଆଇପିଏଲ୍ ଫ୍ୟାନ୍ ପାର୍କ ଲାଗି ବିସିସିଆଇ ସୁଯୋଗ ଦେଇଛି। ଏଠାରେ ଆସନ୍ତାକାଲିଠାରୁ ବା ଏପ୍ରିଲ ୪ ତାରିଖ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଏହି ଫ୍ୟାନ୍ ପାର୍କ ସର୍ବସାଧାରଣଙ୍କ ଲାଗି ଖୋଲାଯିବ। ଏଠାରେ ଖେଳ ଦେଖିବା ଲାଗି କୌଣସି ଶୁଳ୍କ ନାହିଁ। କିନ୍ତୁ ନିଜ ପସନ୍ଦର ଟିମ୍‌କୁ ସମର୍ଥନ ଜଣାଇବା ଲାଗି ଫେସ୍ ପେଣ୍ଟିଂ, ଶିଶୁମାନଙ୍କ ଲାଗି ସ୍ୱତନ୍ତ୍ର ଖେଳର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାର ଗେମ୍ ଜୋନ୍, ସୁଆଦିଆ ଖାଦ୍ୟ ଷ୍ଟଲ୍, ଭିଆଇପି ଅତିଥିଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଏହି ପାର୍କରେ ଉପଲବ୍ଧ କରାଯାଇଛି। ଓଡ଼ିଶା ବ୍ୟତୀତ ରାଉରକେଲାରେ ବିସିସିଆଇ ପକ୍ଷରୁ ଏପରି ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ଆଇପିଏଲ୍ କୌଣସି ମ୍ୟାଚ୍ ଆୟୋଜିତ ହେଉ




ନ ଥିଲେ ମଧ୍ୟ ବିଭିନ୍ନ ଟିମ୍‌ର ଅନେକ ପ୍ରଶଂସକ ରହିଛନ୍ତି। ଏଣୁ ସେମାନଙ୍କ ଲାଗି ଏହି ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ବା ଶନିବାର ଡବଲ ହେଡର ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ସହ ମୁମ୍ବଇ ଓ ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ସହ ରାଜସ୍ଥାନର ମୁକାବିଲା ହେବ। ସେହିପରି ରବିବାର ମଧ୍ୟ ଡବଲ ହେଡର ମ୍ୟାଚ୍ ଖେଳାଯିବ। ଏହି ଦିନ ହାଇଦରାବାଦ୍ ସହ ଲକ୍ଷ୍ନୌ ଓ ବେଙ୍ଗାଲୁରୁ ସହ ଚେନ୍ନଇର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## କିଙ୍ଗ୍‌ଙ୍କୁ ୫ ୱିକେଟ; ଅଷ୍ଟ୍ରେଲିଆର ସିରିଜ୍ ସୁଇପ୍

ସେଣ୍ଟ କିଟ୍ସ, ୩।୪ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜ କ୍ଲିନସୁଇପ୍ କରିନେଇଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ଅଷ୍ଟ୍ରେଲିଆ ୯ ୱିକେଟରେ ଘରୋଇ ୱେଷ୍ଟଇଣ୍ଡିଜ ମହିଳା ଦଳକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୧୦୩ ଓ ୯୦ ରନରେ ଜିତିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଏଥିସହ ୩-୦ରେ ସିରିଜ ପୋଛିନେଇଛି। ଅଷ୍ଟ୍ରେଲିଆ ଦଳ ମଧ୍ୟ ଏଥିପୂର୍ବରୁ ଟି-୨୦ ସିରିଜକୁ ୩-୦ରେ ଜିତିଥିଲା। ଫଳରେ ଏହି ଗସ୍ତରେ ଉଭୟ ସିରିଜ ଜିତି ଅଷ୍ଟ୍ରେଲିଆ ସିରିଜ ସୁଇପ୍ କରିନେଇଛି। ଶୁକ୍ରବାର ୱାର୍ନର ପାର୍କରେ ଅନୁଷ୍ଠିତ ୩ୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ଲେଗ୍-ସ୍ପିନର ଆଲାନ କିଙ୍ଗ୍‌ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୫.୪ ଓଭରରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଚିନେଲୀ ହେନରୀ ୪୨ ଓ ଅଧିନାୟିକା ହେଲୀ ମାଥ୍ୟୁସ ୩୪ ରନ କରିଥିଲେ। ଅଷ୍ଟ୍ରେଲିଆର କିଙ୍ଗ୍ ୧୦ ଓଭରରେ ମାତ୍ର ୧୯ ରନ ବ୍ୟୟରେ ୫ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ଜର୍ଜିଆ ଭଲ୍ (୨୩ ରନ)ଙ୍କ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା।

## ରାଜ୍ୟ ବାସ୍କେଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୩।୪(ସମିସ): କଟକର ଜେଏନ୍ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ରାଜ୍ୟ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ୍‌କୁ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଓ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ୩୦ଟି ଜିଲ୍ଲା ଓ କ୍ଲବ୍ ଟିମ୍ ଅଂଶଗ୍ରହଣ କରୁଛନ୍ତି। ଆସନ୍ତା ୬ରେ ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା ଓ କୋଷାଧ୍ୟକ୍ଷ ପିକେ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ସାହୁ ସଭା ପରିଚାଳନା କରିଥିଲେ।

**ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍**

## ଶୀତଲ-ପାୟଲଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୩।୪(ସମିସ): ଭାରତର ଶୀତଲ ଦେବୀ ଓ ଓଡ଼ିଶାର ପାୟଲ ନାଗ୍‌ଙ୍କ ଯୋଡି ୱାଲର୍ଡ ଆର୍ଚରୀ ପାରା ସିରିଜ୍‌ରେ କମ୍ପାଉଣ୍ଡ ମହିଳା ଡବଲ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ସାରା ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତର ଏହି ଦୁଇ ପାରା ଆର୍ଚର ଆଜି ଅନୁଷ୍ଠିତ ଫାଇନାଲରେ କାଜାଖସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୦-୧୪୭ ପଏଣ୍ଟରେ ପରାସ୍ତ କରିଥିଲେ। ଉଭୟଙ୍କର ଜନ୍ମରୁ ହାତ ନ ଥିବା ବେଳେ କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମାନସିକତା ବଳରେ ସଫଳତାର




ଶିଖରରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏମାନେ ମଧ୍ୟ ଇଣ୍ଡିଭିଜୁଆଲ କାଟେଗୋରୀର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଫାଇନାଲ ମୁକାବିଲା ହେବ। ଉଭୟଙ୍କ ସଫଳତା ଲାଗି ପାରା ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ନିକଟରେ ଜମ୍ମୁ-କଶ୍ମୀରର ଶୀତଲ ଦେବୀଙ୍କୁ ବିଶ୍ୱର ବେଷ୍ଟ ପାରା ଆର୍ଚରଭାବେ ବିବେଚିତ କରାଯାଇଥିଲା। ଉଭୟ ଶୀତଲ ଓ ପାୟଲଙ୍କ ଇଚ୍ଛାଶକ୍ତି ନିକଟରେ ସେମାନଙ୍କ ଶାରିରୀକ ଅକ୍ଷମତା ହାର ମାନିଛି।

**ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଉଦ୍‌ଯାପିତ**

## ୨୧ ସ୍ୱର୍ଣ୍ଣ ସହ ୫୭ ପଦକ ଜିତି ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୩।୪ (ସମିସ)

ଛତିଶଗଡ଼ରେ ଶେଷ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ମୋଟ ୫୭ ପଦକ ଜିତି



ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛି। ଓଡ଼ିଶା ଜିତିଥିବା ପଦକ ମଧ୍ୟରେ ୨୧ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୨୧ କାଂସ୍ୟ ପଦକ ରହିଛି। ତେବେ ଓଡ଼ିଶାଠାରୁ କମ୍ ଅର୍ଥାତ୍ ମୋଟ୍ ୩୮ଟି (୨୩ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ କାଂସ୍ୟ) ପଦକ ଜିତିଥିଲେ ମଧ୍ୟ ସ୍ୱର୍ଣ୍ଣ ଦୃଷ୍ଟିରୁ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହି ଚାମ୍ପିଅନ ହୋଇଛି। ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଟ୍ରାକ୍ ଆଣ୍ଡ ଫିଲ୍ଡରୁ ସର୍ବାଧିକ ୨୪ଟି ପଦକ ବିଜୟୀ ହୋଇଛନ୍ତି। ଏହାପରେ ସନ୍ତରଣରୁ ୧୬, ଭାରୋତ୍ତୋଳନରୁ ୭, ହକିରୁ ୨, ତୀରନ୍ଦାଜୀରୁ ୭ ଓ କୁସ୍ତିରୁ ଗୋଟିଏ ପଦକ ହାସଲ କରିଥିଲେ। ଶୁକ୍ରବାର ଅନ୍ତିମ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସହ ମୋଟ୍ ୪ଟି ପଦକ ଜିତିଥିଲା। ଏହି ସମସ୍ତ ପଦକ ତୀରନ୍ଦାଜୀରୁ ମିଳିଥିଲା। ପୁରୁଷ ଇଣ୍ଡିଭିଜୁଆଲ୍ ରିକର୍ଭରେ ଅର୍ଜୁନ ଖରା ସ୍ୱର୍ଣ୍ଣ ଓ ସୋମନାଥ ହେମ୍ବ୍ରମ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଅର୍ଜୁନ ଓ ମମିତା ଓରାମ ଯୋଡ଼ି ରୌପ୍ୟ ଏବଂ ପୁରୁଷ ରିକର୍ଭ ଟିମ୍ ଇଭେଣ୍ଟରେ ଅର୍ଜୁନ, ସୋମନାଥ ଓ ରମାଇ ମୁର୍ମୁ ରୌପ୍ୟ ପଦକ ସଫଳତା ପାଇଥିଲେ।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

## ୧ ରନରେ ଜିତି ସେମିରେ ଗ୍ରୀନ୍ସ

ଭୁବନେଶ୍ୱର, ୩।୪ (ସମିସ): ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦଳ ଭାବେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ରୋମାଞ୍ଚକ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀ ମାତ୍ର ୧ ରନରେ ଟାଉନ କ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ଦଳ ୩୦ ଓଭରରେ ୮ ୱିକେଟ୍ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିକୁନ ଦଳନାୟକ ୬୮, ଅଂଶୁମାନ ଯାଦବ ୩୦ ରନ କରିଥିଲେ। ଟାଉନ କ୍ଲବର ଇଶାନ ମହାପାତ୍ର ଓ ମୟଙ୍କ ପଟ୍ଟନାୟକ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଟାଉନ କ୍ଲବ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୮ ୱିକେଟରେ ୧୭୫ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ୩୭ ବଲରୁ ୭୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।



ଗ୍ରୀନ ଏକାଡେମୀର ଜଗନ୍ନାଥ ବେହେରା ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିଲେ। ଏହି ସଫଳତା ଲାଗି ଜଗନ୍ନାଥ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବତନ କ୍ରିକେଟର୍ ରଶ୍ମିରଞ୍ଜନ ସ୍ୱାଇଁ, ଜ୍ୟୋତିରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଆଜିର ମ୍ୟାଚକୁ ଅଜୟ ନାୟକ ଓ ଶାଶ୍ୱତୀ ଶତପଥୀ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS